# ଓଡ଼ିଆ-ମୁଣ୍ଡା ଶବ୍ଦକୋଷ

(ମାତୃଭାଷାଭିତ୍ତିକ ପ୍ରାଥମିକ ଶିକ୍ଷାଦାନ ନିମନ୍ତେ ଏକ ସହାୟକ ଶବ୍ଦକୋଷ)


**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଓଡ଼ିଆ-ମୁଣ୍ଡା ଶବ୍ଦକୋଷ

(ମାତୃଭାଷାଭିତ୍ତିକ ପ୍ରାଥମିକ ଶିକ୍ଷାଦାନ ନିମନ୍ତେ ଏକ ସହାୟକ ଶବ୍ଦକୋଷ)

*ସଂକଳକ ଓ ସମ୍ପାଦନା*

ଡ଼. ପରମାନନ୍ଦ ପଟେଲ

*ମାର୍ଗଦର୍ଶକ :*

ପ୍ରଫେସର ଅଖିଳ ବିହାରୀ ଓତା

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଓଡ଼ିଆ-ମୁଣ୍ଡା ଶବ୍ଦକୋଷ

*ସଂକଳକ ଓ*
*ସମ୍ପାଦନା* : ଡ. ପରମାନନ୍ଦ ପଟେଲ

©*ପ୍ରକାଶକ* : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁଯାରୀ, ୨୦୧୬

*ମୁଦ୍ରଣ* : ଭୋଲାନାଥ ପ୍ରେସ୍
ବମିଖାଲ, ଭୁବନେଶ୍ୱର

(ଓଡ଼ିଆ ସରକାରଙ୍କ ନିର୍ବାଚନୀ ଇସ୍ତାହାରର
କାର୍ଯ୍ୟକାରୀତା ହେତୁ ପ୍ରକାଶିତ)

## ODIA - MUNDA SABDAKOSH

**Compilor &**
***Editor*** : **Dr. Paramananda Patel**

©***Publisher*** : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

**First Edition** : January, 2016

**Printed at** : Bholanath Press
Bomikhal, Bhubaneswar

# ଉପକ୍ରମ

ଭାରତର ଇତିହାସ ଗଭୀର ପ୍ରତ୍ନତାତ୍ତ୍ୱିକ ଗବେଷଣା ଉପରେ ପର୍ଯ୍ୟବେସିତ । ଅତୀତ ସମାଜର ପ୍ରତ୍ୟେକଟି ଦିଗ ଏ ଦିଗରେ ସଠିକ୍ ଉନ୍ମୋଚିତ ହୋଇ ପାରିନଥିଲେ ହେଁ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କର ଚେଷ୍ଟା ଏ ଦିଗରେ ଅବ୍ୟାହତ ରହିଛି । ଭାରତର ପ୍ରାଗୈତିହାସ ସମ୍ପର୍କରେ ଏଯାବତ୍ କୌଣସି ଭିତ୍ତିଭୂମି ସଂପୂର୍ଣ୍ଣ ସଠିକ୍ ଭାବରେ ପ୍ରଦାନ କରିବା ସମ୍ଭବ ହୋଇ ନଥିଲେ ହେଁ, ସୁଲଭ ପ୍ରତ୍ନତାତ୍ତ୍ୱିକ ତଥ୍ୟ ଓ ଭାଷାଗତ ସାମଞ୍ଜସ୍ୟକୁ ଭିତ୍ତି କରି ଭାରତରେ ଆଦିବାସୀ ପରମ୍ପରାର ସୃଷ୍ଟି ସମ୍ପର୍କରେ ଏକ ଅସ୍ପଷ୍ଟ ତଥ୍ୟ ଦିଆଯାଇପାରେ । ଆର୍ଯ୍ୟମାନଙ୍କର ଏଦେଶକୁ ଆଗମନ ପୂର୍ବରୁ ଏଇମାଟିର ମୂଳ ବାସିନ୍ଦା ବା ଜନସମୂହ ବିଶେଷତଃ ବାସୋପଯୋଗୀ ସମତଳଭୂମି ତଥା ନଦୀ ଉପତ୍ୟକାମାନଙ୍କରେ ବାସ କରୁଥିଲେ । ପରିବେଶ ଓ ସାମାଜିକ ଜୀବନ ଧାରାର ଭିନ୍ନତା ଅନୁସାରେ ଭିନ୍ନ ଭିନ୍ନ ଗୋଷ୍ଠୀ ଭିନ୍ନ ଭିନ୍ନ ଜୀବନ ଧାରଣ ପ୍ରଣାଳୀ ଅବଲମ୍ବନ କରୁଥିଲେ । କେହି ଫଳମୂଳ ସଂଗ୍ରହ ଓ ଶୀକାରକୁ ଭିତ୍ତିକରି, କେହି ବା ପୋଡୁଚଷ ଅବଲମ୍ବନ କରି ଜୀବିକା ନିର୍ବାହ କରୁଥିଲେ । କେତେକ ଗୋଷ୍ଠୀ ଧାତୁର ବ୍ୟବହାର କରି ନିଜର କର୍ମ ପନ୍ଥାକୁ ସହଜ ଓ ସରଳ କରିବାକୁ ସକ୍ଷମ ଥିଲେ । କ୍ରମୋନ୍ନତି ପର୍ଯ୍ୟାୟରେ ବିଭିନ୍ନ ଗୋଷ୍ଠୀ ନିଜର ଜୀବିକା ନିର୍ବାହ ପ୍ରଣାଳୀକୁ ଉନ୍ନତ କରିବାକୁ ସକ୍ଷମ ହେଲେ । ଏହି କ୍ରମରେ କେତେକ ଗୋଷ୍ଠୀ ଖାଦ୍ୟ ସଂଗ୍ରହ ବ୍ୟବସ୍ଥାରୁ ଖାଦ୍ୟ ଉତ୍ପାଦନ ସହ ଜନପଦଠାରୁ ଦୂରରେ ରହୁଥିଲେ । ଐତିହାସିକ ତଥ୍ୟାନୁଯାୟୀ ଏହି ମୂଳ ବାସିନ୍ଦା ବା ଜନଜାତି ଗଣ ଏକ ସମୁଦାୟ ଅର୍ଥନୀତି ବା ସମାଜ ବିଶିଷ୍ଟ ଆର୍ଯ୍ୟଜାତିର ଆଗମନ ତଥା ଆକ୍ରମଣ ହେତୁ ଅଗମ୍ୟ ବଣ ଜଙ୍ଗଲରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ଏଭଳି ଅଞ୍ଚଳ ସେତେବେଳେ ଆଟବିକ ରାଜ୍ୟ, ମହାକାନ୍ତାର ଓ ପ୍ରତ୍ୟନ୍ତ ଦେଶ ନାମରେ ପରିଚିତ ଥିଲା । ତେବେ ଏତିକି ତଥ୍ୟ ଭାରତର ଅତୀତ

ଇତିହାସ ଉନ୍ମୋଚନ କରିବାକୁ ଯଥେଷ୍ଟ ଓ ବିଶେଷ ସକ୍ଷମ ନୁହେଁ । ଏହା ଅଧିକ ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଗବେଷଣା ସାପେକ୍ଷ ।

ଭାଷାଗତ ତଥ୍ୟକୁ ନେଇ ଭାରତୀୟ ଇତିହାସରେ ଆଦିବାସୀ ସଂସ୍କୃତିର ବିଭିନ୍ନ ପର୍ଯ୍ୟାୟ ଆଲୋଚନା କରାଯାଇପାରେ । ଭାରତରେ ଜନଜାତି ସମୂହକୁ ଭାଷାଗତ ବର୍ଗୀକରଣ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଥାଏ । ଯଥା(୧) ଭାରତୀୟ - ଆର୍ଯ୍ୟ ଭାଷାଗୋଷ୍ଠୀ, (୨) ଦ୍ରାବିଡ଼ୀୟ ଭାଷାଗୋଷ୍ଠୀ, (୩) ତିବ୍ବତୋ-ବର୍ମିଜ ଭାଷାଗୋଷ୍ଠୀ ଓ (୪) ଅଷ୍ଟ୍ରିକ୍ ଭାଷା ଗୋଷ୍ଠୀ । ଭାରତରେ ଅନ୍ୟୂନ ୪୦୦ ପ୍ରକାର ଆଦିବାସୀ ଭାଷାର ପ୍ରଚଳନ ଦେଖାଯାଏ । ପ୍ରାୟତଃ ଅଧିକାଂଶ ଆଦିବାସୀ ଗୋଷ୍ଠୀର ନିଜସ୍ୱ ଭାଷା ରହିଥିବାର ଜଣାଯାଏ । ତେବେ ଅଧିକାଂଶ ଭାଷା କେବଳ କଥିତ ଭାଷା । ଏ ସବୁର ଲିଖିତ ଲିପି ନାହିଁ । ଆମ ଓଡ଼ିଶାରେ ତିବତୋ-ବର୍ମିଜ ଭାଷା ଗୋଷ୍ଠୀର କୌଣସି ଆଦିବାସୀ ନଥିବାରୁ ଓଡ଼ିଶାର ଆଦିବାସୀମାନଙ୍କୁ ଅବଶିଷ୍ଟ ତିନି ପ୍ରକାର ଭାଷା ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ଦକ୍ଷିଣୀ ଓଡ଼ିଆ କହୁଥିବା ଦେଶିଆ, ମିଆ, ଭତ୍ରା, ଝରିଆ ଓ ମାଟିଆ, ପଶ୍ଚିମାଞ୍ଚଳୀୟ ଓଡ଼ିଆ ବା ସମ୍ବଲପୁରୀ କହୁଥିବା କନ୍ଧାନ୍, ଲରିଆ, ଅଘରିଆ ଓ ଭୂଲିଆ; ଉତ୍ତରାଞ୍ଚଳୀୟ-ଓଡ଼ିଆ ବା ବଙ୍ଗଳା ମିଶ୍ରିତ ଓଡ଼ିଆ କହୁଥିବା କୁର୍ମୀ ସାଦ୍ରି; ଛତିଶଗଡ଼ି ହିନ୍ଦୀ କହୁଥିବା ବିନ୍ଝିଆ, ଔପଭାଷିକ ହିନ୍ଦୀ କହୁଥିବା ବନ୍ଜାରା; ଛତିଶଗଡ଼ି କହୁଥିବା ବଇଗା, ମିଶ୍ରିତ ମରାଠୀ କହୁଥିବା ଭୂଞ୍ଜିଆ, ଓଡ଼ିଆ, ମରାଠୀ ଓ ଛିତିଶଗଡ଼ି ମିଶ୍ରିତ ଭାଷା କହୁଥିବା ହାଲ୍‌ବି ଇତ୍ୟାଦି ଭାରତୀୟ- ଆର୍ଯ୍ୟ ଭାଷା ଗୋଷ୍ଠୀର ଅନ୍ତର୍ଗତ । ପରଜି (ଧାରୁଆ), କୋୟା, କୁଇ (କୁଟିଆ) କୁଭି (ଡଙ୍ଗରିଆ), କନ୍ଦା/କୁବି (କନ୍ଧଡୋରା), ଓଲାରି (ଗଦବା), କୁରୁଖ (ଓରାଓଁ), ଗଣ୍ଡି (ଗଣ୍ଡ), ମାଡ଼ିଆ, କୁଭି (ଜାତାପୁ କନ୍ଧ, ପେଙ୍ଗକନ୍ଧ) ଓ କିସାନ ଇତ୍ୟାଦି ଭାଷା ଗୋଷ୍ଠୀ ଦ୍ରାବିଡ଼ୀୟ

ଭାଷା ପରିବାରର ଅନ୍ତର୍ଗତ । ଅଷ୍ଟ୍ରିକ ଭାଷା ଗୋଷ୍ଠୀରେ ଗତା (ଡିଡାୟୀ), ଗୁତବ୍ (ଗଦ୍‌ବା), ଜୁଆଙ୍ଗ, ବିରହର୍ (ମାଙ୍କିଡ଼ିଆ), ମୁଣ୍ଡାରୀ (ମୁଣ୍ଡା), ସାନ୍ତାଳୀ, ସୋରା (ସଉରା-ଲାଞ୍ଜିଆ, ଜୁରେ, ଆରସି ଇତ୍ୟାଦି) ଗୋରୁମ୍ (ପାରେଙ୍ଗା), ରେମୋ (ବଣ୍ଡା), ଖରିଆ, କୋରୱା, ଭୂମିଜ, ହୋ (ହୋ ଏବଂ କୋହ୍ଲ) ଓ ମାହିଲି (ମାହାଲି) ଅନ୍ତର୍ଗତ ହୋଇଥିବାର ଦେଖାଯାଏ ।

ଅଧିକାଂଶ ଆଦିବାସୀ ଭାଷା କଥିତ ଭାଷା ହୋଇଥିଲେ ହେଁ ଲିପିଥିବା ଭାଷାଗୁଡ଼ିକଠାରୁ ଏସବୁ କୌଣସି ଗୁଣରେ ନ୍ୟୁନ୍ ନୁହେଁ । ଭାଷାତତ୍ତ୍ୱବିଦ୍‌ମାନଙ୍କ ମତରେ ଏସବୁ ଭାଷାରେ ଧ୍ୱନିତତ୍ତ୍ୱ ଓ ଶବ୍ଦ ଭେଦରେ ଦ୍ୱୈତ ସଂରଚନା ବା ଗଢ଼ଣ ସାଙ୍ଗକୁ ସୃଜନ ସାମର୍ଥ୍ୟ (ସୃଜନ ଓ ନୂତନତ୍ୱ) ରହିଛି । ତଥାପି ସାଧାରଣ ଦୃଷ୍ଟିରୁ ଏହା, ଲିଖିତ ସାହିତ୍ୟିକ ପରମ୍ପରା ଯେଭଳି ସୁରକ୍ଷିତ ପରମ୍ପରା ଅନୁବର୍ତ୍ତୀ ରହିଛି, ତାହା ଦେଖିଲେ, ଅତ୍ୟନ୍ତ ପ୍ରଶଂସନୀୟ ମନେ ହୁଏ । ଇତି ମଧ୍ୟରେ କେତେକ ଆଦିବାସୀ ଭାଷା ସ୍ଥାନୀୟ ମୁଖ୍ୟ ଭାଷା ଓଡ଼ିଆକୁ ବ୍ୟବହାର କରି ଏକ ଲିଖିତ ସାହିତ୍ୟିକ ପରମ୍ପରାରେ ମନୋନିବେଶ କଲେଣି । ଆଉ କେତେକ ଭାଷା ନିଜସ୍ୱ ଲିପି ବ୍ୟବହାର କରି ଏ ଦିଗରେ ଅନେକ ଆଗେଇ ଗଲେଣି । ସାନ୍ତାଳମାନଙ୍କ 'ଅଲ୍‌ଚିକି- ହୋ ମାନଙ୍କର ୱାରଙ୍ଗ୍‌ଚିତି ଓ ସଉରାମାନଙ୍କର 'ସୋରାଙ ସୋଙପେଙ' ଏହାର ପ୍ରକୃଷ୍ଟ ଉଦାହରଣ । ଏ ପ୍ରକାର ଲିପିର ବ୍ୟବହାର ଫଳରେ ସେମାନେ ଉଚ୍ଚ ସାହିତ୍ୟିକ ପରମ୍ପରା ସୃଷ୍ଟି ଦିଗରେ ସମର୍ଥ ହୋଇପାରିଛନ୍ତି । ସଂପ୍ରତି ବାର୍ଷିକ କ୍ୟାଲେଣ୍ଡର ବା ପାଞ୍ଜି ଓ ସମ୍ବାଦ ପରିକ୍ରମା ପ୍ରକାଶନ ସାଙ୍ଗକୁ ପରମ୍ପରା ଗତ ସଂଗୀତ, ପ୍ରବାଦ, ପ୍ରହେଳିକା, ସାଙ୍କେତିକ ପ୍ରଶ୍ନ, ଢ଼ଗ ଢ଼ମାଳି, କାହାଣୀ ଇତ୍ୟାଦିକୁ ନେଇ ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରମାଣ କରିପାରିଛନ୍ତି । ସାନ୍ତାଳ ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ହେବା ଉପରାନ୍ତ ଏହି ଭାଷା ଓ ତାର ଲିପିର ପ୍ରଭୂତ ଉନ୍ନତି ସାଧିତ ହୋଇଛି ।

ଭାରତ କାହିଁକି ସାରା ବିଶ୍ୱରେ ଓଡ଼ିଶାର ପ୍ରସିଦ୍ଧି ଦୁଇଟି କ୍ଷେତ୍ର ପାଇଁ ବିଶେଷ ଭାବରେ ପରିଚିତ । ଗୋଟିଏ ହେଲା ଜଗନ୍ନାଥ କ୍ଷେତ୍ର ଓ ଦ୍ୱିତୀୟଟି ହେଲା ଜନଜାତି କ୍ଷେତ୍ର । ଜଗତର ନାଥ ଜଗନ୍ନାଥଙ୍କୁ ସମସ୍ତେ ଜାଣନ୍ତି । ସେ ହେତୁରୁ ଜଗନ୍ନାଥ ପୁରୀ ଓଡ଼ିଶାକୁ ଜାଣନ୍ତି । ଦ୍ୱିତୀୟରେ ଏଠାରେ ସମ୍ବିଧାନ ଦ୍ୱାରା ସ୍ୱୀକୃତି ଲାଭ କରିଥିବା ୬୨ ପ୍ରକାର ଜନଜାତି (ଆଦିବାସୀ) ଏଠାରେ ବସବାସ କରନ୍ତି । ଏମାନଙ୍କର ଭାଷା, ସଂସ୍କୃତି, ଚଳଣିରେ ପ୍ରତ୍ୟେକ ପ୍ରତ୍ୟେକଠାରୁ ଅଲଗା ଭାବରେ ବାରି ହୁଅନ୍ତି । ବହୁ ପୁରାତନ ଆଦିମ ଜନଜାତିଙ୍କଠାରୁ ଆରମ୍ଭ କରି ଆଧୁନିକ ସଭ୍ୟତା ସହ ସମାନ୍ତରାଳ ଭାବରେ ପାଦ ଥାପି ଅଗ୍ରସର ହେଉଥିବା ଗୋଷ୍ଠୀ ଭେଦରେ ଓଡ଼ିଶାରେ ବସବାସ କରୁଥିବା ଜନଜାତି ସମୂହ ବହୁଚର୍ଚ୍ଚିତ । ଏମାନଙ୍କ ବିଷୟରେ ପୁରାଣ ଇତିହାସରୁ ଅନେକ କଥା ଶୁଣିବାକୁ ମିଳେ । ରାମାୟଣ, ମହାଭାରତରେ



● ଚିହ୍ନିତ ଜିଲ୍ଲା ମୁଣ୍ଡା ଭାଷାଭାଷି

ଏମାନଙ୍କ ସମୟରୁ ଏମାନେ ଆର୍ଯ୍ୟମାନଙ୍କ ସହ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ନିଜକୁ ଶିକ୍ଷିତ କରି ଆସିଛନ୍ତି । ତଥାପି ନିଜ ଭାଷା ସଂସ୍କୃତି ସହ ଏକାତ୍ମ ଏମାନେ ମୂଳ ଭାବକୁ ଛାଡ଼ି ନାହାନ୍ତି । ନିଜ ସଂସ୍କୃତି, ଚଳଣି, ଭାଷା ପରମ୍ପରା ମଧ୍ୟରେ ବାନ୍ଧି ରହି ଏମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଫଳରେ ଯୁଗକୁ ଯୁଗ ଏମାନଙ୍କ ଉପରେ ଗବେଷକମାନେ ଅଧ୍ୟୟନ କରି ତାଙ୍କ ଅର୍ନ୍ତନିହିତ ଗୁଣ କୌଶଳକୁ ଲୋକ ଲୋଚନକୁ ଆଣି ତାଙ୍କ ମହନୀୟତା ବର୍ଣ୍ଣନା କରି ଆସୁଛନ୍ତି ।

ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ଜନଜାତି ଭାଷା ଗୋଷ୍ଠୀମାନଙ୍କ ମଧ୍ୟରେ ମୁଣ୍ଡା (ମୁଣ୍ଡାରୀ) ଭାଷାର ସ୍ୱାତନ୍ତ୍ର୍ୟ ରହିଛି । ଭୂମିଜ, ମୁଣ୍ଡାରୀ, ମୁଣ୍ଡା ଏହି ସମସ୍ତ ସଂପ୍ରଦାୟ ସାମ୍ବିଧାନିକ ଦୃଷ୍ଟିରୁ ଭିନ୍ନ ପରିଗଣିତ ହେଉଥିଲେ ମଧ୍ୟ ଭାଷା ଦୃଷ୍ଟିରୁ ମୁଣ୍ଡା / ମୁଣ୍ଡାରୀ ଭାଷାର ଅଧିକାରୀ ଅଟନ୍ତି । ଏମାନଙ୍କ ସଂସ୍କୃତିରେ ମଧ୍ୟ ଉଣା ଅଧିକେ ସମାନତା ପରିଦୃଷ୍ଟ ହୋଇଥାଏ । ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ମୁଣ୍ଡା ଭାଷାଭାଷିଙ୍କ ଘନ ଜନବସତି ରହିଛି । ମୁଣ୍ଡାମାନେ ପରିଶ୍ରମୀ ଜନଜାତି ହିସାବରେ ନିଜର ସ୍ୱତନ୍ତ୍ର ପରିଚିତି ବଜାୟ ରଖିଛନ୍ତି । ଜମି ଜଙ୍ଗଲ ସହିତ ଏମାନେ ଓତଃପ୍ରୋତଃ ଭାବେ ଜଡିତ ହୋଇଥିଲେ ସୁଦ୍ଧା ଖଣି ଖାଦାନରେ କାମ କରି ଏମାନଙ୍କର କୁଶଳତା ପ୍ରମାଣିତ କରିପାରିଛନ୍ତି ।

ଏମାନେ ସ୍ଥାୟୀ କୃଷିଜୀବି ତଥା ଖଣିଖାଦାନ ଶ୍ରମିକ ହିସାବରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଆର୍ଥିକ ସ୍ୱାବଲମ୍ବୀ ଆଡ଼କୁ ଅଗ୍ରସର ହେବାରେ ଲାଗିଛନ୍ତି । ସଂସ୍କୃତି ସହିତ ଏମାନଙ୍କର ଅର୍ନ୍ତଭୁକ୍ତି ଯୋଗୁଁ ଭାଷାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାରେ ଓ ଭାଷାର ବିକାଶ ନିମନ୍ତେ ଏମାନେ ଯଥାଯୁକ୍ତ ଧ୍ୟାନ ଦେବାରେ ଲାଗିଛନ୍ତି ।

ମୁଣ୍ଡା ଘନ ଜନବସିତି ଅଞ୍ଚଳରେ ଏମାନେ ନିଜ ଭାଷାରେ ଭାବଗତ ଆଦାନପ୍ରଦାନ କରୁଥିବାରୁ ଅନ୍ୟ ଭାଷା ବୁଝିବାରେ ଓ ବୁଝାଇବାରେ ଅନେକ

ଅସୁବିଧା ସୃଷ୍ଟି ହୋଇଥାଏ । ପ୍ରାଥମିକ ଶିକ୍ଷାରେ ଏହି ଅସୁବିଧା ଯୋଗୁଁ ମୁଣ୍ଡା ଭାଷାଭାଷି ପିଲାଙ୍କୁ ରାଜ୍ୟ ଭାଷାରେ ଶିକ୍ଷାଦାନ ଦେବା କଷ୍ଟ ହୋଇଥାଏ । ଏହାକୁ ଆଖି ଆଗରେ ରଖି ସର୍ବଶିକ୍ଷା ଅଭିଯାନ ମାଧମରେ ମାତୃଭାଷା କେନ୍ଦ୍ରିକ ବହୁଭାଷିକ ଶିକ୍ଷାଦାନର ପରିକଳ୍ପନା କରାଯାଇଛି । ପରିକଳ୍ପିତ ଓଡ଼ିଆ - ମୁଣ୍ଡା ଶବ୍ଦକୋଷ ସେହି ପିଲା ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ । ଏଥିରେ ନିତିଦିନିଆ ବ୍ୟବହାରରେ ଆସୁଥିବା ଶବ୍ଦ ଓ ବାକ୍ୟ ସହ କଥୋପକଥନ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପାଠ୍ୟ ବହିର ସରଳ ଅର୍ଥବୋଧ ସମ୍ବଳିତ ଏକ ପୁସ୍ତିକା ସଂକଳିତ ହୋଇଛି । ଏହି ପୁସ୍ତିକା ଶିକ୍ଷକମାନଙ୍କ ବ୍ୟବହାରରେ ଆସିବା ସହ ଅଭିଭାବକ ଛାତ୍ରଛାତ୍ରୀ ତଥା ଶିକ୍ଷା ସହିତ ସଂପୃକ୍ତ ସମସ୍ତ କର୍ମକର୍ତ୍ତାଙ୍କ ସତ୍‌ବ୍ୟବହାରରେ ଆସିବ ବୋଲି ଆଶା ଓ ବିଶ୍ୱାସ । ରାଜ୍ୟ ସରକାରଙ୍କ ନିର୍ବାଚନୀ ଇସ୍ତାହାର ପାଣ୍ଠି ସହାୟତାରେ ଏହି ପ୍ରକଳ୍ପ ସଫଳ ହୋଇପାରିଛି ।

ଅଖିଳ ବିହାରୀ ଓତା

## - ଅ -

ଅତିଥି - ଆମ ଘରକୁ ଅତିଥି ଆସିଛନ୍ତି ।
କୁଣ୍ଡୁଏ - ଆଲେ ଅୱାତେ କୁଣ୍ଡୁଏକ ହୁଜୁଏ କାନା ।
ଅଙ୍କନ - ଗୋଟିଏ କାଉର ଅଙ୍କନ କର ।
ଅଙ୍କା - ମିଏଡ଼୍ କାଆ ପଟ ଅଙ୍କାଏ ପେ ।
ଅଭିଭାବକ - ଅଭିଭାବକ ତମର ଯତ୍ନ ନିଅନ୍ତି ।
ଏଙ୍ଗାଆପୁ - ଏଙ୍ଗା ଆପୁ ଆମାଃ ଯତନକ ଇଡିଆ ।
ଅଭ୍ୟାସ - ଗୀତ ଗାଇବା ଅଭ୍ୟାସ କର ।
ସେବେ - ଦୁରେଂ ଲାଗିଡ୍ ସେବେନ ପେ ।
ଅଭିନୟ - ରବି ଭଲ ଅଭିନୟ କରି ଜାଣେ ।
ଅଭିନୟ (ଇନ୍ନୁଂ) - ରବି ବୁଗିନ୍ ଅଭିନୟ ଆଦାନା ।
ଅଜା - ଆମ ଅଜାଙ୍କ ନାମ ।
ତାତା - ଆଲେୟାଆ ତାତାଆ ନୁତୁମ୍ ।
ଅଧିକ - ମୁଁ ସମସ୍ତଙ୍କ ଠାରୁ ଭଲ ପାଠ ଜାଣେ ।
ପୁରେଏଃ - ଆଞ୍ଜ୍ ସାବିନ୍ କୱାଏତେ ପୁରେଏ ପାଳାଅଞ୍ଜ୍ ଏତୟା ।
ଅମୃତ - ଅମୃତ ଖାଇଲେ କେହି ମରନ୍ତି ନାହିଁ ।
ଅମୃତ - ଅମୃତ ଜମ୍‌କେଏଭେ ଅକୟଅ କାକ ଗଜୁଆ ।
ଅଣ ଓସାରିଆ - ଆମ ଗ୍ରାମକୁ ଅଣଓସାରିଆ ରାସ୍ତାଟିଏ ଅଛି ।
ବାତାରି - ଆଲେ ହାତୁତେ ସୁଳିହରା ମେନାଆ ।
ଅପେକ୍ଷା - ମୁଁ ତୁମକୁ ଅପେକ୍ଷା କରି ଆସିଛି ।
ତାଙ୍ଗି - ଆଞ୍ଜ୍ ଆମକେ ତାଙ୍ଗିକାତେଞ୍ଜ୍ ହୁଜୁୱେ ।
ଅକ୍ଷର - ତୁମର ଅକ୍ଷର ବହୁତ ସୁନ୍ଦର ଅଟେ ।
ଅନଲ୍ - ଆମାଆ ଅନଲ୍ ଏସୁ ବୁଗେନେ ।
ଅଠା - ଅଠାରେ କାଗଜ ଲଗାଯାଏ ।
ଆଟା - ଆଟାତେ କାଗଜ'କ ଜୁୱେଏୟା ।
ଅକଲ ଗୁଡୁମ - ମୃତ୍ୟୁ ଖବର ପାଇ ମୋର ଅକଲ ଗୁଡୁମ ହେଲା ।
ଆକାବାକା - ଗନଏ ଖବର ଆୟୁମତେ ଆଞ୍ଜ୍ ଅକାବାକାଜାନୀ ।
ଅଧଃକ୍ରମ - ମୁଁ ଅଧଃକ୍ରମରେ ନାମ ଗୁଡିକ ପଢିଲି ।
ଲାତାରଲାତାର - ଆଞ୍ଜ୍ ଲାତାର ଲାଟାର ନୁତୁମକଞ୍ଜ୍ ପାଳାୱକେଡା ।

| | | |
|---|---|---|
| ଅମ୍ଳ | - | ଅମ୍ଳରସ ପିଇହୁଏ ନାହିଁ । |
| ମରଏ | - | ମରଏ ରାଶି କାହା ନୁଉ ଦାୟିଓ୍ୱା । |
| ଅନ୍ନ | - | ଅନ୍ନ ବିନା ଆମେ ବଞ୍ଚି ପାରିବା ନାହିଁ । |
| ମାଣ୍ଡି | - | ମାଣ୍ଡି ବାଗେକାତେ ଆବୁକାବୁ ଜିଇଡୁଆ । |
| ଅଣ୍ଟା | - | ବୁଢା ବୁଢୀ ମାନେ ଅଣ୍ଟା ସଳଖି ପାରନ୍ତି ନାହିଁ । |
| ମାୟାଙ୍ଗ | - | ବୁଲେ ବୁଲିକ ମାୟାଙ୍ଗ କାକ ଦାୟେଃ । |
| ଅଁଳା | - | ଅଁଳାତେଲ କେଶକୁ ଭଲ । |
| ମେରେଲ୍ | - | ମେରେଲ୍ ଶୁନୁମ୍ ବାଲେ ଲାଗିଡ୍ ବୁଗିନେ । |
| ଅଞ୍ଚଳ | - | ଆମ ଅଞ୍ଚଳ ଜଙ୍ଗଲରେ ପୂର୍ଣ୍ଣ । |
| ଜାଗା | - | ଆଲେ ଜାଗା ବୁରୁତେଗେ ପେରେୟା କାନା । |
| ଅରମା | - | ଆମେ ଆମ ବାଡିର ଅରମା ସଫାକରୁ । |
| ଅନୁଚ୍ଛେଦ | - | ତୁମେ ପ୍ରତିଦିନ ପାଞ୍ଚୋଟି ଅନୁଚ୍ଛେଦ ସାହିତ୍ୟ ପଢ । |
| ଆଙ୍କା | - | ସାନିଦିନ୍ ଆମ୍ ମଣେୟା ଆଙ୍କା ପାଲାଅଏ ମେ । |
| ଅଧ୍ୟୟନ | - | ଧର୍ମପୁସ୍ତକ ଅଧ୍ୟୟନ ଜୀବନ ପାଇଁ ଭଲ । |
| ପାଲାଅ | - | ଧରମ କିତେବ ପାଲାଅ ଜୀବନ ଲାଗିଡ୍ ବୁଗିନେ । |
| ଅସନା | - | ପିଲାଟି ବହୁତ ଅସନା ହୋଇଛି । |
| ଅଜରା | - | ହନ୍ ଏସୁପୁରେଏ ଅଜରା କାନା । |
| ଅକଲ | - | ବଣରେ ବାଘଦେଖି ମୋର ଅକଲ ହଜିଗଲା । |
| ସେୟାଁ | - | ବୁରୁରେ କୁଲେନେଲତେ ଆଞ୍ଜାଆ ସେୟାଁ ଆଡ୍‌ଜାନା । |
| ଅଟ୍ଟାଳିକା | - | ଧନୀକମାନେ ଅଟ୍ଟାଳିକାରେ ରହନ୍ତି । |
| ବାଙ୍ଗାଲା | - | ମୁଣ୍ଡେତାନ୍‌କ ବାଙ୍ଗାଲା ରେକ ତାଇନେ । |
| ଅଳନ୍ଧୁ | - | ରୋଷେଇ ଘରେ ଅଳନ୍ଧୁ ଲାଗେ । |
| ଉଲୁଃନ୍ଦେ | - | ମାଣ୍ଡି ଅଓ୍ୱାରେ ଉଲୁନ୍ଦେ ଓ୍ୱା । |
| ଅଳପ | - | ମଦଖାଇଲେ ଅଳପ ଆୟୁ ହୁଏ । |
| ହୁଲିଂ | - | ବୁଲେନ୍‌ତେୟାଃ ନୁଉଇରେ ଜିନିଡ୍ ହୁଲିନ୍ଦେ ଓ୍ୱା । |
| ଅଳିଆ | - | ଅଳିଆ ଗାତରେ ଗଦାକରି ପୋତି ପକାଅ । |
| ଜବରା | - | ଜବରାକ ଦଲାରେ ହୁଣ୍ଡିକେଏତେ ତପା ତାଆପେ । |
| ଅନ୍ଧ | - | ଅନ୍ଧକୁ ବାଟ ଦେଖେଇ ଦିଅ । |

| | | |
|---|---|---|
| ଅନ୍ଧ | - | ଅନ୍ଧକୁ ବାଟ ଦେଖାଇଦିଅ । |
| କାଣା | - | କାଣାକେ ହରା ଉଦୁବେଇପେ । |
| ଅସୁମାରି | - | ରାତିରେ ଅସୁମାରି ତାରା ଦେଖାଯାନ୍ତି । |
| ଲାଲି | - | ନିଜେ ଏସୁଲାଲି ଇପିଲ୍କ ନେଲଓ୍ୱା । |
| ଅସମ୍ଭବ | - | ଅସମ୍ଭବ ବୋଲି କେବେ କହ ନାହିଁ । |
| କାହାହବାନା | - | କାହାହବାନା ମେନ୍ତେ ଆଲମ୍ କାଜିଇୟେ । |
| ଅମ୍ବର | - | ନୀଳ ଅମ୍ବର, ଭାରି ସୁନ୍ଦର । |
| ରିମିଲ | - | ନିଲ୍ ରିମିଲ ଏସୁ ସୁନ୍ଦରା । |
| ଅସ୍ତ | - | ଅସ୍ତ ବେଳେ ସୂର୍ଯ୍ୟ ଲାଲ୍ ଦେଖାଯାଏ । |
| ଆସୁର | - | ଆସୁର ସିଙ୍ଗି ଆରାଆ ଗେଏଃ ନେଲଓ୍ୱା । |
| ଅମର | - | ଦେଶ ପାଇଁ ପ୍ରାଣ ଦେବା ବ୍ୟକ୍ତି ଅମର ହୁଅନ୍ତି । |
| ନୁତୁମତାଇନେ | - | ଦେଶୁମ୍ ଲାଗିଡ୍ ଜୀବନ ସେନଅକଓ୍ୱା ନୁତୁମ ତାଇନେ । |
| ଅପରିଷ୍କାର | - | ଅପରିଷ୍କାର ହୋଇ ରହିଲେ ରୋଗ ହୁଏ । |
| ଟାକାରାଗେ | - | ଟାକାରାଗେ ତାଇନ୍‌ରେ ରୁଗା ବାୟୁଓ୍ୱା |
| ଅମଳ | - | ଫସଲ ଅମଳ ସମୟେ ଚାଷୀ ଖୁସି ହୁଏ । |
| ଖ୍ରିତିନାମେ | - | ଖ୍ରିତିନାମେ ସମାଏ ଚାଷତାନିଇ ରାଆସଓ୍ୱାଏ । |
| ଅପାର | - | ଅପାର ଧନ ଅପେକ୍ଷା ପ୍ରେମ ଭଲ । |
| ଏସୁପୁରେଏ | - | ଏସୁପୁରେଏ ବିତି ବଦଲ ରାଆଁସା ବୁଗିନେ । |
| ଅବଶିଷ୍ଟ | - | ଅବଶିଷ୍ଟ ସମୟ ମୁଁ ବଗିଚା କାମ କରେ । |
| ବାକି | - | ବାକି ସମଏ ଆଞ୍ଜ୍ ବାଗାନ୍ ପାଇଟି ରେଞ୍ଜ୍ ତାଇନେ । |
| ଅନ୍ତର | - | ମନ୍ଦ ଅଭ୍ୟାସକୁ ନିଜଠାରୁ ଅନ୍ତର କର । |
| ସାନିଙ୍ଗ | - | ଖାରବ୍ ସେବେ ଆପାନ୍‌ତାଆଏତେ ସାନିଙ୍ଗେ ପେଃ । |
| ଅଳ୍ପ | - | ମୁଁ ଅଳ୍ପ କହେ ବେଶୀ କରେ । |
| ହୁଲିଙ୍ଗ | - | ଆଞ୍ଜ୍ ହୁଲିଙ୍ଗ ଗେଞ୍ଜ ଜାଗାରା; ପୁରେଏଞ୍ଜ୍ ପାଇଟିଏ । |
| ଅଳ୍ପାୟୁ | - | ନିଶା ସେବନ କଲେ ଅଳ୍ପାୟୁ ହୁଏ । |
| ହୁଲିଂଜିନିଡ୍ | - | ବୁଲେନତେୟା ନୁଉଇରେ ଜିନିତ୍ ହୁଲିଂଙ୍ଗେନା । |
| ଅମଙ୍ଗ | - | ମିଳି ବଣକୁ ଯିବାକୁ ଅମଙ୍ଗ ହେଲା । |
| କାୟାଆ | - | ମିଳି ବୁରୁ ସେନଅ ଲାଗିଡ୍ କାୟାଆଜାନା । |

| | | |
|---|---|---|
| ଅସ୍ତ୍ର | - | ଯେ ଅସ୍ତ୍ର ଧାରଣ କରେ ସେ ଅସ୍ତ୍ରରେ ମରେ । |
| ଗଗଏଃ ସାମାନ | - | ଅକଏ ଗଗଏଃ ସାମାନେଏ ସାବେୟା ଆଏ ଗଗଏଃ ସାମାନ ତେଗେଏ ଗଜ୍ଜୁଓ୍ୱା । |
| ଅଳି | - | ମିନି ସ୍କୁଲକୁ ଯିବା ନିମନ୍ତେ ଅଳି କରୁଛି । |
| ଗେଜରା | - | ମିନି ସ୍କୁଲ ସେନଅ ଲାଗିଡେଏ ଗେଜରା ତାନା । |
| ଅର୍ଦ୍ଧରାତ୍ର | - | ଚୋର ଅର୍ଦ୍ଧରାତ୍ରରେ ବାହାରେ । |
| ତାଲାନିଦେ | - | କୁମୁଉ ତାଲାନିଦେଏ ଅଣ୍ଡଗା |
| ଅଦ୍ଭୁତ | - | ଆକାଶରେ ବେଳେ ବେଳେ ଅଦ୍ଭୁତ ଦୃଶ୍ୟ ଦେଖାଯାଏ |
| ଏସୁତାନ୍‌ଗା | - | ଗିମିଲରେ ମିସେ ମିସେ ଏସୁତାନ୍‌ଗାନେଲ୍ ନେଲାମଓ୍ୱା । |
| ଅଧା | - | ବଗିଚାର ଅଧା କାମ ଆମେ କରିବୁ । |
| ତାରା (ଆଧା) | - | ବାଖାନ୍‌ରେୟା ତାରା ପାଇଟି ଆଲେ ପାଇଟିୟେ । |
| ଅଧିର | - | ଦୁଃଖ ବେଳେ ଆମେ ଅଧିର ହେଉ । |
| ହାପା | - | ଦୁକୁ ଇମିତେ ଆବୁ ହାପାରେନା ଓ୍ୱାବୁ । |
| ଅଦାଲତ | - | ଆମ ରାଜ୍ୟରେ ସର୍ବୋଚ୍ଚ ଅଦାଲତ ଅଛି । |
| କାଚାରି | - | ଆବୁ ରାଜ୍ୟରେ ମାରାଂ କାଚାରି ମିନାଃଆ । |
| ଅବିବେକି | - | ଅବିବେକି ବିନଷ୍ଟ ହେବ । |
| ଅବଜ୍ଞା | - | ବାପା ମାଆଙ୍କ ଆଦେଶ ଅବଜ୍ଞା କରନାହିଁ । |
| କାହାମାନାତିଙ୍ଗ୍ | - | ଏଙ୍ଗାଆପୁକଓ୍ୱା କାଜି କାହାମାନାତିଙ୍ଗ୍ କାହାବୁଗିନେ । |
| ଅଫିସର | - | ଆମ ସାହିକୁ ଜଣେ ଅଫିସର ଆସିଥିଲେ । |
| ଦିକୁ | - | ଆଲେ ସାଇତେ ମିଏତ୍ ଦିକୁ ହୁଜୁଉଲେନା |
| ଅଶେଷ | - | ପ୍ରେମ ଅଶେଷ ଅଟେ । |
| କାହାଚାବାନା | - | ରାଆସା କାହା ଚାବାନ୍ ତେୟାଃ । |
| ଅବଶ୍ୟ | - | ଆମେ ଅବଶ୍ୟ ଦେଶସେବା କରିବାକୁ ହେବ । |
| ଏନ୍‌ରେୟଃ | - | ଆବୁ ଏନ୍‌ରେୟଃ ଦେଶୁମ୍‌ସେବା ପାଇଟିତେ ହବାନା । |
| ଅଚ୍ଛକ୍ଷଣ | - | ଇନ୍ଦ୍ରଧନୁ ଅଚ୍ଛକ୍ଷଣ ଦେଖାଯାଏ । |
| ମିଦଣ୍ଡେ | - | ରୁଉଲ୍‌ବିଙ୍ଗ୍ ଅଙ୍ଗ୍ ମିତ୍ ଦଣ୍ଡେ ନେଲଓ୍ୱା । |
| ଅସ୍ଥି | - | ଆମେ ଦେହରେ ୨୦୬ ଖଣ୍ଡ ଅସ୍ଥି ଅଛି । |
| ଜାଂ | - | ଆବୁ ହମଅରେ ୨୦୬ ଟା ଜାଂ ମେନାଆ । |

ଅସହଯୋଗ - ଅସହଯୋଗରେ ବିକାଶ ନାହିଁ ।

କାହାଜେଙ୍ଗା - କାହାଦେଙ୍ଗାରେ ରାକାବ୍ ବାନଓ୍ଵା ।

ଅଝଟ - ଅଝଟ କରିବା ମନ୍ଦ ଅଟେ ।

ଗେଜେରା - ଗେଜେରା କାହା ବୁଗିନେ ।

ଅର୍ଥ - ପରିଶ୍ରମ କରି ଅର୍ଥ ଉପାର୍ଜନ କର ।

ଟାକା - ପାଇଟି କେଏତେ ଟାକା ନାଲାଏପେ ।

ଅବସ୍ଥିତି - ନଈର ଅବସ୍ଥିତି ଆମ ପାଇଁ ମଙ୍ଗଳ ଜନକ ।

ଡାଇନ୍ - ଗାଲା ଡାଇନ୍‌ତେୟାଃ ଆବୁ ଲାଗିଡ୍ ବୁଗିନେ ।

ଅନୁମାନ . - ଅନୁମାନ ଦ୍ୱାରା କାର୍ଯ୍ୟ ସଫଳ ହୁଏ ନାହିଁ ।

ଆନଦାଜ - ଆନ୍‌ଦାଜ ତେଗେ ପାଇଟି ବୁଗିଲେକା କାହାହବାନା ।

ଅନେକ - ଆମ ଦେଶରେ ଅନେକ ସମସ୍ୟା ଅଛି ।

ଏସୁ - ଆବୁ ଦେଶମ୍‌ରେ ଏସୁ ତାକ୍‌ଲିବ୍‌କ ମେନାଆ ।

ଅଦଳବଦଳ - ପୂର୍ବକାଳରେ ଅଦଳବଦଳ ଦ୍ୱାରା କିଣାବିକା ହେଉଥିଲା ।

ବପଦଲ୍ - ସିଦେମୁନୁ ବପଦଲତେ କିରଙ୍ଗ ଆକାରିଙ୍ଗ ହବାନ୍ ତାନ୍ ଟାଇକିନା

ଅଣ୍ଡା - ଅଣ୍ଡା ର କେଶର ଦେହ ପାଇଁ ଭଲ ।

ଅଣ୍ଡା(କାରମ୍) - ଆଣ୍ଡା ରେୟାଃ କେଶର ହମଅ ଲାଗିଡ୍ ବୁଗିନେ ।

ଅଷ୍ଟମ - ମୋ ଭଉଣୀ ଅଷ୍ଟମ ଶ୍ରେଣୀରେ ପଢେ ।

ଇରିଲ୍ - ଆଞ୍ଜାଆ ମାରାଂ ଦାଇ ଇରିଲ୍ କିଲାସ ରେଏ ପାଲାଓ୍ଵା ।

ଅନୁସାରେ - ଉଚ୍ଚତା ଅନୁସାରେ ଠିଆ ହୁଅ ।

ହସେବ୍‌ତେ - ସାଲିଙ୍ଗି ହିସେବ୍‌ତେ ତିଙ୍ଗୁନ୍ ପେ ।

ଅନ୍ତନଳୀ - ଅନ୍ତନ୍ଦଳୀ ସଫା କରିବାକୁ ଯଥେଷ୍ଟ ପାଣି ଆବଷ୍ୟକ ।

ପୁଟା - ପୁଟା ସାଫା ଲାଗିଡ୍ ଲାଲି ଦାଆ ଦରକାର ।

ଅନେଇବା - ଭିକାରୀଟି କରୁଣ ଦୃଷ୍ଟିରେ ଅନାଇଛି ।

ହେତା - କଏଁ ଡାନିର ଚିନ୍ ଆଶାର୍ ମେଡ୍ ତେଏ ନେଲ୍‌ତାନା ।

ଅଣ୍ଡାକୃତି - ପୃଥିବୀର କକ୍ଷପଥ ଅଣ୍ଡାକୃତି ଅଟେ ।

ଆଣ୍ଡାଲେକା - ଦେଶୁମ ରେୟାଃ କକ୍ଷହରା ଆଣ୍ଡାଲେକା ମେନାଆ ।

ଅନ୍ଧାର - ଅନ୍ଧାର ରାତିରେ ଚୋର ଭୟ ଥାଏ ।

| | | |
|---|---|---|
| ନୂବେଏ | - | ନୂବେଏ ନିଦେରେ କୁମ୍ବୁଉ ବର ତାଇନେ । |
| ଅର୍ଦ୍ଧକ ଅଂଶ | - | ମୋ ମିଠେଇ ଅର୍ଦ୍ଧେକ ଅଂଶ ସାନ ଭାଇକୁ ଦେଲି । |
| ବାରାବାରି | - | ଆଞ୍ଜ୍ ମିଠାଇ ରେୟାଃ ବାରାବାରିତେ ଉଣ୍ଡିଜ୍ କେଞ୍ଜ୍ ଏମାଡିଏ । |
| ଅଭାବି | - | ଆମ ଗ୍ରାମରେ ଅନେକ ଅଭାବି ଲୋକ ଅଛନ୍ତି । |
| ରେଙ୍ଗେଏ | - | ଆବୁ ହାତୁରେ ଏସୁ ରେଙ୍ଗେଏ ହୋ ମେନାଃକୱା । |
| ଅପକାରିତା | - | ଧୂମ ପାନର ଅପକାରିତା ଅତି ଭୟଙ୍କର । |
| କାରବ୍‌ପାଆ | - | ସୁକୁଲ୍ ସିବ୍ ରେୟାଃ କାରାବ୍‌ପାଆ ଏସୁବରଗେୟା । |
| ଅଭାବ | - | ପରିଶ୍ରମୀର ଅଭାବ ନଥାଏ । |
| ରିଙ୍ଗେ | - | ପେଏଃ ପାଇଟିନିଇ ଯାହାନାଆ ରିଙ୍ଗେ କାହାତାଇନେ । |
| ଅନୁସରଣ | - | ଆମେ ଧାର୍ମିକର ଅନୁସରଣ କରିବା ଉଚିତ୍ । |
| ଅତଂ | - | ଆବୁ ଧରମରେୟାଃ ଅତଂବୁ ସେନେୟା । |
| ଅକାଳ | - | ମଦ୍ୟପାନ ହେତୁ ତାଙ୍କର ଅକାଳ ମୃତ୍ୟୁ ହେଲା । |
| ଚୁଇଲେଗା | - | ବୁଲଅତେୟାଃ ନୁଉତେ ଆଏଃ ଚୁଇଲେଗେ ଗଏଃହାନା । |
| ଅଶ୍ୱତଥ | - | ଅଶ୍ୱତଥ ଗଛର ଛାଇ ଭାରି ଥଣ୍ଡା ଲାଗେ । |
| ହେସାଃ | - | ହେସାଃ ଦାରୁରେୟାଃ ଉମ୍ବୁଲ ସାସାଗେୟା । |

## ଆ

| | | |
|---|---|---|
| ଆଲୋଚନା | - | ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୁଏ । |
| ଜାପାଗାର | - | ଜାପାଗାର ଜାନତେ ତାକ୍‌ଲିବ୍‌କ ସମାଧାନ ହାବୁୱା । |
| ଆଦାୟ | - | ଚାଷୀମାନେ ଜମିରୁ ଫସଲ ଆଦାୟ କରନ୍ତି । |
| ଆଦାଇ | - | ଚାଷତାନିଇ ଅତେଆଏ ତେଗେ ଖ୍ରିତି ଆଦାଇୟଏ । |
| ଆଖିରେ ରଖିବା | - | ପିତା ମାତା ନିଜ ପିଲାଙ୍କୁ ଆଖିରେ ରଖିବା ଉଚିତ । |
| ସାବିନ୍‌ଇମିତେନେଲ୍ | - | ଇଙ୍ଗାଆପୁ ହନ୍‌କକେ ସାବିନଇମିତେ ନେଲକ ତେୟାଃକାଜି । |
| ଆଖିରେ ପଡିବା | - | ଯାଉ ଯାଉ ସାପ ଉପରେ ମୋର ଆଖି ପଡିଲା । |
| ନେଲାମ୍ | - | ସେନଅସେନଅତେ ଆଞ୍ଜଃମେଡ୍ ବିଙ୍ଗ ଚିତାନରେ ଟଅଜାନା । |

| | | |
|---|---|---|
| ଆଗ୍ରହ | - | ପାଠପଢା ସହିତ କ୍ରୀଡାରେ ଆଗ୍ରହ ରଖିଥାଅ । |
| ସାନାଂ | - | ପାର୍ଟାଅ ଲଅତେ ଇନୁଂଗ ରେୟାଃ ସାନାଂ ଜଗାଅଏପେ । |
| ଆଖି | - | ଆମେ ଅଖିର ଯତ୍ନ ନେବା ଉଚିତ୍ । |
| ମେଡ୍ | - | ଆବୁ ମେଡ୍ ରେୟାଃ ଯତନବୁ ଇଡେତେୟା କାଜି । |
| ଆବିଷ୍କାର | - | କଲମ୍ବସ ଆମେରିକା ଆବିଷ୍କାର କରିଥିଲେ । |
| ନାମ୍ | - | କଲମ୍ବସ ଆମେରିକାଏ ନାମ୍ ଲେଡାଃ । |
| ଆବୃତ୍ତି | - | ରବି ଶ୍ରେଣୀରେ କବିତା ଆବୃତ୍ତି କଲା ନାହିଁ । |
| ଦୁରେଙ୍ଗ | - | ରବି ଶ୍ରେଣୀରେ କବିତା କାଏ ଦୁରେଂ କେନା । |
| ଆକାଶ | - | ନୀଳ ଆକାଶ ସୁନ୍ଦର ଦେଖାଯାଏ । |
| ରିମିଲ | - | ନିଲ ରିମିଲ ଚିମିନ୍ ସୁନ୍ଦର ନେଲୱା । |
| ଆମ୍ବ | - | ଆମ୍ବ ଗ୍ରୀଷ୍ମ ଋତୁରେ ପାଚେ । |
| ଉଲି | - | ଉଲି ଜେଟେସିଙ୍ଗି ମାତାଓ୍ବା । |
| ଆହା | - | ଆହା ବୁଢିଟି କେତେ ଦୁଃଖ ପାଉଛି । |
| ଆହା | - | ଆହା ବୁଲିଏରା ଚିମିନ ଦୁକୁଉଃନା ମେତାନା । |
| ଆହ୍ଲାଦ | - | ନୂଆ ବହି ଦେଖି କୁନୀ ଆହ୍ଲାଦ ପାଉଛି । |
| ରାଆସା | - | ନାମା କିତେବ ନେଲତେ କୁନୀ ରାଆସାଏ ଆଦାଏତାନା । |
| ଆଶ୍ୱାସନାଃ | - | ବାପା ମୋତେ ଆଶ୍ୱାସନା ଦେଲେ । |
| ବରସା | - | ଆପୁଞ୍ଜ୍ ଆଞ୍ଜକେ ବରସାଏ ଏମାଡିଞ୍ଜୋ । |
| ଆୟୋଜନ | - | ବିଦ୍ୟାଳୟରେ କ୍ରୀଡା ଆୟୋଜନ କରାଗଲା । |
| ସାପାଲାଅଃ | - | ଇସ୍କୁଲରେ ଇନୁଂକ ସାପାଲାଅତାଡା । |
| ଆବାଶ | - | ଜଙ୍ଗଲ ହାତୀମାନଙ୍କର ଆବାଶସ୍ଥଳ ଅଟେ । |
| ବାସା | - | ବୁରୁ ହାତୀକଓ୍ବାଆ ବାସା ଜାଗା ତାନାଆ । |
| ଆବଶ୍ୟକ | - | ପିତା ମାତାଙ୍କ ଆଦେଶ ମାନିବା ଆବଶ୍ୟକ । |
| ଦରକାରା | - | ଏଙ୍ଗା ଆପୁକଓ୍ବା କାଜି ମାନାତିଂ ଦରକାରା । |
| ଆଲୋକ | - | ସୂର୍ଯ୍ୟଠାରୁ ପୃଥିବୀକୁ ଆଲୋକ ଆସେ । |
| ମାସ୍କାଲ | - | ସିଙ୍ଗିଏତେ ଦେଶୁମତେ ମାସ୍କାଲ ହୁବୁଓ୍ବୋ । |
| ଆପଣାପର | - | ଆପଣାପର ଭାବିବା ପାପ ଅଟେ । |
| ଆପାନ୍ଏଟାଆ | - | ଆପାନ୍ଏଟାଆ ଉଲୁଃଉଦଃ ପାପ୍ ତାନାଆ । |

| | | |
|---|---|---|
| ଆରୋଗ୍ୟ | - | ମୁଁ ତମର ଆରୋଗ୍ୟ କାମନା କରେ । |
| ବୁଗିନ୍ | - | ଆଞ୍ଜ୍ ଆମାଆ ବୁଗିନ୍ଞ୍ଜ୍ ସାନାଂତାନା । |
| ଆଚ୍ରଣ | - | ଆମ ଆଚ୍ରଣ ମାର୍ଜିତ ହେବା ଉଚିତ । |
| ଚାଲଚ୍ଲନ୍ | - | ଆବୁଓ୍ୱେ ଚାଲ୍ଚ୍ଲନ୍ ସାଫାଗେ ତାଇନ୍ତେୟା କାଜି । |
| ଆମ୍ବଗଛ | - | ଆମ ବାରିରେ ଗୋଟିଏ ଆମ୍ବଗଛ ଅଛି । |
| ଉଲିଦାରୁ | - | ଆଲେ ବାକାଇରେ ମିଏଡ୍ ଉଲିଦାରୁ ମେନାଃ । |
| ଆଡ଼ମ୍ବର | - | ଲୋକେ ନୂଆବର୍ଷ ଆଡ଼ମ୍ବର ସହିତ ପାଳନ୍ତି । |
| ଏଶୁଯମକ୍ତେ | - | ହୋକ ନାମାସିର୍ମା ଏସୁଯମକତେକ ମାନାଢିଙ୍ଗେ । |
| ଆଙ୍କିବା | - | ଚିତ୍ର ଆଙ୍କିବା ଅଭ୍ୟାସ କର । |
| ବାଇ | - | ଚିତ୍ର ବାଇ ସେବେନ୍ ତେୟାଃକାଜି । |
| ଆଦିମ ମଣିଷ | - | ଆଦିମ ମଣିଷ ଶିକ୍ଷିତ ନ ଥିଲେ । |
| ମୁନୁରେନହୋକ | - | ମନୁରେନ୍ହୋକ କାକ ପାଳାଅ ଲେନାଃ । |
| ଆମ୍ଲେଟ | - | ଅଣ୍ଡା ଆମ୍ଲେଟ ଖାଇବାକୁ ରୁଚିକର ଲାଗେ । |
| ଆମ୍ଲେଟ | - | ଆଣ୍ଡା ଆମ୍ଲେଟ ଜମ୍ଲାଗିଡ୍ ବୁଗିନ ଆଦାଓ୍ୱା । |
| ଆବଶ୍ୟକ | - | ବ୍ୟାୟାମ ଆମ ଶରୀର ପାଇଁ ଆବଶ୍ୟକ ଅଟେ । |
| ଦରକାରା | - | ବ୍ୟାୟାମ ଆବୁ ହମଅ ଲାଗିଡ୍ ଦରକାର ତାନାଆ । |
| ଆମ ଗାଁ | - | ଆମ ଗାଁ ଉପରମୁଣ୍ଡରେ ଗୋଟିଏ ପାହାଡ଼ ଅଛି । |
| ଆଲେହାତୁ | - | ଆଲେହାତୁ ଚିତାନ୍କୁଟିରେ ମିଏଡ୍ ବୁରୁ ମେନାଆ । |
| ଆମ୍ବଟାକୁଆ | - | ଆଦିବାସୀମାନେ ଆମ୍ବଟାକୁଆର କୁରଲି ଖାଆନ୍ତି । |
| ଉଲିଜାଂ | - | ଆଦିବାସୀକ ଉଲିଟାଙ୍କୁରେୟାଃ ଜାଂକ ଜମେୟା । |
| ଆତୁର | - | ପରୀକ୍ଷା ଫଳ ଜାଣିବା ପାଇଁ ପିଲେ ଆତୁର ହୋଇଥାନ୍ତି । |
| ଢାଙ୍ଗି | - | ପରୀକ୍ଷା ଫଳ ଆୟୁମ ଲାଗିଡ୍ ହନକ ଢାଙ୍ଗିରେ ଗେମେନାଃ କଓ୍ୱା । |
| ଆସ୍ଫାଳନ | - | ମନୁଷ୍ୟର ଆସ୍ଫାଳନ ବୃଥା ହୋଇଥାଏ । |
| ସାମାକାଜି | - | ମାନୁଆ ସାମାକାଜି ସାମାରେଗେ ସେନଓ୍ୱା । |
| ଆସ୍ପର୍ଦ୍ଧା | - | ଗର୍ବୀର ଆସ୍ପର୍ଦ୍ଧା ତାର ବିନାଶର କାରଣ ଅଟେ । |
| ମାମାରାଂ | - | ପୁଟାଣିକଓ୍ୱା ମାମାରାଂଗେ ଆୟାଆ ଗଜଅତେୟା କାରଣଦଃ । |
| ଆଙ୍ଗୁଠି | - | ଆଙ୍ଗୁଠି ଧରିବାରେ ସାହାର୍ଯ୍ୟ କରେ । |

| | | |
|---|---|---|
| ଆଙ୍ଗୁଠ | - | ଆଙ୍ଗୁଳି ସାଫ୍‌ଲାଗିଡ଼େଏ ସାହାଜ ବୁଏ । |
| ଆଖଡ଼ାଘର | - | ପୂର୍ବକାଳରେ ଆଖଡ଼ାଘର ବର୍ତ୍ତମାନ ଆଉ ନାହିଁ । |
| ଆଶ୍ୱସ୍ତ | - | ଭଲ ଫସଲ ଦେଖି ଚାଷି ଆଶ୍ୱସ୍ତ ହୁଏ । |
| ହାଏକେନଆ | - | ବୁଗିନ୍ ଖିଡି ନେଲ୍‌ତେ ଚାଷଢାଡ଼ିଇ ହାୟକେନଆ । |
| ଆଗ୍ରହୀ | - | ପିଲାମାନେ ପାଠପଢାରେ ଅଧିକ ଆଗ୍ରହୀ ହେବା ଉଚିତ । |
| ସାନାଂ | - | ହନକ ପାଲାଅରେ ପୁରେଃସାନାଂ ତାଇନ୍ କାଜି । |
| ଆନନ୍ଦ | - | ଈଶ୍ୱର ଭୟ ପ୍ରକୃତ ଆନନ୍ଦ ଦିଏ । |
| ରାଆସା | - | ସିଙ୍ଗିବଙ୍ଗା ବରୟାଇରେ ସାରି ରାଆସାନାମଆଁ । |
| ଆସ | - | ଆସ ସ୍କୁଲକୁ ଯିବା । |
| ହୁଜୁଉ | - | ହୁଜୁଉପେ ଇସ୍କୁଲକୁ ସେନଓ୍ୱା । |
| ଆଗ | - | ଆଗ ଧାଡ଼ିରେ ବସିଲେ ଶିକ୍ଷାଦାନ ଭଲ ଶୁଭେ । |
| ଆୟାର | - | ଆୟାର ଦାଲିରେ ଦୁବ୍‌ରେ ପାଲାଅ ବୁଗିଲେକା ଆୟୁମଓ୍ୱା । |
| ଆରମ୍ଭ | - | ପ୍ରାର୍ଥନା କରି କାର୍ଯ୍ୟ ଆରମ୍ଭ କରିବା ଭଲ । |
| ଏୟନ୍ | - | ଆର୍ଦାଶ କାତେ ପାଇଟି ଏୟବେରେ ବୁଗିନେ । |
| ଆତ | - | ଆତଫଳ ଭାରି ସୁଆଦିଆ ଲାଗେ । |
| ବଡ଼ଲ | - | ବଡ଼ଲ ଜ'ଏସୁ ନଗଡ଼ ଆଦାଓ୍ୱା । |
| ଆଶା | - | ପରିଶ୍ରମ ବିହିନ ଆଶା ବୃଥାରେ ଯାଏ । |
| ଆଶାରେ | - | ପାଇଟି କାହା'ତେ ଆଶାରାଦଃ ସାମାଗେ ସେନଆ । |
| ଆଲମିରା | - | ଆଲମିରାରେ ବହିପତ୍ର ସୁରକ୍ଷିତ ରହେ । |
| ଆଲମିରା | - | ଆଲମିରାରେ ବହିଖାତା ବୁଗିଲେକା ତାଇନେ । |
| ଆଙ୍କୁଡ଼ି | - | ଆଙ୍କୁଡ଼ି ସାହାର୍ଯ୍ୟରେ ଆମ୍ବ ତୋଳାଯାଏ । |
| ବାନାକୁଉ | - | ବାନାକୁଉତେ ଉଲିକ ଇୟୁଉୟେ । |
| ଆୟୋଜନ | - | ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ କରାଯାଏ । |
| ସାପାଲାଅ | - | ଇସ୍କୁଲରେ ସିର୍ମାମୁଣ୍ଡି ନେଏଗେ ସାପାଲାଓ୍ୱା ହବାନା । |
| ଆହୁରି | - | ଭଲଫଳ ପାଇବାକୁ ହେଲେ ଆହୁରି ପରିଶ୍ରମ କର । |
| ଅଣ୍ଡଅଗେ | - | ବିଗିନେଏ ନାମ୍ ଲାଗିଡ୍ ଅଣ୍ଡଅଗେ ପାଇଟି ଏନାଙ୍ଗାଆ । |

- ଇ -

ଇଶ୍ୱର - ଇଶ୍ୱର ଆମର ସୃଷ୍ଟି କର୍ତ୍ତା ଅଟନ୍ତି ।

ସିଙ୍ଗିବଙ୍ଗା - ସିଙ୍ଗାବଙ୍ଗା ଆବୁୱୋ ଜନମ୍‌କାତ୍ ବାଇକେନିଇ ।

ଇଟା - ଇଟା ଗଢି ପୋଡ଼ାଯାଏ ।

ଇଟେ - ଇଟେ ବାଇକାତେ କ ଉରୁବେୟା ।

ଇସ୍ତ୍ରୀ - ଇସ୍ତ୍ରୀ କରିବା ପରେ ପୋଷାକ ପିନ୍ଧିବା ଭଲ ।

ଆଇରନ୍ - ଆଇରନ୍ କାତେ ସୁତୁଇପିନ୍ଦେନ୍ ତେୟାଃ ବୁଗିନେ ।

- ଉ -

ଉତ୍ତର - ପ୍ରଶ୍ନର ସଠିକ ଉତ୍ତର ଦିଅ ।

ଉତ୍ତର - କନଃ ରେୟା ଠିକ ଉତ୍ତର ଏମେପେ ।

ଉଚିତ୍ - ପିଲାମାନଙ୍କୁ ଉଚିତ୍ ଶିକ୍ଷା ଦିଅନ୍ତୁ ।

ବୁଗିନ୍ - ହନକ ବୁନିନେଏ ଏଢକପେ ।

ଉଦୟ - ପ୍ରତିଦିନ ଠିକ୍ ସମୟରେ ସୂର୍ଯ୍ୟ ଉଦୟ ହୁଏ ।

ତୁର - ସାବିଦିନ୍ ଠିକ୍ ସମୟରେ ସିଙ୍ଗି ତୁରେନା ।

ଉପାଧି - ବିଜ୍ଞ ଲୋକମାନଙ୍କୁ ଯୋଗ୍ୟ ଉପାଧି ଦିଆଯାଏ ।

- ଆଦାନ୍ ହୋକ ବୁଗିନ୍ ଉପାଧିକ ଏମାକଓ୍ୱ ।

ଉପଯୁକ୍ତ - ରୋଗିକୁ ଉପଯୁକ୍ତ ଚିକିତ୍ସା ଆବଶ୍ୟକ ।

ବୁଗିନ୍ - ହାସୁତାନିଇକେ ବୁଗିନ୍ ରେଡ୍‌ରାନୁ ଦରକାରା ।

ଉଦ୍ଭାବନ - ମାର୍କୋନି ରେଡ଼ିଓ ଉଦ୍ଭାବନ କରିଥିଲେ ।

ବାଇଏତ୍ - ମାର୍କୋନି ରେଡ଼ିଓ ବାଇଏତ ଲେଡ଼ା ।

ଉହାଡ଼ - ପାହାଡ଼ ଉହାଡ଼ରେ ସୂର୍ଯ୍ୟ ଲୁଚିଗଲେ ।

ଦାନାଂ - ବୁରୁ ଦାନାଂରେ ସିଙ୍ଗି ଉକୁଜାନା ।

ଉପାୟ - ମନଥିଲେ ଉପାୟ ଆସେ ।

ବୁଦ୍ଧି - ସାନାଂ ଢାଇନ୍‌ରେ ବୁଦ୍ଧି ହୁଜୁଓ୍ୱେ ।

ଉଚ୍ଚତା - ରକି ଉଚ୍ଚତାରେ ସବୁଠାରୁ ଡ଼େଙ୍ଗାପିଲା ଅଟେ ।

ସାଲାଙ୍ଗି - ରକି ସାଲାଙ୍ଗିରେ ସାବିନ୍ କଓ୍ୱାତେ ସାଲାଙ୍ଗି ହନ୍ ।

ଉନ୍ନତି - ପିତାମାତା ପିଲାମାନଙ୍କର ଉନ୍ନତି କାମନା କରନ୍ତି ।

ରାକାବ୍ - ଏଙ୍ଗାଆପୁ ହନକଓ୍ୱାରାକାବ୍ ଲାଗିଡ୍‌କ ସାନାଂଆ ।

ଉର୍ଦ୍ଧକ୍ରମ - ଉର୍ଦ୍ଧକ୍ରମରେ ସଜାଇ ଲେଖ ।

ଚିତାନ୍‌ଚିତାନ୍ - ଚିତାନ୍ ଚିତାନ୍‌ତେ ସାଜାଅକେଏତେ ଅଲେଯେ ।

ଉତ୍ସାହିତ - ପ୍ରସଂଶା ମିଳିଲେ ସମସ୍ତେ ଉତ୍ସାହିତ ହୁଅନ୍ତି ।

ରାଆଁସାଇଲି - ସାବିନ୍‌କ୍ ବୁଗିନ୍‌କ ମେତାକରେ ରାଆଁସାଇଟି ଟାବଓ୍ୱାକ ।

ଉପରେ - ଚାଳ ଉପରେ କାଉ ବସିଛି ।

ଚିତାନ୍‌ରେ - ଆଓ୍ୱା ଚିତାନ୍‌ରେ କାଆ ଅଏ ଦୁବାକାନା ।

ଉତ୍ତମ - ମୀନା ଜଣେ ଉତ୍ତମ ବାଳିକା ଅଟେ ।

ବୁଗିନଉତେର - ମୀନା ମିଏତ୍ ବୁଗିନ ଉତେର କୁଇ ହନ୍ ।

ଉଦୁଉଦିଆ - ଉଦୁଉଦିଆ ଖରାରେ ବାହାରକୁ ବାହାରନ୍ତୁ ନାହିଁ ।

ସେଙ୍ଗେଲଲେକା - ସେଙ୍ଗେଲ୍‌ଲେକା ଜେଟେ ତାଆରେ ଯାହାପାଆହ ଆଲପେ ସେନଓ୍ୱାଁ

ଉଡିବା - ଛୁଆପକ୍ଷୀ ମାଆଠାରୁ ଉଡିବା ଶିଖେ ।

ଆପିର - ଅଏହନ୍ ମାଆ ତାଆଏତେ ଆପିରେଏ ଏତୟା ।

ଉପଦେଶ - ଗୁରୁଜନମାନଙ୍କ ଉପଦେଶ ମାନି ଚଳ ।

କାଜି - ମାରାଂହ କୁଓ୍ୱା କାଜି ମାନାତିଂଜାନ୍ତେ ତାଇନ୍‌ଯେ ।

ଉଭା - ଘନମେଘ ଆସ୍ତରଣ ମଧ୍ୟରେ ସୂର୍ଯ୍ୟ ଉଭାହେଲେ ।

ନେଲଅ - ହେନ୍ଦେରିମିଲ୍ ବିତେରାଏତେ ସିଙ୍ଗିନେଲଆ ଜାନା ।

ଉଚ୍ଚସ୍ୱର - ରମା ମୋତେ ଉଚ୍ଚସ୍ୱରରେ ଡାକିଲା ।

କେଲେଏତେକେଆ - ରମା ଆଞ୍ଜକେ କେଲେଏତେଏ କେୟାକିଡିଞ୍ଜେ ।

ଉପକାର - ଅସହାୟ ଲୋକର ଉପକାର କର ।

ଦେଙ୍ଗା - ଅକଏ ବାଙ୍କୁ ହୋ'କ ଦେଙ୍ଗା କପେ ।

ଉଦଯୋଗ - ଦେଶ ସେବାରେ ଉଦଯୋଗ ଥିବା ଆବଶ୍ୟକ ।

ଉଦଯୋଗ - ଦେଶୁମ ସେବାରେ ଉଦଯୋଗ ତାଇନ୍ ଦରକାର ।

ଉଇ - ଉଇ ବହିପତ୍ର ଖାଇଯାଏ ।

ନିଦିର - ନିଦିର ବହିଖାତାଏ ଜମ୍ ଚାବାୟା ।

ଉତ୍ତାପ - ଜ୍ୱର ହେଲେ ଦେହରୁ ଉତ୍ତାପ ବଢେ ।

ଲଲ୍ - ହାସୁଜାନ୍‌ରେ ହମଅରେ ଲଲଃ ବଢାଅନା ।

| | | |
|---|---|---|
| ଉତ୍ପାଦନ | - | କୃଷି ଉତ୍ପାଦନ ବଢାଇବା ଆବଶ୍ୟକ । |
| ଚାଆଷ | - | କୃଷି ଚାଷ ବାଲାଅଏ ତେଯା କାଜି । |
| ଉଷୁମ | - | ଶୀତ ଦିନେ ଉଷୁମ୍ ପାଣିରେ ଗାଧୋଇବା ଭଲ । |
| ଉର୍ଗୁମ୍ | - | ରାବାଙ୍ଗ ଦିନ୍ ଉର୍ଗୁମ ଦାଆରେ ଅଲାନ୍ ବୁଗିନେ । |
| ଉଚିତ୍ | - | ପିଲାମାନେ ପତା ମାତାଙ୍କର ଆଜ୍ଞାବହ ହେବା ଉଚିତ । |
| ବୁଗିନ୍‌କାତି | - | ହନ୍‌କ ଏଙ୍ଗାଆପୁ କଓ୍ବାକାଜିରେ ଆଚୁନ୍ ତେଯା ବୁଗିନ୍ କାଜି । |
| ଉପକରଣ | - | ପାଠ ଉପକରଣ ସାଇତି ରଖ । |
| ଜିନିଷକ | - | ପାଲାଅ ଜିନିଷକ ସାଇତେବେ ତାଆପେ । |
| ଉପସ୍ଥିତି | - | ଶିକ୍ଷକ ଡାକିବା ମାତ୍ରେ ମୁଁ ଉପସ୍ଥିତ ରହେ । |
| ହାଜିର | - | ମାଷ୍ଟର କେୟାଞ୍ଜ୍ ଲଅଗେ ଆଞ୍ଜ୍ ହାଜିରିନା । |
| ଉକୁଣି | - | ଅପରିଷ୍କାର ମୁଣ୍ଡରେ ଉକୁଣି ଜାତ ହୁଅନ୍ତି । |
| ସିକୁ | - | ଅଜରା ବଅରେ ସିକକ ବାଇନେ । |
| ଉତ୍ତରଦିଗ | - | ଉତ୍ତର ଦିଗରୁ ଥଣ୍ଡା ପବନ ବହେ । |
| ଉତ୍ତରକୁଟି | - | ଉତ୍ତର କୁଟିଏତେ ସାସା ହୟ ହୁଜୁଓ୍ବେ । |
| ଉତ୍କୃଷ୍ଟ | - | କନ୍ଧମାଳରେ ଉତ୍କୃଷ୍ଟ ହଳଦୀ ଉତ୍ପାଦନ କରାଯାଏ । |
| ବୁଗିନ୍ | - | କନ୍ଧ ମାଲରେ ବୁଗିନ ସାଶାଙ୍ଗ ଚାଷ ହବାନ୍‌ତାନା । |
| ଉତ୍ପାଦିକା | - | ଜମିର ଉତ୍ପାଦିକା ଶକ୍ତି କମିଗଲାଣି । |
| ହବାନତେଯା | - | ଅତେରେୟା ଚାଷ ହବାତେୟା ଶକ୍ତି କମ୍‌ଚାବାନ୍ ତାନା । |
| ଉଚ୍ଚ | - | ଶାଗୁଣା ଖୁବ୍ ଉଚ୍ଚରେ ଉଡିପାରେ । |
| ଚିତାନ୍ | - | ଦିଦି ଏସୁ ଚିତାନ୍ ରେଏ ଆପିର୍‌ଦାଇୟେ । |
| ଉଚ୍ଚାସାନ | - | ସମ୍ମାନୀୟ ଅତିଥିଙ୍କୁ ଉଚ୍ଚ ଆସନରେ ବସାଯାଏ । |
| ମାରାଂଦୁବ୍‌ତେୟା | - | ମାନତାନ୍ କୁପୁଲକ୍ ମାରାଂ ଦୁନୁବ୍ ତେୟାରେକ ଦୁବ୍‌କଓ୍ବା । |
| ଉତ୍ସନ୍ନ | - | ଦୁର୍ଘଟଣାରେ ତାର ସବୁ ଉତ୍ସନ୍ନ ହୋଇଗଲା । |
| ଚାବାଜାନା | - | ଦୁର୍ଘଟଣାରେ ଆୟାଆ ସାବିନ ଚାବାଜାନା । |
| ଉତ୍ପାତ | - | କାରାବହୋକଓ୍ବା ଉତପାତ୍ ବାଲାଅ ଇଡେନତାନା । |
| ଉତ୍କଟ | - | କିଛି ବର୍ଷ ପରେ ଖଣିଜ ତୈଳର ଉତ୍କଟ ଅଭାବ ହେବ । |
| ଏସୁପୁରେଏ | - | ଟିମିନ୍ ସିର୍ମାତାୟାମ୍ ଅତେବିତେର ମୁଣ୍ଡୁନ୍ ଏସୁପୁରେଏଃ ଚାବାଉତେରୁଆ । |

| | | |
|---|---|---|
| ଉତ୍ପତ୍ତି | - | ଜମି ରହୁଥିବା ପାଣି ମଶାର ଉତ୍ପତ୍ତି ସ୍ଥଳ ଅଟେ । |
| ବାଇନତାଆ | - | ଜାମାଃକାନ୍ ଦାଆ ଶିକିଙ୍ଗ ବାଇନ୍ତୟା ଜାଗା । |
| ଉତ୍ସ | - | ଗ୍ରୀଷ୍ମ ଋତୁରେ ଜଳ ସ୍ରୋତ ଉତ୍ସ ଶୁଖିଯାଏ । |
| ହୁଣ୍ଡି | - | ଜେଟେସିଙ୍ଗି ହାଲିଦାଆ ହୁଣ୍ଡିଦାଆ ସାବିନ୍ ଆଞ୍ଜେଡେନା । |
| ଉତ୍ସାହୀ | - | ଉତ୍ସାହୀ ବ୍ୟକ୍ତି ସବୁ କାମରେ ସଫଳ ହୁଏ । |
| ସାନାଂ ମେନାଃ | - | ସାନାଂମେନାଃ ହୋ ସାବିନ୍ ପାଇଟିରେ ଦାଇୟେ । |
| ଉତ୍ତୋଳନ | - | ଖଣିରୁ ଖଣିଜ ପଥର ଉତ୍ତୋଳନ କରାଯାଏ । |
| ଅଣ୍ଡଙ୍ଗ୍ | - | ଖାଦାନାଏତେ ଖାଦାନ ଦିରିକ ଅଣ୍ଡଙ୍ଗେଆ । |
| ଉପବାସ | - | ଉପବାସ ଦ୍ୱାରା ପାକସ୍ଥଳୀ ବିଶ୍ରାମ ପାଏ । |
| କାଟାବ୍ | - | କାଟାବେନ୍‌ରେ ଲାଇ ଜିରେଅ ନାମେୟା । |
| ଉଠାଇ | - | ବେଳବେଳ ପବନ ଚାଳକୁ ଉଠାଇ ନିଏ । |
| ଉଟାଂ | - | ମିସେ ମିସେ ହୟତେ ଦାଲା କାନାଆ ଉଟାଂ ଏଣ୍ଡାଆୟା । |
| ଉଭୟ | - | ବିଦ୍ୟାଳୟ ସଫା ରଖିବା ଛାତ୍ରଛାତ୍ରୀ ଉଭୟଙ୍କ କର୍ତ୍ତବ୍ୟ ଅଟେ । |
| ବାରଅସାନ୍ତେ | - | ଇସ୍କୁଲ ସାଫାଲାଗିଡ୍ କୁଡ଼ା, କୁଇହନ୍ ବାରଅ ସାନ୍ତେ ପାଇଟିଇ ତେୟାକାଜି । |
| ଉଇକେଟ | - | କ୍ରିକେଟର ଗୋଟିଏ ଦଳରେ ଏଗାରଟା ଉଇକେଟ୍ ଥାଏ । |
| ଉଇକେଟ | - | କ୍ରିକେଟରେୟା ମିଏଡ୍ ଦଳରେ ଗେଲମିଏଡ୍ ଉଇକେଟ ତାଇନେ । |
| ଉପର | - | ବାୟୁ ମଣ୍ଡଳର ଉପର ଭାଗରେ ମହାଶୂନ୍ୟ ରହିଛି । |
| ଚିତାନ୍ | - | ହୁୟ ଚିତାନ୍ ରେ ମହାଶୂନ୍ୟ ମେନାଅ । |
| ଉର୍ବର | - | ପ୍ରଚୁର ଫସଲ ନିମନ୍ତେ ଉର୍ବର ମାଟି ଆବଶ୍ୟକ । |
| ବୁଦାର | - | ଏସ୍କୁଲାଲି ଖିତି ହବାନ୍ ଲାଗିଡ ଲାବାର୍ ହାସା ଦରକାର । |
| ଉଣା | - | ପାଠ ପଢା ଉଣା କର ନାହିଁ । |
| କମ୍ | - | ପାଲାଅ ଆଲପେ କମ୍ ମେୟା । |
| ଊଳି | - | ଗ୍ରୀଷ୍ମ ଋତୁରେ ଏକ ଊଳି କାମ କରିବା ଭଲ । |
| ମିତ୍‌ଉଳି | - | ଜେଟେ ଚାଣ୍ଡୁଉ ରେ ମିତ୍ ଉଳି ପାଇଟିରେ ବୁଗିନା । |
| ଏଣେ ତେଣେ | - | ଆବର୍ଜନା ଏଣେ ତେଣେ ପକାନ୍ତୁ ନାହିଁ । |
| ନେପାଆଏନ୍‌ପାଆ | - | ଜବରା ନେପାଆଏନ୍‌ପାଆ ଆଲପେଏଣ୍ଡାଆୟା । |

| | | |
|---|---|---|
| ଏଣ୍ଡୁଅ | - | ଏଣ୍ଡୁଅ କ ମାରି ଖାଏ । |
| ଡଣ୍ଡେୟା | - | ଡଣ୍ଡେୟା ବେର୍‌ବେଡ଼୍‌ଙ୍ଗ୍ କଏ କମ୍ କଓ୍ବା । |
| ଏକ | - | କୁକୁର ଏକ ବିଶେଷ ପ୍ରାଣୀ ଅଟେ । |
| ମିଏଡ୍ | - | ସେତା ମିଏଡ୍ ବିଶେଷ ଜାନୁଆର ତାନାଆ । |
| ଏକବାରଗୁ | - | କୁକୁରକୁ ଦେଖି ମାଙ୍କଡ ଏକବାର ଛୁ । |
| ମିସେତେଏ ନିର୍ | - | ସେତା ନେଲତେ ସାରାଆ ମିସେତେଏ ନିର୍‌ଜାନା । |
| ଏକଜୁଟ୍ | - | ଗାଁ ଲୋକ ଏକଜୁଟ ହୋଇ ରାସ୍ତାମରାମତି କଲେ । |
| ଏକଜୁଟ୍ | - | ହାତୁ ହୋକ ଏକଜୁଟ୍ ଜାନ୍ତେ ସଳପକ ବାଇକେଡା । |
| ଏକକ | - | ମିଟର ଦୁରତା ମାପିବାର ଏକକ ଅଟେ । |
| ହିସେବ | - | ମିଟର ସାର୍ନି ନାପାଅତେୟା ହିସେବ ତାନାଆ । |
| ଏଇଠି | - | ଏଇଠି ବସି ମୁଁ ନିତି ବହି ପଢେ । |
| ନେନତାଆ | - | ନେନ୍‌ତାଆରେ ଦୁବେକାନ୍ତେ ଆଞ୍ଜ୍‌ଜାଅ କିତେବେଞ୍ଜ ପାଳାଓ୍ବା । |
| ଏକତା | - | ଏକତା ହିଁ ବଳ ଅଟେ । |
| ଏକଜୁଟ୍ | - | ଏକଜୁଟ୍ ଗେ ପେଏଃ । |
| ଏକଲା | - | ଆମ ଗ୍ରାମରୁ ମୁଁ ଏକଲା କଲେଜ ଯାଏ । |
| ଏସକାର | - | ଆଲେ ହାତୁଏତେ ଆଞ୍ଜ ଏସ୍‌କାର୍ କଲେଜଞ୍ଜ ସେନଓ୍ବା । |
| ଏମନ୍ତ | - | ଏମନ୍ତ କରି ଦେଖାଅ; ଯାହା ଦେଖି ଲୋକେ ଖୁସି ହେବେ । |
| ନେଲେକା | - | ନେଲକା ପାଇଟିମ୍ , ଅକନା ନେଲ୍‌କାତେ ହୋକ ରାଆଁସାଓ୍ବା । |
| ଏବେ | - | ଏବେ ପାଠ ପଢାର ସମୟ ଅଟେ । |
| ନାଆ | - | ନାଆ ପାଳାଅ ତେୟା ସମଏ ତାନାଆ । |
| ଏଟିଏମ୍ | - | ଏଟିଏମ୍‌ରୁ ଯେ କୌଣସି ସମୟରେ ଟଙ୍କା ଉଠାଯାଏ |
| ଏଟିଏମ୍ | - | ଏଟିଏମ୍‌ତେ ଯାହାଟିମି... ...ଉୟଃ ଟାକା ଅଣ୍ଡଙ୍ଗା । |
| ଏନ୍ତୁଡିଶାଳ | - | ଏନ୍ତୁଡିଶାଳ ଆମ ଜନ୍ମସ୍ଥା... ...ଟେ । |
| ଆଦିନ୍ ଆଙ୍କ | - | ଆଦିନ୍ ବିତେର୍ ଆବୁଓ୍ବା ... ଜାଗା ତାନା । |
| ଏକଟଙ୍କିଆ | - | ଆଜିକାଲି ଏକଟଙ୍କିଆ ନୋ... ...ଦେଖାଯାଉ ନାହିଁ । |
| ମିଡ୍‌ଟାକାଲଟ୍ | - | ନାଆବାରସିଂ ମିଡଟାକାଲଟ... ନେଲଓ୍ବା । |
| ଏକଦଶ | - | ମୁଁ ଏକଦଶବାର ଚିଲିକା ଦେ... |
| ଗେଲ୍ | - | ଆଞ୍ଜ୍ ଗେଲ୍ ଦାଣା ଚିଲିକା... ...ଡା । |

ଏକାଠି - ପରିବାରରେ ସମସ୍ତେ ଏକାଠି ରହନ୍ତି ।

ମିଡ୍ ଡାଆରେ - ପରିବାରରେ ସାବିନ୍ ମିଡ୍ ଡାଆରେକ ଡାଇନେ ।

ଏକାଧିକ - ଏକାଧିକ ମୋ ପାଖରେ ଗଣିତ ବହି ଅଛି ।

ସାଙ୍ଗି - ଆଞ୍ଚ୍ ଡାଆରେ ସାଙ୍ଗି ଗଣିତ କିତେବ୍ ମେନାଆ ।

ଏକାଡିଆଁ - ମାଙ୍କଡଟି ଏକାଡିଆଁରେ ପଳାଇଲା ।

ମିସେଉଇ - ସାରଆ ମିସେଉଇଃ ତେଏଃ ନିର୍‌ଜାନା ।

ଏକପ୍ରକାର - ସୈନିକମାନେ ଏକପ୍ରକାର ପୋଷାକ ପିନ୍ଧନ୍ତି ।

ମିଡଗେତେୟା - ସଇନିକ୍,କ ମିଡ୍‌ଗେନ୍ ତେୟାକ ଶୁତୁଇ ପେଣ୍ଡେନା ।

-ଐ-

ଐରାବତ - ଐରାବତ ହାତୀମାନଙ୍କ ଦଳପତି ଅଟେ ।

ଐରାବତ - ଐରାବତ ହାତୀକୁଓ୍ୱାଆ ଦନ୍ତା ଡାନିଇ ।

-ଓ-

ଓ - ମାଛ ଓ ମାଂସ ଶରୀରର ବୃଦ୍ଧି କରନ୍ତି ।

ଅଣ୍ଡଅ - ହାଇ ଅଣ୍ଡଅ ଜିଲୁ ହମଅଃ ବାୟି ଯେଃ ।

ଓଳି - ଗୋଟିଏ ଓଳି କାମକଲେ ଆଧା ମଜୁରୀ ପାଇବ ।

ଉଳି - ମିଏଡ୍ ଉଳି ପାଇଟି ରେଦଃ ଆଧା ମୁଜୁରୀ ନାମଓ୍ୱା ।

ଓଠ - ଶୀତଦିନେ ଓଠ ଫାଟେ ।

ଆ'ଲୁଟି - ରବାଙ୍ଗ ଦିନ୍ ଆ'ଲୁଟି ଚାଟାଓ୍ୱା ।

ଓସାର - ଓସାର ଲମ୍ବା ଅପେକ୍ଷା ସାନ ଆଟେ ।

ଉସାର - ଉସାର ଜିଲିଙ୍ଗେଏତେ କମ୍ ଗେୟା ।

ଓଜନ - ଚାଷୀମାନେ ପନିପରିବା ଓଜନ କରି ବିକିବା ଉଚିତ୍ ।

ତୁଲେ - ଚାଷ୍ ଡାନକ୍ ସବ୍‌ଜୀ ତୁଲେକେଏତେ ଆକାରିଙ୍କେତେୟା କାଜି ।

ଓଧ - ଓଧ ପାଣିରେ ଯାଆସ କରିହୁଏ ।

ଉଦେମ - ଉଦେମ୍ ଦାଆରେଏଃ ହୁଯୁଉ ସେନଅ ଦାୟେଃ ।

ଓହ୍ଲାଇବା - ସାବଧାନରେ ସାଇକେଲରୁ ଓହ୍ଲାଇବା ଦରକାର ।

ଆଆଙ୍ଗୁ - ହୁସିହାରତେ ସାଇକେଏଲତେ ଆଆଙ୍ଗୁନ୍ ଦରକାରା ।

ଓଟ - ଓଟ ମରୁଭୂମିର ଜାହାଜ ଅଟେ ।

ଉଟ - ଉଟ ଗିତିଲରେନ୍ ଜାହାଜ ଡାନିଇ ।

| | | |
|---|---|---|
| ଓସାରିଆ | - | ଗାଁ ଗହଳିରେ ଓସାରିଆ ରାସ୍ତା ନଥାଏ । |
| ଉସାର | - | ହାତ୍ରୁ ସଲପ ଉସାରଗେ କାହା ତାଇନା । |
| ଓଷ୍ଠ | - | କଥା କହିବାରେ ଓଷ୍ଠ ସାହାଯ୍ୟ କରେ । |
| ଆ’ ଲୁଟି | - | ଜାଗାର୍ ଲାଗିଡ୍ ଆ’ ଲୁଟି ଦେଙ୍ଗାତାନା । |
| ଓଲଟାଇ | - | ଘୂର୍ଣ୍ଣି ବାୟୁ ଘରର ଚାଳ ଓଲଟାଇ ଫିଙ୍ଗେ । |
| ପାଲଟି | - | ଦୁରଲସି ଅଣ୍ଡା ଦାଲାକାନାଆ ପାଲଟି କେଏଡେଏ ଏଣ୍ଡାଆୟା । |
| ଓଡ଼ିଶୀ | - | ଓଡ଼ିଶୀ ନୃତ୍ୟ ଦରବାରରେ ଆଦର ପାଉଛି । |
| ଓଡ଼ିଶୀ | - | ଓଡ଼ିଶୀ ଶୁଣୁନ୍ ଗଟାଦିଶୁମରେକ ସୁକୁଏତାନା । |
| ଓହଳି | - | ଯାନ ବାହନରେ ଓହଳି ଯାତ୍ରା କରିବା ବିପଦପୂର୍ଣ୍ଣ ଅଟେ । |
| ଡୁଙ୍ଗେ | - | ଗାଳିରେ ଡୁଙ୍ଗେ କାନ୍ତେ ସେନଅ ବରଗେୟାଃ । |
| ଔଷଧ | - | ଡ଼ାକ୍ତର ପରାମର୍ଶରେ ଔଷଧ ସେବନ ନିରାପଦ ଅଟେ । |
| ରେଡ଼୍ | - | ଡ଼କ୍ତର ଉଦୁବ୍‌ତାଆ ରେଡ଼୍ ଜମେରେ ବର କାନଆ । |
| ଔଷଧ | - | ଔଷଧ କିଣିବାପାଇଁ ଗରିବ ଲୋକଙ୍କଠାରେ ପଇସା ନଥାଏ । |
| ରେଡ଼୍ | - | ରେଡ଼୍ କିରିଂ ଲାଗିଡ୍ ଗରିବ୍ ହୋକ ତାଆରେ ପଇସା କା ଟାଇନେ । |
| କଳିଆ | - | ଶ୍ରେଣୀରେ କଳିଆ କର ନାହିଁ । |
| ଏପେରାଂ | - | ଶ୍ରେଣୀରେ ଆଲପେ ଏପେରାଙ୍ଗା । |
| କଳି | - | କଳିରୁ ଶାନ୍ତି ହଜିଯାଏ । |
| ଏରାଂ | - | ଏପେରାଙ୍କ୍‌ତେ ଶାନ୍ତି ଆତୁଆ । |
| କଥାଭାଷା | - | ଆମ କଥାଭାଷା ସ୍ୱାଦ ଯୁକ୍ତ ହେବା ଉଚିତ୍ । |
| ଜାଗାରଜାପାଗାର | - | ଆକଓ୍ବେ ଜାଗାରଜାପାଗାର ନଗତ୍‌ଗେ ତାଇନ କାଜି । |
| କରୁଣ | - | ଦୁଃଖି ଲୋକର କରୁଣ କ୍ରନ୍ଦନ ଈଶ୍ୱର ଶୁଣନ୍ତି । |
| ଦୁକୁ | - | ଦୁକୁ ହୋକଓ୍ବା ଦୁକୁରାଆ ସିଙ୍ଗବଙ୍ଗା ଆୟୁମେୟା । |
| କମ୍ପାଉଣ୍ଡର | - | ଡ଼ାକ୍ତର ଖାନାରେ କମ୍ପାଉଣ୍ଡର ଔଷଧ ଦିଅନ୍ତି । |
| କମ୍ପାଉଣ୍ଡର | - | ଡ଼ାକ୍ତର ଖାନାରେ କମ୍ପାଉଣ୍ଡର ରେଡ଼୍‌ଏ ଏମେୟା । |
| କର୍ମଚାରୀ | - | କର୍ମଚାରୀ ନିଜର କର୍ତ୍ତବ୍ୟରେ ବିଶ୍ୱସ୍ତ ହେବା ଉଚିତ । |
| ପାଇଟିତାନକ | - | ପାଇଟିତାନକ୍ ଆପନାର୍ ପାଇଟିରେ ବିଶ୍ୱାସ ତଇନ କାଜି । |

| | | |
|---|---|---|
| କରଇ | - | ମୁଁ ନିତି ସକାଳେ ପ୍ରାର୍ଥନା କରେ । |
| ପାଇଟିଏ | - | ଆଞ୍ଜ ଯାଅଦିନ ସେତାଆଞ୍ଜ ପ୍ରାର୍ଥନାୟା । |
| କଷଣ | - | କଷଣ ସହିବା ବୁଦ୍ଧିମାନର କାମ ଅଟେ । |
| ଦୁକୁ | - | ଦୁକୁ ସାହାଟିଂ ସେୟାଁକ ୱ୍ୱାଆ ପାଇଛି । |
| କର୍ଣ୍ଣ | - | କଣ୍ଣ ଦ୍ୱାରା ଶ୍ରବଣ ହୁଅଇ । |
| ଲୁତୁର | - | ଲୁତୁରତେ ବୁ ହାୟୁ ମେୟା । |
| କଇଁଚି | - | କଇଁଚିରେ ବାଳ କଟା ଯାଏ । |
| ରାଚାମ | - | ରାଚାମ୍‌ତେ ବଅବାଲେକ ରାଚାମ୍ ମେୟାଃ । |
| କଇଁଛ | - | ଗହୀରମଥା କଇଁଛଙ୍କ ପ୍ରଜନନ୍ କେନ୍ଦ୍ର ଅଟେ । |
| ହର | - | ଗହୀରମଥା ହରକଓ୍ୱା ଦୁଳିନ ଜାଗା । |
| କଣ୍ଟା | - | ଗୋଲାପ ଗଛରେ କଣ୍ଟା ଥାଏ । |
| ଜାନୁମ | - | ଗୋଲାପ ଦାରୁରେ ଜାନୁମ ତାଇନେ । |
| କଦଳୀ | - | କଦଳୀ ଏକ ସୁଆଦିଆ ଫଳ ଅଟେ । |
| କାଦାଲ୍ | - | କାଦାଲ୍ ମିଏଡ୍ ନଗଡ୍‌ଜ' ତାନାଆ । |
| କମଳା | - | କମଳାରୁ ଫଳରସ ବାହାର କରାଯାଏ । |
| ସାନ୍ତରା | - | ସାନ୍ତରାଏତେ ଜ' ରାଶିକ ଅଣ୍ଡଙ୍ଗେୟା । |
| କଞ୍ଚା | - | କଞ୍ଚା କାଠ ସହଜରେ ଜଳେ ନାହିଁ । |
| ବେରେଲ | - | ବେରେଲ ସାଆନ୍ ଆଞ୍ଜାଆ କାହା ଜୁଲୁଓ୍ୱା । |
| କଲବଲ | - | ଭିକାରୀଟି କଲବଲ ହୋଇ ଅନାଇଛି । |
| ଜାରାବଜାରାବ୍ | - | କଏଁ ତାନିଇ ଜାରାବ୍‌ଜାରାବ୍ ତାନେଏ ନେଲତାନା । |
| କପୋତି | - | କପୋତି ଚିତ୍ରବିଚିତ୍ର ଅଣ୍ଡା ଦିଏ । |
| ପୁତେମ୍ | - | ପୁତେମ୍ ଆଣ୍ଡା ବେଙ୍ଗେରେଏ ଗେୟାଃ । |
| କପୋତ | - | କପୋତ ଶାନ୍ତିର ପ୍ରତିକ ଅଟେ । |
| ପୁତେମ୍ | - | ପୁତେମ୍ ଶାନ୍ତରେନ୍ ହନ୍ ତାନିଇ । |
| କମ୍ପନ | - | ଘଣ୍ଟିକୁ ଆଘାତ କଲେ କମ୍ପନ ସୃଷ୍ଟି ହୁଏ । |
| ରୁକୁ | - | ଘାନଣ୍ଟିକେ ତାମେ ରେଦଃ ରୁକୁନେ । |
| କମ୍ | - | କମ୍ ବୃଷ୍ଟି ପାତରେ ଭଲ ଫସଲ ହୁଏ ନାହିଁ । |
| ହୁଡ଼ିଂ | - | ହୁଡ଼ିଂ ଗାମାରେ ବୁଗିନ ଚାଷ କାହା ହବାନା । |

କମ୍ବଳ - କମ୍ବଳ ଘୋଡ଼ାଇ ହେଲେ ଶୀତରୁ ରକ୍ଷା ମିଳେ ।
କମ୍ବଲ - କମ୍ବଲ ଉୟୁନ୍‌ରେ କାହା ରାବାଙ୍ଗା ।
କଣ୍ଢେଇ - ପ୍ଲାଷ୍ଟିକ କଣ୍ଢେଇ ଭଙ୍ଗୁର ନୁହେଁ ।
ପୁତୁଲି - ପ୍ଲାଷ୍ଟିକ ପୁତୁଲି କାହା ରାପୁଡ଼ିନା ।
କର - ଛୋଟବେଳୁ ଚରିତ୍ର ଗଠନ କର ।
ବାଇପେ - ହୁଡ଼ିଂ ସମାଏତେଗେ ଚାଲଚଲନ ବାଇପେ ।
କଢ଼ - କଢ଼ ଫୁଟି ଫୁଲ ହୁଏ ।
କଣ - କ:ଣ ଫୁଟେଅ ଜାନ୍ତେ ବାହା ବାଇନେ ।
କାଟିବା - ବହୁଦିନ ଅନୁପସ୍ଥିତ ରହିଲେ ନାମ କାଟିବା ସମ୍ଭାବନା ଥାଏ ।
କାଟାଅ - ଏସୁଦିନ କାହା ସେନ୍‌ରେ ନୁତୁମ କାଟାଓ୍ୱା ଦାୟୁଓ୍ୱା ।
କଳା - ଆମର ଗୋଟିଏ କଳା ଗାଇ ଅଛି ।
ହେନ୍ଦେ - ଆଲେଆ ମିଏଡ୍ ହେନ୍ଦେ ଗୁଣ୍ଡି ମେନାଇ ।
କବାଟ - ଲୋକେ ରାତିରେ କବାଟ ବନ୍ଦକରି ଘରେ ଶୁଅନ୍ତି ।
ଦୁଆର - ହୋ'କ ନିଦେ ଦୁଆର ହାଣ୍ଡେଡ୍ କେଏତେକ ଗିତିଏଃ ।
କଟୁରୀ - କଟୁରୀରେ ଘାସବୁଦା ଇତ୍ୟାଦି ସଫା କରାଯାଏ ।
କତୁ - କାତୁତେ ତାସାଡ଼ କୁମେକ ସାଫାଓ୍ୱା
କଲମ୍ - କଲମ ଲେଖା ଗୁଡ଼ିକ ଦୀର୍ଘସ୍ଥାୟୀ ହୁଏ ।
କଲମ୍ - କଲମ୍‌ତେ ଅଲ୍ ଏସୁଦିନ୍ ତାଇନେ ।
କର - ପିଲାମାନଙ୍କୁ ସମାଦର କର ।
ପାଇଟିପେ - ହନକ ମିତ୍‌ଗେ ଆଦର କପେ ।
କହି - ଜେଜେମା ଆମକୁ ଗପ କହି ଶୁଆନ୍ତି ।
କାଜି - ଜିଏଙ୍ଗ , ଆଲେ କାହାନି କାଜି କେଏତେଏ ଦୁଉମଲେୟା ।
କଢ଼ - କଢ଼ିରୁ ଫୁଲ ଫୁଟେ ।
କଣ - କଣ ଆଏତେ ବାହା ଫୁଟେଅନା ।
କଥନ - କଥନ ଦ୍ୱାରା ଭାବପ୍ରକାଶ କରାଯାଏ ।
କାଜି - କାଜିଏତେ ଆବୁ ସପମ୍ ଝାଅଓ୍ୱାବୁ ।
କମ୍ପି - ଘଡ଼ ଘଡ଼ି ଶବ୍ଦରେ ମେଦିନୀ କମ୍ପିଉଠେ ।
ଦକଲ - ଗାଳା ଗାଲୁ ଶାଲିତେ ଦେଶୁମ୍ ଦକଲିଆ ।

| | | |
|---|---|---|
| କଣ୍ଠ | - | ମଧୁର କଣ୍ଠରେ ସଙ୍ଗୀତ ଗାନକର । |
| ସ୍ବର | - | ବୁଗିନ୍ ସ୍ବର୍‌ତେ ଦୁରେଂ ଦୁରେଙ୍ଗେପେ । |
| କଡ଼ରେ | - | ରାସ୍ତା କଡ଼ରେ ମଳତ୍ୟାଗ କରନାହିଁ । |
| କୁଟିରେ | - | ସଲପ କୁଟିରେ ଆଲପେ ବାହାର ପାଆୟା । |
| କଳି କଜିଆ | - | ମୁର୍ଖ ଲୋକମାନେ କଳି କଜିଆ କରିଥାନ୍ତି । |
| ଏପେରାଂ | - | ମୁରୁକହୋ'କଏ ପେରାଙ୍ଗା । |
| କଲରା | - | କଲରା ଏକ ହିତକାରୀ ଖାଦ୍ୟ ଅଟେ । |
| କାରାଏଲା | - | କାରାଏଲା ମିଏଡ୍ ବିଗିନ୍ ଜମାଆ । |
| କପଡ଼ା | - | ଶିତ ଦିନେ ଗରମ ପୋଷାକ ଦରକାର । |
| ଲିଜେଏ | - | ରାବାଙ୍ଗ ଦିନ ଉରଗୁମ୍ ଲିଜଏେ ଦରକାରା । |
| କମିବା | - | ଶରୀରରେ ଜଳଅଂଶ କମିବା ଅନୁଚିତ । |
| ହ୍ଲିଂଦାନା | - | ହମଅରେ ଦାଆଅଂଶ ହ୍ଲିଗେୟା । |
| କାବା | - | ସର୍କସ୍ ର ହାତି ଦେଖି ପିଲାଟି କାବା ହୋଇଗଲା । |
| ଟାକୁବ୍ | - | ସକଡସରେ ହାତୀକ ନେଲ୍‌ତେ ହନ୍ ଟାକୁବ୍ ଜାନା । |
| କାଳକାଳ | - | ଦେଶପାଇଁ ପ୍ରାଣବଳି କାଳକାଳ ସ୍ମରଣୀୟ ହୋଇରହେ । |
| ଯୁଗଯୁଗ | - | ଦିଶୁମ୍ ଲାଗିଡ୍ ଜୀବନ ଏମ୍‌ତାଡ଼ିର ଯୁଗଯୁଗ ଉଲୁଃଉରେ ଟାଇନେ । |
| କାଉ | - | କାଉ କାକା ବୋଲି ରଡ଼ିଛାଡ଼େ । |
| କାଆ | - | କାଆ କା, କା ଡାନେଏ ରାଆୟା । |
| କାଳ | - | ଆଜିକାଲିର କାଳ ଅତ୍ୟନ୍ତ ମନ୍ଦ ଅଟେ । |
| ସୁମାଏ | - | ନାଆ ବାରସିଂ ସମାଏ ଏସୁକାରାବ୍‌ଗେୟା । |
| ଖରା | - | ଗ୍ରୀଷ୍ମ ଋତୁରେ ଟାଣ ଖରାହୁଏ । |
| ଜେଟେ | - | ଜେଟେ ସିଙ୍ଗି ଏସୁପୁରେଏ ଜେଟେୟୋ । |
| କାରଣ | - | ରବି ଏବର୍ଷ ଫେଲ ହେଲା କାରଣ ସେ ମନଦେଇ ପଢ଼ି ନଥିଲା । |
| ଏନାମେନ୍ତେ | - | ରବି ନୁଇଲେ ଫେଲ୍‌ଜାନା ଏନାମେନ୍ତେ ଚି ଆଏଃ ବୁଗିଲେକା କାଏଃ ପାଳାଆନା । |
| କଳାହାଣ୍ଡିଆ | - | କଳାହାଣ୍ଡିଆ ମେଘଦେଖି ମୟୂର ଖୁସିହୁଏ । |

| | | |
|---|---|---|
| ହେନ୍ଦେଚାଟୁ | - | ହେନ୍ଦେଚାଟୁ ଲେକାନ ଗିମିଲ୍ ନେଲତେ ମାରାଆ ଗାଁଆ ସାଓ୍ବା । |
| କାଠହଣା | - | କାଠହଣା ଚଢ଼େଇ କାଠ ଭିତର ପୋକ ଖୋଳିଖାଏ । |
| ଏରେଅରେ | - | ଏରେଅଏ ଦାରୁବିତେର୍-ରେନ୍ ଚିଦୁକଏ ଜମା । |
| କାମନା | - | ପିତାମାତା ପୁତ୍ର ସନ୍ତାନମାନଙ୍କ ମଙ୍ଗଳକାମନା କରିଥାନ୍ତି । |
| ପାଇଟି | - | ଏଙ୍ଗାଆପୁ ହନକଓ୍ବା ବୁଗିନ ପାଇଟିକ ପାଇଟିଇୟେ । |
| କାର୍ଯ୍ୟ | - | କୃଷିକାର୍ଯ୍ୟ କରି ରମା ପରିବାର ଚଳାଏ । |
| ପାଇଟି | - | ଚାଷ ପାଇଟି ତେ ରମା ଅଓ୍ବାଦୁଏରେଏ ଚାଲାଅତେ । |
| କାନ୍ଧ | - | କାଠୁରିଆ କାନ୍ଧରେ କାଠ ବୋହି ନିଏ । |
| ସାଆନ | - | ସାଆନ୍‌ଗଅ ତାନିଇ ତାରାନ୍‌ରେ ସା'ନେଏଗଅୟା । |
| କାହିଁକି | - | ଭୂମିକମ୍ପ କାହିଁକି ହୁଏ ତାର କାରଣ ଜାଣକି ? |
| ଚିନଆମେନ୍ତେ | - | ଅତେଦକଲ ଚିନାଆମେନ୍ତେ ହବାନା ଏନାମ୍ ଆଦାନା । |
| କାମୁଡ଼ିବା | - | କୁକୁର କାମୁଡ଼ିବା ବିପଦ ପୂର୍ଣ୍ଣ ଅଟେ । |
| ହୁଓ୍ବେଏ | - | ସେତା ହୁଓ୍ବେଏ ଏସୁ ବରଆନ୍ କାଜି । |
| କାଣ୍ଡ | - | ଗଛର କାଣ୍ଡରୁ ଶାଖା ବାହାରେ । |
| କଢ | - | ଦାରୁ କଡଆଏତେ କଢକ ଅଣ୍ଡଙ୍ଗା । |
| କାଇଁଚ | - | କାଇଁଚ ମାଳି ସୁନ୍ଦର ଦିଶେ । |
| କାଏଡ଼ଜାଂ | - | କାଏଡ଼ଜାଂ ହିସିର ବୁଗୁନ ନେଲଆ । |
| କାନ୍ | - | କାନରେ ଆମେ ଶୁଣିପାରୁ । |
| ଲୁତୁର | | ଲୁତୁରତେ ଆବୁ ଆୟୁମେୟା । |
| କାଛୁକୁଣ୍ଡିଆ | - | ଅପରିଷ୍କାର ରହିଲେ କାଛୁକୁଣ୍ଡିଆ ହୁଏ । |
| କାସାରା | - | ସାଙ୍ଗାଗେକାହା ତାଇନ୍‌ରେ କାସାରା ଅଣ୍ଡଙ୍ଗା । |
| କାଳ୍ପନିକ | - | କାରଗିଲ ଯୁଦ୍ଧ ଏକ କାଳ୍ପନିକ କାହାଣୀ ନୁହେଁ । |
| ବାଇତାଡ଼୍ | - | କାରଗିଲ୍ ଲାଲାଇ ମିଏଡ଼୍ ବାଇତାଡ଼୍ କାହାନୀ କାହାଖେ । |
| କାରିଗର | - | କାରିଗରମାନେ ସୂକ୍ଷ୍ମ କାରୁକାର୍ଯ୍ୟ କରନ୍ତି । |
| ମିସ୍ତ୍ରୀ | - | ମିସ୍ତ୍ରୀକ ଏସୁ ବୁଗିନ୍ ପାଇଟିକ ପାଇଟିଏ । |
| କାଙ୍କଡ଼ | - | ମାଙ୍କଡ଼ କାଙ୍କଡ଼ ଖାଏ । |

| | | |
|---|---|---|
| ଅଚେନ୍ | - | ସାରାଆ ଅଚେନେଏଃ ଜମା । |
| କାଠଗୋଲି | - | କାଠଗୋଲି ହାଲୁକା ଲାଗେ । |
| ଦାରୁଗୋଲି | - | ଦାରୁଗୋଲି ଲାବାର୍ ଆଦାଓ୍ୱା । |
| କାକୁଡି | - | ଖରାଦିନେ କାକୁଡି ଖାଇବା ଭଲ । |
| ତାୟାର | - | ଦେଟେସିଙ୍ଗି ତାୟାର୍ ଜମେରେ ବୁଗିନ ଆଦାଓ୍ୱ । |
| କାମ | - | ରୋଗୀ ସେବା କରିବା ଏକ ମହତ୍ତ୍ୱ କାମ ଅଟେ । |
| ପାଇଟି | - | ରୋଗାତାନ୍କ ସେବାକରେ ଏସୁ ମାରଂ ପାଇଟି ତାନା । |
| କାଠିକୁଟା | - | ବର୍ଷାଜଳରେ କାଠିକୁଟା ଭାସିଯାଏ । |
| ତବରାକ | - | ଗାମାକେରେ ତବରାକ ଆଦୁନେ । |
| କତି | - | ପରିବା କାଟିବା ପାଇଁ କାତି ଦରକାର । |
| କାତୁ | - | ସବଜି ହାଡ୍ ଲାଗିଡ୍ କାତୁ ଦରକାର । |
| କାଖ | - | ବୁଢ଼ାଟି ଛତାଟି କାଖରେ ଜାକି ଯାଉଛି । |
| ହାତ୍ଲାଆ | - | ବୁଲେ ଛାତମ୍ ଲାଚାର୍ରେ ହେର୍ବେଡ୍ କାତେଏ ସେନଅତାନ । |
| କାହାଣୀ | - | ଜେଜେମା ମୋତେ କାହାଣୀ କହି ଶୁଆଇ ଦିଅନ୍ତି । |
| କାହାନି | - | କିଏଞ୍ଜ ଆଞ୍ଜ୍କେ କାହାନି କାଜିକାଜି ତେଏ ଗିତିଇଞ୍ଜେ । |
| କାନଫୁଲ | - | ଝିଅମାନେ ସୁନାର କାନଫୁଲ ପିନ୍ଧନ୍ତି । |
| ବାଆ ମୁରକି | - | କୁରହନକ ସୁନାରେୟା ମୁରକି ତେକ ମୁର୍କିନେ । |
| କାଗଜ | - | କାଗଜରେ ବହି ତିଆରି ହୁଏ । |
| କାଗଜ | - | କାଗଜଓ୍ୱାଏ ତେ ବହି ବାୟୁଓ୍ୱା । |
| କାର୍ଡ଼ | - | କାର୍ଡ଼ରେ ଚିଠି ଲେଖି ପଠାଯାଏ । |
| କାର୍ଡ଼ | - | କାର୍ଡ଼ରେ ଚିଠି ଅଲକାତେ କୁଲଓ୍ୱା । |
| କାନକୁ | - | ମନ୍ଦ ଭାଷା କାନକୁ ଭଲ ଶୁଭେ ନାହିଁ । |
| ଲୁତୁର. | - | କାରାବ କାଜି ଲୁତୁରରେ ବୁଗିନ କାହା ଆୟୁମଓ୍ୱା । |
| କାମୁଡ଼ି | - | କୁକୁର ହାଡ଼ଟିଏ କାମୁଡ଼ି ଧାଇଁଗଲା । |
| ହୁଏଓ୍ୱଏ | - | ସେତା ମିଏଡ୍ ଜାଂ ହୁଓ୍ୱେଏ କାତେ ନିର୍ଜାନା । |

| | | |
|---|---|---|
| କାଦୁଅ | - | ରାସ୍ତାଟି କାଦୁଅ ହୋଇଛି । |
| ଲସଡ଼୍ | - | ହରା ଲସଡ଼ା କାନା । |
| କାନ୍ଦୁଲ | - | ଆଦିବାସୀମାନେ ଜଙ୍ଗଲ କାଟି କାନ୍ଦୁଲ ଚାଷ କରନ୍ତି । |
| ରାଆଲି | - | ଆଦିବାସୀମାକ ବୁରୁ ମାଆ କେଏତେ ରାଆଲିକଚାଷୟା । |
| କାଢ଼ିବା | - | କୂଅରୁ ପାଣି କାଢ଼ିବାପାଇଁ ଅରଟ ଲାଗିଥାଏ । |
| ବାଲେ | - | କୂଏଁ ତେ ଦାଆ ବାଲେ ଲାଗିଡ୍ ଚାକା ତାଇନେ । |
| କାମରେ | - | ଚିରାକନା ବେଳେବେଳେ କାମରେ ଲାଗେ । |
| ପାଇଟିରେ | - | ଚାଚାଆ ଲିଜେଏ ମିସେମିସେ ପାଇଟିରେ ହୁଜୁଓ୍ୱେ । |
| କି କି | - | ନନ୍ଦନ କାନନରେ କି କି ପ୍ରାଣୀ ରହିଛନ୍ତି । |
| ଚିକାନ୍ ଚିକାନ୍ | - | ନନ୍ଦନ କାନନରେ ଚିକାନ୍ ଚିକାନ୍ କ ମେନାଃକଓ୍ୱା । |
| କିଚିରି ମିଚିରି | - | ନୀଡ଼ ଭିତରେ ପକ୍ଷୀ ଛୁଆ କିଚିରି ମିଚିରି ହୁଅନ୍ତି । |
| ଚିଁ ଚିଁ | - | ତୁକେ ବିତେରରେ ଅଏ ହନକିନ୍ ଚିଁ ଚିଁ ତାନାକିନ୍ । |
| କିଆରି | - | ଧାନ ତଳି ଓ ପାଡ଼ି କିଆରିରେ ଲଗାଯାଏ । |
| ବାଇଦି | - | ବାବା ପାଲା ତାଇ ସାଲ୍‌ରେ କେଏତେ ବାଇଦିରେ ରଓ୍ୱାୟା । |
| କିପରି | - | ଜଳ କିପରି ବାଷ୍ପ ହୁଏ ପରୀକ୍ଷା କରି ଦେଖ । |
| ଚିଲିକେ | - | ଦାଆ ଚିଲିକେ ବାପାଅନ୍ତାନା ପରୀକ୍ଷା କାତେ ନେଲେପେ । |
| କିଏ | - | କିଏ ପରିବାର ଚଳାନ୍ତି । |
| ଅକଏ | - | ଅକଏ ଅଓ୍ୱା ଦୁଏର ଚାଲାଓ୍ୱୟା । |
| କୀର୍ତ୍ତି | - | ଐତିହାସିକ କୀର୍ତ୍ତି ବହୁ ମୂଲ୍ୟ ସମ୍ପଦ ଅଟେ । |
| ବାଇତୁଉଡ୍‌ତେୟା | - | ସିଦେକ ବାଇତୁଉଡ୍‌ତେୟାଃ ଏସୁଗନଂ ବିତିତାନାଆ । |
| କ୍ରିଆ | - | ମହାତ୍ମା ଗାନ୍ଧୀଙ୍କର କ୍ରିଆ ଅବିସ୍ମରଣୀୟ ଅଟେ । |
| ପାଇଟି | - | ମହାତ୍ମା ଗାନ୍ଧୀୟେଏ ପାଇଟି କାହାରିଇଙ୍ଗୁଓ୍ୱାଁ । |
| କୁକୁଡ଼ା | - | କୁକୁଡ଼ା ଚାଷରେ ବହୁତ ଲାଭ ମିଳିଥାଏ । |
| ସିମ୍ | - | ସିମ୍ ଆସୁଲ୍‌ରେ ଏସୁ ଲାଭ ମେନାଆ । |
| କୁକୁର | - | କୁକୁର ଘର ଜଗେ । |
| ସେତା | - | ସେତା ଅଓ୍ୱା ହରୟା । |
| କୁରୁଳି | - | ମାମୁଁ ଘରକୁ ଯିବାକୁ କୁରୁଳି ଉଠନ୍ତି । |
| ରାଁସାପାଇର | - | ମାମୁଁ ଅଓ୍ୱା ସେନଅ ଲାଗିଡ୍ ରାଆଁସାତେ ପାଇର ଜାନା । |

| | | |
|---|---|---|
| କୁଲା | - | କୁଲା ସାହାର୍ଯ୍ୟରେ ଧାନ ପାଛୁଡ଼ା ଯାଏ । |
| ହାଟାଆ | - | ହାଟାଆତେ ବାବାକ ଗୁମୁଆଁ । |
| କୁଠାର | - | କୁଠାରରେ ଛୋଟ ଡ଼ାଳ କଟାଯାଏ । |
| ଦାଉଲି | - | ଦାଉଲିତେ ହୁଲିଂ କତକ ମାଆତେୟା । |
| କୁମ୍ଭୀର | - | କୁମ୍ଭୀର ଗଟେ ଭୟଙ୍କର ପ୍ରାଣୀ ଅଟେ । |
| ତାୟାନ | - | ତାୟାନ ମିଏଡ଼୍ ଏସୁବରଆନ ଜାନୁଆର । |
| କୁସୁମ | - | ଗୋଲାପ କୁସୁମର ସୁଗନ୍ଧ ଖୁବ ଭଲ ଲାଗେ । |
| ବାହା | - | ଗୋଲାପ ବାହାରେୟାଃ ଗୁଲାନ ଏସୁ ବୁଗିନ ଆଦାଓ୍ୱା । |
| କୁଦ | - | ହରିଣଟି ଏକ କୁଦାରେ ନାଳ ଡ଼େଇଲା । |
| ଭଇ/ପାଦା | - | ଅରେଏ ମିସେ ଭଇ ରେଗେ ଲହରେଏ ପାରମ କେଡ଼ା । |
| କୁମ୍ଭକଳସ | - | କୁମ୍ଭକଳସରେ ଜଳ ଭରି ପୂଜାକୁ ନିଆଯାଏ । |
| ଚାଟୁ କଲସ | - | ଚାଟୁ କଲସରେ ଦାଆ ପେରେଏକାତେ ବଙ୍ଗାତାଆକ ଇଡ଼ିଆ । |
| କୂଳ | - | ବନ୍ୟାବେଳେ ନଈ କୂଳ ଭାଙ୍ଗିଯାଏ । |
| କୁଟି | - | ଗାଳା ପେରେଏ ଜାନରେ ପାଳା କୁଟି ରାପୁତୁଆ । |
| କୁଳୁକୁଳୁ | - | ଝରଣାର କୁଳୁକୁଳୁ ଶବ୍ଦ ମୋହି ନିଏ । |
| କୁଳୁକୁଳୁ | - | ଲହର ଦାଆ କୁଳୁକୁଳୁ ତାନ୍ ଶାଳିରେ ଜୀବନ ରାଆଁସାଆ । |
| କୁଟୁମ୍ବ | - | ମନୁଷ୍ୟ କୁଟୁମ୍ବ ନେଇ ବଞ୍ଚେ । |
| ହାଗାବନ୍ଧୁ | - | ମାନୁଆଉ ହାଗାବନ୍ଧୁ ଇଡ଼ିକାତେ ଜିଇଡ଼ିନା । |
| କୁଣ୍ଡା | - | କୁଣ୍ଡାରୁ ଏକ ପ୍ରକାର ତାଲ ବାହାରେ । |
| ଲୁପୁଉ | - | ଲୁପୁଉ (ଶାଅଃ ଲୁପୁଉ) ତେ ସୁସୁନ ଅଣ୍ଡଙ୍ଗା । |
| କୁଣ୍ଡାଇବା | - | ଘାଆ କୁଣ୍ଡାଇବା ଅନୁଚିତ୍ । |
| ଗୁତାଆ | - | ଘାଅ କାହା ଗୁତାଏ ତେୟା କାଜି । |
| କୁତୁକୁତୁ | - | କାଖ ତଳ ଛୁଇଁଲେ କୁତୁକୁତୁ ଲାଗେ । |
| ଗାମାଙ୍ଗ | - | ଗୁତିଲାଗର୍ କୁଟିଡ଼େରେ ଗାମାଙ୍ଗଗେ ଆଦାଓ୍ୱା । |
| କୁଣିଆ | - | ଆମେ କୁଣିଆ ବ୍ୟକ୍ତିକୁ ଶ୍ରଦ୍ଧା କରୁ । |
| କୁପୁଲ୍ | - | ଆବୁ କୁପୁଲକବୁ ରାଆଁସା ତେକଓ୍ୱା । |

କୁହୁଡ଼ି - ଶୀତ ଋତୁ ସକାଳେ କୁହୁଡ଼ି ଦେଖାଯାଏ ।

ପୁକେଡ଼ - ରାବାଙ୍ଗ ଦିନ ସେତାଆ ପୁକେଡ଼୍ ନେଲଆ ।

କୃଷି - ଆମ ବାପା କୃଷି କର୍ମ କରନ୍ତି ।

ଚାଷ - ଆଲେ ଆପୁଞ୍ଜ ଚାଷ ପାଇଟି ତାନାଏ ।

କୃଷକ - କୃଷଖ ଦେଶବାସୀଙ୍କୁ ଖାଦ୍ୟ ଯୋଗାନ୍ତି ।

ଚାଷି - ଚାଷି ଦେଶୁମହୋକ ଜମ୍‌ମେଏ ଏମାକତାନା ।

କେଉଁ - ସୂର୍ଯ୍ୟ କେଉଁ ଦିଗରୁ ଉଦୟ ହୁଏ ।

ଅକନ - ସିଙ୍ଗି ଅକନ କୁଟିଏତଏ ତୁରିନା ।

କେଁ କଟର - ସନ୍ଧ୍ୟାବେଳେ ପକ୍ଷୀମାନେ କେଁ କଟର ହୁଅନ୍ତି ।

ଚେ଼ରବେର - ଆୟୁବ ଅ୍ଏକ ଚେରବେର ନାକ ।

କଭେଁ ଥିରେ - ଆଲକାତରା କେଉଁଥିରୁ ତିଆରି ହୁଏ ।

ଅକନାଏତେ - ଆଲକାତରା ଅକନାତେ ବାଇଅତାନା ।

କେଉଁ ଠାରୁ - ମହାନଦୀ କେଉଁ ଠାରୁ ବାହାରିଛି ।

ଅକନ ତାଆଏତେ- ମହାନଦୀ ଅକନତାଆଏତେ ଅଣ୍ଡଙ୍ଗାକାନା ।

କେଉଁଠି - ଆମ ରାଜ୍ୟରେ କେଉଁଠି କୋଇଲା ମିଳେ ।

ଅକନତାଆରେ - ଆବୁ ରାଇଜରେ ଅକନତାଆରେ କୋଇଲା ନାମଓ୍ବା ।

କେମିତି - ମଞ୍ଜିରୁ ଗଜା ବାହାରେ କେମିତି ।

ଚିଲିକେ - ଙ୍ଗାଂ ଆଏତେ ଚିଲିକେ ଅମନେନା ।

କେତେବେଳେ - ତୁମ ବିଦ୍ୟାଳୟ କେତେବେଳେ ଖୋଲେ ।

ଚିମିତେଙ୍ଗ - ଆପେ ଇସ୍କୁଲ ଚିମିତେଙ୍ଗ୍‌କ ଖୁଲାଅୟାଃ ।

ତେତୋଟି - ଆମ ରାଜ୍ୟରେ କେତୋଟି ରାଜ୍ୟ ଅଛି ।

ଚିମିନାଂ - ଆବୁ ରାଇଜରେ ଚିମିନାଂ ଜିଲ୍ଲା ମେନାଆ ।

କେଉଁମାନେ - କେଉଁମାନେ ଭୋଟ ଦେବାକୁ ଯୋଗ୍ୟ ହୁଅନ୍ତି ।

ଅକନ୍’ ଲ - ଅକନ୍’କ ଭୋଟ ଏମେ ଲାଗିଡ଼୍‌କ ସାଲାଓ୍ବା । (ମେନା କଓ୍ବା )

କେତେ - ପୃଥିବୀ ଠାରୁ ସୂର୍ଯ୍ୟର ଦୂରତା କେତେ ।

ଚିମିନ - ଦେଶୁମାଏତେ ସିଙ୍ଗି ଚିମିନେଏ ସାନିଙ୍ଗେ ।

କେବେ - ବସନ୍ତ ଋତୁ କେବେ ଆସେ ।

ଚୁରଲେ - ଫାଗୁନ ଚାଣ୍ଡୁଉ ଚୁରଲେ ହୁଜୁଓ୍ବେ ।

କେଉଁଠିକି - ଆମ ଶାଳୁଙ୍କି ନଦୀ କେଉଁଠିକି ବୋହିଯାଏ ।

| | | |
|---|---|---|
| ଅକନତାଆ | - | ଆବୁ ଶାଲୁକିଁ ଗାଲା ଅକନ୍‌ତାଆଃ ହାଲିନ୍ ତାନା । |
| କେଶର | - | ଅଣ୍ଡା କେଶର ରଙ୍ଗ ହଳଦିଆ ଅଟେ । |
| କେଶର | - | ଆଣ୍ଡା କେଶର ରଙ୍ଗ୍ ଷାଶାଙ୍ଗ ଗେୟା । |
| କୋଟି | - | ଶହେ ଲକ୍ଷରେ ଏକ କୋଟି ହୁଏ । |
| କୋଟି | - | ଶହେ ଲାକ୍ଷରେ ମିଡ୍ କୋଟି ହୁବାଓ୍ୱା । |
| କୋଣ | - | ପିଲାଟି ଘର କୋଣରେ ଲୁଚିଛି । |
| କୁନା | - | ହନ୍ ଅଓ୍ୱା କୁନାରେଏ ଉକୁଏକାନା । |
| କୋଇଲି | - | ବସନ୍ତ ଋତୁରେ କୋଉଲି ଗୀତ ଗାଏ । |
| ତୁଆର | - | ଫାଗୁନ ଚାଣ୍ଡୁରେ ତୁଆଉ ରାଆୟା । |
| କୋରଡ଼ | - | ପକ୍ଷୀମାନା ଗଛ କୋରଡ଼ରେ ଆଶ୍ରୟ ନିଅନ୍ତି । |
| ଡ଼ଡ଼ର | - | ଅଏକ ଡ଼ଡ଼ର ଦାରୁରେ କ ବାସାୟା । |
| କୋକି ଶିଆଳି | - | କୋକି ଶିଆଳି ଭାରି ଚତୁର । |
| କାଲକାଲ ତୁୟୁ | - | କାଲକାଲ ତୁୟୁ ଏସୁଉ ଚତୁର । |
| କୋଳି | - | ଖଜୁରି କୋଳି ମିଠା ଲାଗେ । |
| ଜଅ | - | ଖଜୁରି ଜଅ ନଗଡ଼ା । |
| କୋଳରେ | - | ଧରଣୀ ନିଜ କୋଳରେ ଆମକୁ ଧରିଛି । |
| କୟଂରେ | - | ଧରତି ଆୟାଆ କୟଂରେ ଆବୁଉ ସାବତାଡ଼ବୁଏ । |
| କୋଳାହଳ | - | ହାଟର କୋଳାହଳ ବହୁ ଦୂରକୁ ଶୁଣାଯାଏ । |
| କାକାଲା | - | ହାଆଟ ରେୟାଃ କାକାଲା ଏସୁସାନିଂ ଆୟୁମଓ୍ୱା । |
| କୋହଲା | - | ଶୀତ ଋତୁରେ ବେଳେବେଳେ କୋହଲା ପାଗ ହୁଏ । |
| ରାବାଙ୍ଗପୁକେଡ | - | ରାବାଙ୍ଗ ଚାଣ୍ଡୁରେ ମିସେମିସେ ରାବାଙ୍ଗ ପୁକେଡ଼୍ ଆଏ । |
| କୋଡ଼ି | - | ଆମେ କୋଡ଼ି ସାହାଯ୍ୟରେ ଘାସ ସଫା କରୁ । |
| କୁଡ଼୍‌ଲେମ୍ | - | ଆବୁ କୁଡ଼୍‌ଦଲେମ୍‌ତେ ଟାସାଡ଼୍‌ବୁ ସାଫାୟା । |
| କୌତୁହଳ | - | ନୂଆ ଜିନିଷ ଦେଖିବାକୁ କୌତୁହଳ ଜାତ ହୁଏ । |
| ସାନାଂ | - | ନାମାଜିନିଷ ନେଲଗେ ସାନାଙ୍ଗ ହୁକୁଓ୍ୱେ । |
| କୌଶଳ | - | ହାଣ୍ଡି ଗଢ଼ିବାରେ କୌଶଳ କୁମ୍ଭାର ମାନେ ଜାଣନ୍ତି । |
| ବୁଦ୍ଧି | - | ଚାଟୁ ବାଇତେୟାଃ ବୁଦ୍ଧି କୁମ୍ଭେଲକ ଆଦାନା । |
| କୌଣସି | - | ପର୍ଯ୍ୟାବରଣ ସୁରକ୍ଷା ପାଇଁ କୌଣସି ଉପାୟ ବାହାର କର । |

ଯାହାନ - ପରିବେଶ ବାଚାଅଲାଗିଡ୍ ଯାହାନ ହରା ନାମେ ପେ ।

କ୍ୟାପ - କ୍ରିକେଟ ଖେଳରେ କ୍ୟାପ ପିନ୍ଧି ଥାନ୍ତି ।

ଟୁପି - କ୍ରିକେଟ ଇନୁଂରେ ଟୁପି କ ତୁସିଙ୍ଗେନା ।

କ୍ୟାପେଟନ୍ - ଦକ୍ଷ କ୍ୟାପେଟନ୍ ହେତୁ ଦଳ ସଫଳତା ପାଏ ।

କ୍ୟାପଟେନ୍ - ଆଦାନ କ୍ୟାପେଟନ ତାଇନରେ ଇନୁଂକ ଦାୟେ ।

କ୍ରମ - କ୍ରମ ଅନୁସାରେ ନାମ ଲେଖ ।

ଲିକାଏଃ - ଲିକାଏ ତାନ୍ ଲେକା ନୁତ୍ରୁମ ଅଲେପେ ।

କ୍ରମାନ୍ୱୟରେ - କ୍ରମାନ୍ୱୟରେ ଉପସ୍ଥାନ ଦିଅ ।

ଲିକାଏଲିକା - ଲିକାଏ ଲେକା ହାଜିରି ଏ ମେପେ ।

କ୍ରିକେଟ - ଆଜିକାଲି କ୍ରିକେଟ ଲୋକପ୍ରିୟ ଖେଳ ପାଲଟିଛି ।

କ୍ରିକେଟ - ନାଆବାର୍‌ସିଂ କ୍ରିକେଟ ହୋକରାଆସା ଇନୁଂ ବାୟିୟଅତାନା ।

କୃଷକ - ମୋ ବାପା ଜଣେ କୃଷକ ଥିଲେ ।

ଚଷୀ - ଆଞ୍ଜାଆ ବାବା ମିଏଡ଼ ଚାଷୀ ତାଇକେନା ।

କ୍ଲାନ୍ତ - ଶ୍ରମିକଟିଏ କ୍ଲାନ୍ତ ହୋଇ ଘରକୁ ଫେରେ ।

ଲାଗା - ପାଇଟିନିଇ ଲାଗା କାନ୍ତେ ଅଓାତେଏ ରୁଡ୍ୱେଏ ।

କ୍ଲେଶ - ବିଭିନ୍ନ କ୍ଲେଶରେ ଆଜିର ମଣିଷ ଜର୍ଜରିତ ।

ଦୁକୁ - ଟିମିନ ଟିମିନ ଦୁକୁତେ ନାଆଃ ବାରସିଂ ହୋ' ଟପେୟାକାନା ।

## -ଖ-

ଖବର - ଖବର କାଗଜ ସମାଜର ଦର୍ପଣ ଅଟେ ।

ଖବର - ଖବର କାଗଜ ସମାଜରେୟାଃ ନେପେଲତାନାଆ ।

ଖସଡ଼ା - ବିଦ୍ୟାଳୟ ମାନଙ୍କରେ ଖସଡ଼ା ନିର୍ମିତ ହୋଇଛି ।

ଖସଡ଼ା - ଇସ୍କୁଲରେ ଖସଡ଼ା ବାୟେ କାନଓ୍ୱା ।

ଖପରା - ହାଣ୍ଡିଭାଙ୍ଗିଗଲେ ଖପରା ହୋଇଯାଏ ।

କେଚଅ - ଚାଟୁ ରାପୁତ୍‌ଜାନ୍‌ରେ କେଚଅ ବାଇନେ ।

ଖଜୁରୀ - ଆମ ଗାଁରେ ଡ଼େଙ୍ଗା ଡ଼େଙ୍ଗା ଖଜୁରୀ ଗଛ ଅଛି ।

କିଜିରି - ଆଲେ ହାତୁରେ ସାଲାଙ୍ଗି ସାଲାଙ୍ଗି କିଜିରି ଦାରୁ ମେନାଃ ।

ଖଡ଼ିକା - ଖଡ଼ିକାରେ ଗୁହାଳ ସଫା କରାଯାଏ ।

ଜନା - ଜନଅତେ ଗୁଓ୍ୱକ ସାଫାୟା ।

| | | |
|---|---|---|
| ଦୁଃଖ | - | ଆତ୍ମୀୟଙ୍କୁ ହରାଇଲେ ଭାରି ଦୁଃଖଲାଗେ । |
| ଦୁକୁ | - | ଅଓ୍ୱାରେନ୍ କ ବାଗେଜାନରେ ଇସୁ ଦୁକୁ ନାମଆଁ । |
| ଦୁଃଖିରଙ୍କୀ | - | ଆମ ଦେଶରେ ଦୁଃଖିରଙ୍କୀଙ୍କ ସଂଖ୍ୟା କମ୍ ନୁହେଁ । |
| ଦୁକିଗରିବ | - | ଆବୁ ଦିଶୁମ୍‌ରେ ଦୁକିଗରିବକଆଃ ସଂଖ୍ୟା ହୁଲିଂ ବାନଃ । |
| ଦୁଃସାହସ | - | ଶୀକାରିର ଦୁଃସାହସ ଥାଏ । |
| ଇସୁ ବର୍‌ସା | - | ସାଂଗାର୍ ହଃଆ ଇସୁ ବର୍‌ସା ମେନାଆଁ । |
| ଦୃଷ୍ଟି | - | ପିଲାଙ୍କ ପାଠପଢା ପ୍ରତି ପିତାମାତା ଦୃଷ୍ଟି ଦିଅନ୍ତୁ । |
| ଦ୍ୟାନ୍ | - | ହନ୍ କଆଃ ପାଳାଅ ଲାଗିଡ୍ ଏଙ୍ଗାଆପୁ ଦ୍ୟାନ୍ ଅମେଁପେ । |
| ଦୂରରେ | - | ଦୂରରେ ଥାଇ ମଧ୍ୟ ସାହାଯ୍ୟ କରି ହେବ । |
| ସାଙ୍ଗିନ୍‌ରେ | - | ସାଙ୍ଗିନ୍‌ରେ ତାଇୟାକାନ୍‌ତେ ରେୟ ଦେଙ୍ଗା ଦାୟିଆ । |
| ଦୁଷ୍ଟ | - | ଦୁଷ୍ଟମାନେ ଦିନେ ବିନିଷ୍ଟ ହେବେ । |
| ବଦ୍‌ମାସ୍ | - | ବଦ୍‌ମାସ୍‌କ ମୁସିଂ ସାପାଓ୍ୱାକ । |
| ଦୂଷିତ | - | ଦୂଷିତ ଜଳ ପାନ କଲେ ରୋଗ ହୁଏ । |
| ଜବରା | - | ଜବରା ଦାଃ ନୁଁ କେରେ ହାସୁ ହବାଓ୍ୱା । |
| ଦୃଶ୍ୟ | - | କରୁଣ ଦୃଶ୍ୟ ଦେଖିଲେ ହୃଦୟକୁ ବାଧେ । |
| ନେଲ | - | ରାଆଃ ନେଲରେ ଜୀବନ ଦୁକୁଓ୍ୱେ । |

ଦେଖାଦେଖି - ପରିବାର ଟିକିଏ ଦେଖାଦେଖି କରି ବାପା ଫେରି ଯାଆନ୍ତି ।

ନେପେଲ୍ - 'ପରିବାର କଲା ନେପେଲଯାନ୍‌ତେ ଆପୁ ରୁଆୟେ ।

ଦେଶ - ଆମ ଭାରତ ଏକ ବୃହତ ଦେଶ ଅଟେ ।

ଦିଶୁମ୍ - ଆବୁଆଃ ଭାରତ ମିତ ଇସୁ ମାରାଂ ଦିଶୁମ୍-ତାନା

ଛୁଏଁ - ସମୁଦ୍ର ଆମ ଜନ୍ମ ଭୂମିର ପାଦ ଛୁଏଁ ।

ଜୁଟିଡ୍ - ସମୁଦର୍ ଆବୁଆଃ ଜନମ୍ ହାସାଏ ଜୁଟିଡେତାନା ।

ଦେଖିବା - ସୂର୍ଯ୍ୟକୁ ଦେଖିବା ଦ୍ୱାରା ଆଖି ଖରାପ ହୁଏ ।

ନେଲେୟାବୁ - ସିଙ୍ଗି ନେଲକିରେ ମେଡ୍ କାରାବଓ୍ୱା ।

ଦେହ - ମୋ ଦେହ ଆଜି ଟିକିଏ ଭଲ ନାହିଁ ।

ହମଃ - ଆଞାଃ ହମଃ ତିସିଂ ଜକା ବୁଗିନ୍ ବାନଅାଁ ।

ଦେବଦାରୁ - ଦେବଦାରୁ ଗଛର କାଠରେ ଦିଆସିଲି ତିଆରି ହୁଏ ।

ଦେବଦାରୁ - ଦେବଦାରୁ ଦାରୁରେୟା ସାନ୍‌ତେ ମାଚିସ୍ ବାୟଆ ।

ଦେଖି - ହଠାତ୍ ବାଘ ଦେଖି ମୁଁ ଡରିଗଲି ।

ନେଲ୍ - ହଠାତ୍ କୁଲା ନେଲ୍‌କିତେ ଆଞ୍ ବରକିଡା ।

ଦେବୀ - କାଳିଜାଇ ପାହାଡରେ ଦେବୀ ମନ୍ଦିର ଅଛି ।

ପାଉଣୀ - କାଳିଜାଇ ବୁରୁରେ ପାଉଣୀ ମନ୍ଦିର୍ ମେନାଆ ।

ଦୋକାନ - ଆମ ଗ୍ରାମରେ ଔଷଧ ଦୋକାନଟିଏ ନାହିଁ ।

ଦକାନ୍ - ଆଲେ ହାତୁରେ ରାନୁ ଦକାନ୍ ବାନଅାଁ ।

ଦୋଳି - ଝିଅମାନେ ଦୋଳି ଖେଳି ଆନନ୍ଦ ପାଆନ୍ତି ।

ଡେଲଓ୍ୱା - ଏରାହନ୍‌କ ଡେଲଓ୍ୱା ଇନୁଂରେକ ରାସାଓ୍ୱା ।

ଦୈର୍ଘ୍ୟ - ହୀରାକୁଦ ବନ୍ଧର ଦୈର୍ଘ୍ୟ ପ୍ରାୟ ୨୫କି,ମି, ।

ଜିଲିଂ - ହୀରାକୁଦ୍ ବାନ୍ଧାରେୟା ଜିଲିଂ ୨୫କି,ମି. ।

ଦୌଡିବା - ଶିକ୍ଷକ ପିଲାଙ୍କୁ ଦୌଡିବା ପାଇଁ କହିଲେ ।

ନିରେ - ମାସ୍ଟର୍ ହନ୍‌କକେ ନିରେ ଲାଗିଡ୍ କାଯିୟାଡ୍ କଆଏ ।

ଦ୍ୱନ୍ଦ୍ୱ - ଲୋକଟିର କଥା ଶୁଣି ମୁଁ ଦ୍ୱନ୍ଦ୍ୱରେ ପଡିଲି ।

ଆକାମାକା - ହଃଓ୍ୱା କାଜି ଆୟୁମ୍‌ତେ ଆଞ୍ ଆକାମାକା ଇାନା ।

| | | |
|---|---|---|
| ଦ୍ୱାର | - | ମନ୍ଦିରର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିବା ଆବଶ୍ୟକ । |
| ଦୁଏର୍ | - | ମନ୍ଦିଲ୍‌ରେୟା ଦୁଏର୍ ସବେନ୍‌କ ଲାଗିତ୍ ନିଇଁକାନ୍ ତେୟା ଦର୍‌କାର୍ । |

-ଧ-

| | | |
|---|---|---|
| ଧଳା | - | ଟଗର ଫୁଲର ରଙ୍ଗ ଧଳା । |
| ପୁଣ୍ଡି | - | ଟଗର ବାଆରେୟା ରଙ୍ଗ୍ ପୁଣ୍ଡି । |
| ଧମନୀ | - | ଧମନୀରେ ପରିଶ୍ରୁତ ରକ୍ତଯାଏ । |
| ଇମ୍ | - | ଇମ୍ରେ ପାର୍ଚି ମାୟମ୍ ସେନଆଁ । |
| ଧନୁଶର | - | ଶବରମାନେ ଧନୁଶର ଧରି ଯାଆ ଆସ କରନ୍ତି । |
| ଆଃଶାର୍ | - | ଶବର୍‌କ ଆଃଶାର୍ ସାବ୍‌କେତେକ ହୁଜୁଉସେନଆଁ । |
| ଧଇଁସଇଁ | - | ଲୋକଟି ଧଇଁସଇଁ ହୋଇ ଘରେ ପହଞ୍ଚିଲା । |
| ଡେଲେଡେପେ | - | ହ ଡେଲେଡେପେ ଡାନ୍ ଅଓ୍ୱାରେଏ ବେଟାକେଡା । |
| ଧରିବା | - | ମାଛ ଧରିବା କେଉଟମାନଙ୍କର ବୃତ୍ତି ଅଟେ । |
| ସାବେୟା | - | ହାଇ ସାବ୍ କେଉଟକଆଃ ପାଇଟି ଡାନା । |
| ଧରାଧରି | - | ପିଲାଏ ଧରାଧରି ହୋଇ ଖେଳନ୍ତି । |
| ସାପାବ୍ | - | ହନ୍‌କ ସାପାବ୍ କାନ୍‌ତେକ ଇନୁଂଆଁ । |
| ଧନ୍ଦା | - | ସ୍କୁଲମାନଙ୍କରେ ଧନ୍ଦାମୂଳକ ଶିକ୍ଷା ଦେବା ଉଚିତ୍ । |
| ପାଇଟି | - | ଇସ୍‌କୁଲ୍‌ରେ ପାଇଟି ଶିକାଅ ଦରକାର୍ । |
| ଧନ୍ୟ | - | ଦେଶପାଇଁ ପ୍ରାଣବଳି ଦେଉଥିବା ଲୋକ ଧନ୍ୟ । |
| ଧଇନ | - | ଦେଶୁମ୍ ଲାଗିଡ୍ ଜୀବନ୍ ଏମେତାନିଇ ଧଇନ୍ୟ । |
| ଧନୀ | - | ଧନୀମାନେ ଗରିବଙ୍କ କଥା ବୁଝିବା ଉଚିତ୍ । |
| ମୁଣ୍ଡେ | - | ମୁଣ୍ଡେକ ରେଙ୍ଗେଏକଓ୍ୱା କାଜି ବୁଜାଅ ଦରକାର୍ । |
| ଧାର | - | ଗାଁର ଲୋକେ ଧାରଉଧାର କରି ଚଳନ୍ତି । |
| ଉଦେର୍ | - | ହାତୁରେନ୍ ହଃକ କାଲିଉଦେର କେତେକ ଚାଲାଓ୍ୱନା । |
| ଧ୍ୱର | - | ଧ୍ୱର ପାଣି ପଥର କାଟେ । |
| ସୁଏ | - | ସିଏ ଦାଆ ଦିରିଇ ହାଡେୟା । |

| | | |
|---|---|---|
| ଧୂଆଁ | - | ନିମ୍ବପତ୍ର ଧୂଆଁ ମଶା ଘଉଡାଏ । |
| ସୁକୁିଲ | - | ନିମ୍ ସାକାମ୍ ସୁକୁଲ୍ ସିକିଂକଏ ହାର୍ ଏଳାଆକଆ । |
| ଧୂଆଁଳିଆ | - | ଖରାଦିନେ ଆକାଶ ଧୂଆଁଳିଆ ଦେଖାଯାଏ । |
| ସୁକୁଲ୍‌ଗେ | - | ଜେଟେ ସିଂଗି ଗିମିଲ୍ ସୁକୁଲ୍‌ଗେ ନେଲଆ । |
| ଧୂପ | - | ପୂଜକ ଧୂପ ଦେଇ ପୂଜା କରନ୍ତି । |
| ଦୁପ୍ | - | ଦେଅଆଁ ଦୁପ୍ ଅମ୍‌କେଡେ ବଙ୍ଗାୟା । |
| ଧୂଏ | - | ସକାଳେ ଉଠି ମୁଁ ପ୍ରଥମେ ମୁହଁ ଧୂଏ । |
| ଆବୁଂ | - | ସେତାଆ ଉଟାଯାନ୍ତେ ଆଞ୍ ଆୟାର୍ ମେମୁଏ ଆବଂୁଏଁନା ଡ୍’ । |
| ଧୂଳି | - | ମାଟିରାସ୍ତାରେ ଖୁବ୍ ଧୂଳି ଉଡେ । |
| ଡୁଲାଡ୍ | - | ହାସା ହରାରେ ଇସୁ ଡୁଲାଡ୍ ଅଟାଂଏନା । |
| ଧୂଳି ଝାଡି | - | ପିଲାଟି ଧୂଳି ଝାଡି ଉଠି ପଡିଲା । |
| ଡୁଲାଡ କଟା | - | ହନ୍ ଡୁଲାଡ୍ କଟାନ୍ ଯାନ୍‌ତେଏ ଉଟାନ୍‌ଯାନା । |
| ଧ୍ୱଂସ | - | ପରମାଣୁ ବୋମା କ୍ଷଣିକ ମଧ୍ୟରେ ସବୁ ଧ୍ୱଂସ କରେ । |
| ନକ୍‌ସାନ୍ | - | ପରମାଣୁ ବୋମ୍ ଜକା ଲାଗିଡ୍ ସବେନ୍ ନୁକ୍‌ସାନ୍ ରେଙ୍ଗାୟ |

-ନ-

| | | |
|---|---|---|
| ନଈ | - | ମୁଁ ଆମ ଗାଁ ନଈରେ ପହଁରା ଶିଖିଛି । |
| ଗାଳା | - | ଆଞ୍ ଆଲେ ହାତୁ ଗାଳାରେ ଅୟାର୍ ଏତଆକାଡା । |
| ନଈ ବନ୍ଧ | - | ନଈବଢି ବେଳେ ନଈବନ୍ଧ ଭାଙ୍ଗିଯାଏ । |
| ଗଳାଆଲି | - | ଗାଳା ବାହାଲି ଇମିତାଂ ଗାଳାଆଲି ରାବିଡଆ । |
| ନଈବଢି | - | ନଈବଢି ଆମ ରାଜ୍ୟର ଏକ ବଡ ବିପତ୍ତି । |
| ଗାଳା ବୁଉଡି | - | ଗାଳା ବୁଉଡି ଆବୁ ଦିଶୁମ୍ ରେୟା ମିଡ ମାରାଂ ଦୁକୁ । |
| ନଦୀ | - | ମହାନଦୀ ଓଡିଶାରବଡ ନଦୀ । |
| ମାରାଂ ଗାଳା | - | ମହାନଦୀ ଓଡିଶାରେୟାଆ ମାରାଂ ଗାଳା । |
| ନକ୍ସା | - | ଇଞ୍ଜିନିୟର ଆସି ବିଦ୍ୟାଳୟର ନକ୍ସା ପ୍ରସ୍ତୁତ କଲେ । |
| ନକସା | - | ଇଂଜିନିୟର ହୁଜୁଉୟାନ୍‌ତେ ଇସ୍‌କୁଲ୍ ରେୟା ଆ ନକସାଏ ବାଇକେଡା । |

ନଜର - ଶିକ୍ଷକ ପ୍ରତି ପିଲା ଉପରେ ନଜର ରଖନ୍ତି ।
ନେଲ୍ - ମାଷ୍ଟର୍ ସବେନ୍ ହନ୍‌କ ଚେତାନ୍‌ରେଏ ନେଲେୟା ।
ନଟ୍ଟୁ - ପିଲାମାନେ ନଟ୍ଟୁ ଖେଳ ଭଲ ପାଆନ୍ତି ।
ନଟ୍ଟୁ - ହନକ ନଟ୍ଟୁ ଇନୁଂ ବୁଗିକ ଆଦାୟା ।
ନଡିଆ - ନଡିଆ କତାରେ ଦଉଡି ତିଆରି ହୁଏ ।
ନାରିଏଲ - ନାରିଏଲ ଚକାଆରେ ପାଗା ବାଇୟଆ ।
ନବମ - ଦୌଡ ଖେଳରେ ଗିତା ନବମ ସ୍ଥାନରେ ରହିଲା ।
ଆରେ - ନିର୍ ଇନୁଂରେ ଗିତା ଆରେ ଜାଗାରେଏ ତାଇଜାନା ।
ନଳ - ନଳକୂପ ପାଣି ପିଇବା ନିରାପଦ ।
ନଳ - ନଳକୂଏଁ ଦାଆ ନୁଉଁ ବାଣିଏଁ ।
ନଷ୍ଟ - ଖାଦ୍ୟଦ୍ରବ୍ୟ ଆଦି ନଷ୍ଟ କର ନାହିଁ ।
କାରାବ୍ - ଜମେତେୟା ଜିନିଷ୍କ ଆଲପେ କାରାବେୟା ।
ନାଲି - ସଂନ୍ଧ୍ୟା ସୂର୍ଯ୍ୟ ନାଲି ଦେଖାଯାଏ ।
ଆରାଆ - ଆୟୁବ୍ ପାଂ ସିଂଗି ଆରାଆ ନେଲଆ ।
ନାଳ - ନାଳରେ ପାଣି ଦୂରକୁ ନିଆଯାଇଥାଏ ।
କେନ୍ଦାଲ୍ - କେନ୍ଦାଲ୍‌ରେ ଦାଆ ସାଂଗିନ୍‌କ ଇଡୟା ।
ନାତୁଣୀ - ମୋର ଗୋଟିଏ ନାତୁଣୀ ଅଛି ।
ଜାଇକୁଇ - ଆଞ୍ଜାଆ ମିଡ ଜାଇକୁଇ ମେନାଇଆ ।
ନାଶ - ଦୁଷ୍ଟର ସର୍ବନାଶ ହୋଇଯାଏ ।
ଚାବା - କାରାବ ହଃଆ ସବେନ୍ ଚାବାଅଆଃ ।
ନାମ - ବହୁମୂଲ୍ୟ ସୁବର୍ଣ୍ଣ ଅପେକ୍ଷା ଉତ୍ତମ ନାମ ଭଲ ।
ନୁତୁମ୍ - ଇସୁ ଗନଂ ସାମାଣଂଆଏତେ ଇସୁବୁଗିନ୍ ନୁତୁଂମ୍ ବୁଗିନାମ୍ ।
ନାରଖାର - ଅବାଧ ପୁତ୍ର ସମ୍ପତ୍ତି ନାରଖାର କରେ ।
ଚିନ୍‌ବିନ୍ - କାରାବ୍ ହନ୍‌କଲା ସମ୍ପତ୍ତିକଏ ଚିନ୍‌ବିନ୍ ଚାବାୟା ।
ନାରିକେଳ - କେରଳ ରାଜ୍ୟରେ ବହୁତ ନାରିକେଳ ଗଛ ଅଛି ।
ନାରିଏଲ୍ - କେରଳ ରାଇଜ୍‌ରେ ଇସୁପୁରାଆ ନାରିଏଲ୍ ଦାରୁ ମେନାଆ ।
ନାତି - ରବି ବାବୁଙ୍କ ନାତି ଷଷ୍ଠ ଶ୍ରେଣୀରେ ପଢେ ।
ଜାଇ - ରବି ବାବୁଏ ଜାଇ ତୁରୁଇ କେଲେସ୍‌ରେଏ ପାଳାଅଆ ।

ନା - ଧୂମ୍ରପାନକୁ ନା କହ ।

ବା - ସୁକୁଲ୍ ସିପ୍ ବା ମେନେପେ ।

ନାଚିନାଚି - ଲହଡି ନାଚିନାଚି କୂଳରେ ପିଟି ହୁଏ ।

ସୁସୁନ୍ - ଲେୟାଂ ସୁସୁନ୍ ସୁସୁନ୍ତେ ଗଲା ଗିନିଲ୍‌ରେଏ ଟାକୁବଆ ।

ନାଗରିକ - ଆମେ ଭାରତର ନାଗରିକ ଅଟୁ ।

ଦିଶୁମ୍ ହଃକ - ଆବୁ ଭାରତ ଦିଶୁମ୍ ହଃକ ଡାନାବୁ ।

ନାନା - ସେ ମୋତେ ନାନା କଟୁ କଥା କହିଲା ।

ରକମ୍ ରକମ୍ - ଆଏ ଆଞ୍ଚକେ ରକମ୍ ରକମ୍ କାରାବ କାଜିଇ କାଜିଆ ଡିଆଁ ।

ନାକ - ଦୁର୍ଗନ୍ଧରେ ନାକ ଫାଟି ପଡୁଛି ।

ମୁଟେ - କାରାବ୍ ସଆନ୍‌ତେ ମୁଟେ ଚାଟାଆ ଡାନା ।

ନାଡି - କବିରାଜ ନାଡି ଦେଖି ରୋଗ ଚିହ୍ନନ୍ତି ।

ଶିର୍ - କବିରାଜ ଶିର୍ ନେଲ୍‌କେତେ ରଗାଏ ଉର୍‌ଗୁମେଆ ।

ନିଜେ - ପିଲାମାନେ ନିଜେ ନିଜର ଖାତାପତ୍ର ସଜାଇ ରଖନ୍ତୁ ।

ଆପାନ୍ - ହନ୍‌କ ଆପାନ୍ ଆପାନାଆ କାତାପତରକ୍‌ ସାଂଗମ୍ କେଏତେକ ଜଗାଏକା ।

ନିଦ - ଦିନବେଳେ ନିଦରେ ଶୋଇବା ଅନୁଚିତ ।

ଦୁଉମ୍ - ସିଂଗି ଇମିତାଙ୍ଗ୍ ଦୁଉମରେ ଗିତିଇ କାଟିକିଆ ।

ନିୟମ - ସମସ୍ତେ ବିଦ୍ୟାଳୟର ନିୟମ ମାନିବା ଉଚିତ୍ ।

ଦୁସ୍‌ତୁର - ସବେନ ଇସ୍‌କୁଲ୍‌ରେୟାଆ ଦୁସ୍‌ତୁର ମାନାତିଂ ଦରକାର୍ ।

ନିର୍ମଳ - ଶରତ ଋତୁରେ ନଈପାଣି ନିର୍ମଳ ଦେଖାଯାଏ ।

ରିଲାମାଲା - ଶରତ ଋତୁରେ ଗାଡାରେଆ ଦାଆ ରିଲାମାଲା ନେଲଆ ।

ନିକିତି - ଦୋକାନୀ ନିକିତିରେ ଓଜନ କରେ ।

ନିକତି - ଦକାନଦାର୍ ନିକ୍‌ତିରେ ଓଜନେୟାଁ ।

ନିସ୍ୱ - ନିସ୍ୱ ବ୍ୟକ୍ତିଙ୍କୁ ଯଥା ସମ୍ଭବ ସାହାଯ୍ୟ କର ।

ବାନଅ - ବାନଅ ହ କେ ଦାଇଙ୍ଗ ଦେଙ୍ଗାଇପେ ।

ନିଷ୍ଠା - ନିଷ୍ଠା ବଳରେ ଅସମ୍ଭବ ସମ୍ଭବ ହୋଇଥାଏ ।

ଜୁଲୁଙ୍ଗ - ଜୁଲୁଙ୍ଗ ଜାନରେ କାହା ହବାନତେୟା ହବାନା ।

ନିଷ୍ଫଳ - ପରିଶ୍ରମ କେବେ ନିଷ୍ଫଳ ହୁଏ ନାହିଁ ।

ସାମା - ଲାଗାତିଂରେ ଚୁଇଲେଅ କାହା ସାମାଃଆଁ ।

ନିର୍ବାହ - ଆମେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ୍ ।

ପାନାଇଟି - ଆବୁ ଆବୁଓ୍ୱେ ପାନାଇଟିତେୟା କାଜି ।

ନିଷ୍ପତ୍ତି - ଦେଶସେବା କରିବାକୁ ସମସ୍ତେ ନିଷ୍ପତ୍ତି ନେବା ।

ପାଏସାଲା - ଦେଶୁମ୍ ସେବା ଲାଗିଡ୍ ସାବିନ ପାଏସାଲାଏ ତେୟା କାଜି ।

ନିଷ୍ପକ୍ଷ - ବିଚାରକର୍ତ୍ତା ନିଷ୍ପକ୍ଷ ବିଚାର କରିଥାନ୍ତି ।

ମିଡ୍‌ଗେ - ବିଚାରତାନିଇ ମିଡଗେଏ ବିଚାରେୟାଃ ।

ନିଷେଧ - ସାଧାରଣ ସ୍ଥାନରେ ଧୂମ୍ରପାନ ନିଷେଧ ।

ମାନା - ସାବିନକଓ୍ୱା ଜାଗାରେ ସିବ୍ ମାନାମେନାଃ ।

ନିର୍ଦ୍ଦେଶ - ଦୁର୍ନୀତି ନିବାରଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି ।

ଉଦୁବ - କାରାବ ନୀତି ବନ୍ଦ ଲାଗିଡ୍ ସରକାର ଉଦୁବ ତାଡା ।

ନିଶ୍ଚଳ - ସମୀର ହୃଦଘାତରେ ନିଶ୍ଚଳ ହୋଇଛି ।

ହାପାଉତେର - ସମୀର କୁଏମ ହାସୁତେଏ ହାପା ଉତେରଜାନା ।

ନିରୀକ୍ଷଣ - ଶିକ୍ଷକ ଛାତ୍ରମାନଙ୍କୁ ନିରୀକ୍ଷଣ କରୁଛନ୍ତି ।

ନେଲ୍ - ହନକକେ ମାଷ୍ଟର ନେଲ୍କ ତାନା ।

ନିରୂପଣ - ଆସନ୍ତା ବର୍ଷ ଆଳୁଚାଷ କରିବାକୁ ଆମେ ନିରୂପଣ କରିଛୁ ।

ଗୁଟା - ହୁଜୁଉ ସିର୍ମା ଆଲୁଚାଷ୍ ଲାଗିଡ ଆଲେ ଗୁଟା ତାଡା ।

ନିତି - ମୁଁ ନିତି ଈଶ୍ୱରଙ୍କୁ ପ୍ରାର୍ଥନା କରେ ।

ସାବିଦିନ - ଆଞ୍ଜ୍ ସାବିଦିନ୍ ସିଂଗିବଙ୍ଗାକେଞ୍ଜ୍ ଆର୍ଦାଶଇ ତାନା ।

ନିଶ୍ଚୟ - ଶ୍ରମର ଫଳ ଦିନେ ନିଶ୍ଚୟ ମିଳିବ ।

ସାରିତେ - ପାଇଟିରେୟାଃ ଜଅ ସାରିତେ ମୁସିଂ ନାମଓ୍ୱା ।

ନିର୍ବୋଧ - ନିର୍ବୋଧମାନେ କିଛି କରି ପାରନ୍ତି ନାହିଁ ।

ମୁରୁକୁ - ମୁରୁକୁକ ଯାହାନ ପାଇଟି କାକ ଦାୟେ ।

ନିଆଁ - ଅମ୍ଳଜାନ ନିଆଁ ଜଳିବାରେ ସାହାଯ୍ୟ କରେ ।

ସେଙ୍ଗେଲ - ଅମ୍ଳଜାନ ସେଙ୍ଗେଲଜୁଲ ଲାଗିତେଏ ଦେଙ୍ଗାଆ ।

ନିକାଞ୍ଚନ - ନିକାଙ୍‌ଚନ ଜାଗାରେ ମୋତେ ଶାନ୍ତି ମିଳେ ।

ଶାଏଶୁଇ - ଶାଏଶୁଇ ଜାଗାରେ ଆଡ଼ଜ୍ ବୁଗିନ୍ ଆଦାୟା ।

ନିଲାମ - ଜବତ ହୋଇଥିବା ଗାଡି ନିଲାମ ହୋଇଯିବ ।

ନିଲେମ୍ - ସାବାକାନତେୟା ଗାଲି ନିଲେମଓ୍ବା ।

ନିମନ୍ତ୍ରଣ - ମୋ ଜନ୍ମ ଦିନରେ ମୁଁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରେ ।

ଦିଲି - ଆଞ୍ଚଆ ଜନମ ଦିନରେ କୁପୁଲକଞ୍ଜ୍ ଦିଲିକଓ୍ବା ।

ନିର୍ଣ୍ଣୟ - ପ୍ରତିଟି କାର୍ଯ୍ୟ କିପରି କରାଯିବ ତାହା ଆମେ ନିର୍ଣ୍ଣୟ କରୁ ।

ଉଲୁଃମୁଣ୍ଡି - ସାବିନ ପାଇଟି ଚିଲିକା ପାଇଟିୟୁଓ୍ବା ଏନା ଆବୁଗେ ଉଲୁଉ ମୁଣ୍ଡିଏ ।

ନିଜର - ନିଜେ ନିଜର ପ୍ରଶଂସା କରିବା ଅନୁଚିତ ।

ଆପାନାଆ - ଆପାନଗେ ଆପାନାଆ ମାମାରାଙ୍ଗ୍ କାହା ବୁଗିନେ ।

ନିର୍ଦ୍ଦିଷ୍ଟ - ପ୍ରତିଟି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ରହିଥାଏ ।

ଠିଇକି - ସାବିନ ନିନଃ ରେୟା ଠିଇକି ଉତ୍ତର ତାଇନେ ।

ନିଶ୍ୱାସ - ନିଶ୍ୱାସ ବାୟୁରେ ଅଧିକ ଅଙ୍ଗାରକାମ୍ଳ ଥାଏ ।

ଶାଏତ୍ - ଶାଏତ୍ ହୟରେ ପୁରେଏତେ ଅଙ୍ଗାରକାମ୍ଳ ତାଇନେ ।

ନିୟନ୍ତ୍ରଣ - ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମିତ ହୋଇଛି ।

ସାବରୁଓ୍ୱେ - ହୀରାକୁଦ ବାନ୍ଧା ଗାମା ଦାଆ ସାବ୍‌ରୁଓ୍ୱେ ଲାଗିଡ୍ ମେନାଃ ।

ନୀଡ - ବାଇ ଚଢେଇ ଝଡବର୍ଷାବେଳେ ନୀଡରେ ଝୁଲୁଥାଏ ।

ବୁସୁଉ - ଚାଲୁ ଅୟେବୁସୁଉ ଗାମାରେୟ ବୁଙ୍ଗେ କାନଓ୍ବା ।

ନୀତି - ସମାଜର ନୀତି ନିୟମ ପାଳନ କରିବା ଉଚିତ ।

ନୀତି ନିୟମ - ସମାଜରେୟା ନୀତି ନିୟମ ମାନାତିଂତେୟା କାଜି ।

ନୀଳ - ନୀଳ ଆକାଶରେ ବାଦଲ ଭାସେ ।

ନିଲ୍ - ନିଲ୍ ରିମିଲରେ ଗାମା ରିମିଲ ଆପିରିନା ।

ନୀରବ - ବିଦ୍ୟାଳୟରେ ଆମେ ନିତି ନୀରବ ପ୍ରାର୍ଥନା କରୁ ।

ହାପା - ଛାଅଗେ ଆଲେ ଇସ୍କୁଲରେ ହାପାକାତେଲେ ପ୍ରାର୍ଥନାୟା ।

| | | |
|---|---|---|
| ନୂଆଁ | - | ପଶ୍ଚିମ ଓଡିଶାରେ ନୂଆଖାଇ ପାଳନ କରନ୍ତି । |
| ନାମା | - | ସିଙ୍ଗିହାସୁର ଓଡିଶାରେନ୍‌କ ଜମନାମାକ ମାନାତିଙ୍ଗେ । |
| ନୂଆଣିଆ | - | ଗାଁ ଗହଳିରେ ନୂଆଣିଆ ଚାଳଘର ଥାଏ । |
| ନାମାଲେକାନ | - | ହାତୁରେ ନାମାଲେକାନ ବୁସୁଉଅଓ୍ୱା ତାଇନେ । |
| ନୂଆଁନୂଆଁ | - | ମାମୁଁ ଘରେ ମୋତେ ନୂଆଁନୂଆଁ ଲାଗେ । |
| ନାମାନାମା | - | ମାମୁଁ ଅଓ୍ୱାରେ ଆଞ୍ଜ୍ ନାମାନାମାଞ୍ଜ ଆଦାୟା । |
| ନୂତନ | - | ନୂତନ ବର୍ଷ ଆମ ପାଇଁ ଆନନ୍ଦ ଆଣିଦିଏ । |
| ନାମା | - | ନାମା ସିର୍ମା ଆବୁଲାଗିଡ୍ ରାଆସାଃ ଆଗୁଏବୁଏ । |
| ନେଉଳ | - | ନେଉଳ ସାପ ସହିତ ଲଢେଇ କରେ । |
| ଗିନ୍ଦୁରୁ | - | ଗିନ୍ଦୁରୁ ବିଙ୍ଗ ଲଃଅ ଅପତାଆଃ । |
| ନେତା | - | ଆମ ରାଜ୍ୟରେ ସଚ୍ଚୋଟ ନେତାଙ୍କର ଅଭାବ ଅଛି । |
| ନେତା | - | ଆବୁ ରାଜ୍ୟରେ ବୁଗିନ୍ ନେତାଗେ ବାଙ୍କୁଏ । |
| ନେତୃତ୍ୱ | - | ରାଜ୍ୟରେ ମୂଖ୍ୟମନ୍ତ୍ରୀ ଶାସନର ନେତୃତ୍ୱ ନିଅନ୍ତି । |
| ଭାଆର | - | ରାଜ୍ୟରେ ମୂଖ୍ୟମନ୍ତ୍ରୀ ଶାସନ ଭାର ଇଡିଆ । |
| ନେହୁରା | - | ଜିଲ୍ଲାପାଳଙ୍କଠାରେ ଲୋକେ ନେହୁରା ହୁଅନ୍ତି । |

-ପ-

| | | |
|---|---|---|
| ପତାକା | - | ତ୍ରିରଙ୍ଗା ପତାକା ଆମର ଜାତୀୟ ପତାକା ଅଟେ । |
| ଝାଣ୍ଡି | - | ତ୍ରିରଙ୍ଗା ଆବୁଓ୍ୱେ ଦେଶୁମ୍ ଝାଣ୍ଡି । |
| ପଶୁ | - | ଗାଈ ଏକ ଗୃହପାଳିତ ପଶୁ । |
| ଜାନୁଆର | - | ଗୁଣ୍ଡି ମିଏଡ୍ ଆସୁଲିଇ ଜାନୁଆର । |
| ପଲ | - | ଗୋରୁ ପଲ ସନ୍ଧ୍ୟାରେ ଫେରେ । |
| ଗଅଟ | - | ଉରିଇ ଗଅଟ ଆୟୁବ୍‌କ ରୁଓ୍ୱେଏ । |
| ପକ୍ଷୀ | - | ପକ୍ଷୀମାନେ ବୁଣନ୍ତି ନାହିଁ କିମ୍ବା କାଟନ୍ତି ନାହିଁ । |
| ଅୟେଃ | - | ଅୟେକ କାକ ହେରେୟା ଚି କାକ ଇରିୟା । |
| ପବନ | - | ଦକ୍ଷିଣା ପବନଦେହକୁ ଥଣ୍ଡା ଲାଗେ । |
| ହୟ | - | ଦକିନ୍ ହୟ ହମରେ ସାସାଗେ ଆଦାଓ୍ୱା । |
| ପଗଡି | - | ଶିଖ ଲୋକ ମୁଣ୍ଡରେ ପଗଡି ବାନ୍ଧନ୍ତି । |
| ବେନ୍‌ଟା | - | ପାଞ୍ଜାବୀ ହ କ ବଅଃ ରେକ ବେଣ୍ଟାନା । |

| | | |
|---|---|---|
| ପରାଣ | - | ସହିଦମାନେ ଦେଶ ପାଇଁ ପରାଣ ଦିଅନ୍ତି । |
| ଜୀବନ | - | ଦେଶ୍ରମ ଲାଗିଡ୍ ସହିଦକ ଜୀବନକ ଏମେତାନା । |
| ପଥର | - | ପଥରରେ ପୁନାଦି ତିଆରି କରାଯାଏ । |
| ଦିରି | - | ଦିରିତେ ପୁନାଦିକ ବାଇୟେ । |
| ପର୍ବ | - | ଓଡିଶାରେ ଅନେକ ପର୍ବପର୍ବଣୀ ପାଳିତ ହୁଏ । |
| ପରବ | - | ଓଡିଶାରେ ଚିମିନ ଚିମିନ୍ ପରବପନାଇ ମାନାତିଂ ହବାନା । |
| ପଡିବା | - | ତଳେ ପଡିବା ଖାଦ୍ୟ ଖାଅନାହିଁ । |
| ଇୟୁଉ | - | ଲାତାର୍ ଇୟୁଉକାନ୍ ଜମାଆ ଆଲପେ ଜମେୟା । |
| ପରସ୍ପର | - | ପିଲାଏ ପରସ୍ପର ହାତ ଧରି ଖେଳନ୍ତି । |
| ଆକଆକ | - | ହନକ ଆକଆକ ତିଇ ସାବାକାନ୍ତେକ ଇନୁଙ୍ଗେ । |
| ପତ୍ର | - | ତୁଳସି ଦୁଇ ପତ୍ରରୁ ବାସେ । |
| ପାତାଆ | - | ତୁଳସି ବାରିଏ ପାତାଏତେ ଶୁଆନା । |
| ପରିସ୍ଥିତି | - | ପରିସ୍ଥିତିକୁ ବିଚାର କରି କାମ କରିବା ଉଚିତ୍ । |
| ପରିସ୍ଥିତି | - | ପରିସ୍ଥିତି ନେଲକାତେପାଇଟିଇତେୟା କାଜି । |
| ପଶୁପାଳନ | - | ପଶୁପାଳନ ଏକ ଲାଭଜନକ ଉଦ୍ୟୋଗ । |
| ଜାନୁଆର ଆସୁଲ | - | ଜାନୁଆର ଆସୁଲ ମିଏଡ୍ ଲାଭ ପାଇଟି । |
| ପଞ୍ଚାୟତ | - | ସରପଞ୍ଚ ପଞ୍ଚାୟତକୁ ଚଳାନ୍ତି । |
| ପଞ୍ଚାୟତ | - | ସରପଞ୍ଚ ପଞ୍ଚାୟତକେଏ ଚାଲାଅୟାଃ । |
| ପରିଚ୍ଛନ୍ନ | - | ପରିଚ୍ଛନ୍ନ ଦ୍ୱାରା ରୋଗରୁ ମୁକ୍ତି ମିଳେ । |
| ରିଳେମାଲା | - | ରିଳେମାଲା ତାଇନ୍‌ରେ ରୁଗା କାଏଃ ନାଆମା । |
| ପଶୁସମ୍ପଦ | - | ପଶୁସମ୍ପଦର ଯତ୍ନ ନେବା ବାଞ୍ଛନୀୟ । |
| ଜାନୁଆର ବିତି | - | ଜାନଆର ବିତି ଯତନକତେୟା କାଜି । |
| ପରାମର୍ଶ | - | ପିଲାମାନଙ୍କର ପରାମର୍ଶ ଗ୍ରହଣ କର । |
| ବୁଗି ଜାପାଗାର | - | ବୁଗିଜାପାଗାର ହନ୍ କଓ୍ୱାଅ ଆୟୁମେତେୟା କାଜି । |
| ପରିବହନ | - | ଯତ୍ରୀ ପରିବହନ ପାଇଁ ବସ୍ ଅଛି । |
| ଇଡ୍‌ଆଗୁ | - | ହୋକ ଉଡଆଗୁ ଲାଗିଡ୍ ବସ୍ ମେନାଆ । |
| ପହଁରି | - | ମୁଁ ନଦୀ ପହଁରି ସେପାରିକି ଗଲି । |
| ଅୟାର୍ | - | ଆଞ୍ଜ୍ ଅୟାର୍ ଅୟରତେ ତେରପାଆଞ୍ଜ୍ ପାରମ୍‌ଜାନା । |

| | | |
|---|---|---|
| ପହଞ୍ଚ | - | ମଙ୍ଗଳ ଗ୍ରହ ମନୁଷ୍ୟ ପହଞ୍ଚତାରେ ନାହିଁ । |
| ତେବାଆ | - | ମଙ୍ଗଳ ଗ୍ରହ ହ କଓ୍ୱା ତେବାଆରେ ବାନଅ । |
| ପରିବା | - | ଶୀତଦିନେ ପରିବା ଦର କମ୍ ରହେ । |
| ସବ୍‌ଜି | - | ରାବାଙ୍ଗଦିନ୍ ସବଜି ଗନଂ ହୁଲିଂଗେ ତାଇନେ । |
| ପରିବେଶ | - | ସୁସ୍ଥ ପରିବେଶ ସୁସ୍ଥ ଦେଶ । |
| ପରିବେଶ | - | ବୁଗିନ୍ ପରିବେଶ ବୁଗିନ୍ ଦେଶୁମ୍ । |
| ପରୋପକାର | - | ପରୋପକାର ପରମ ଧର୍ମ । |
| ଏଟାଆକ ଦେଙ୍ଗା | - | ଏଟାଆକଦେଙ୍ଗା ଏସୁମାରାଂ ଧରମ୍ ପାଇଟି । |
| ପରିଷ୍କାର | - | ଗାଁ ଦାଣ୍ଡ ପରିଷ୍କାର ରଖ । |
| ସାପା | - | ହାତୁ ହାଟିଏ ସାପା ଜଗାଅଏପେ । |
| ପରମେଶ୍ୱର | - | ପରମେଶ୍ୱର ଆମର ଯତ୍ନକାରୀ ଅଟନ୍ତି । |
| ସିଂବଙ୍ଗା | - | ସିଂବଙ୍ଗା ଆବୁୱ୍ୱେ ଯତନ ତାନିଇ । |
| ପଥର ଦିଅଁ | - | ମନ୍ଦିରରେ ପଥର ଦିଅଁ ପୂଜା ପାଆନ୍ତି । |
| ବଙ୍ଗାଦିରି | - | ମନ୍ଦିରରେ ବଙ୍ଗାଦିରି ବଙ୍ଗାଏ ନାମେତାନା । |
| ପଦା କରିବା | - | ଲଟାବୁଦା ପଦା କରିବା ଦ୍ୱାରା ମଶା ଧ୍ୱଂସ ହୁଏ । |
| ମାଆଃସାପା | - | ଜୁମ୍ୟେଏକ ମାଆଃସାପାଏରେ ଶିକିଙ୍ଗକ ଚାବାଓ୍ୱା |
| ପରି | - | ଆମ ଦେଶ ପରି ସୁନ୍ଦର ଦେଶ ପୃଥିବୀରେ ନାହିଁ । |
| ଲେକା | - | ଆବୁ ଦେଶୁମ୍ ଲେକା ସୁନ୍ଦର ଦେଶୁମ୍ ଦୁନିଆରେ ବାନଅଃ |
| ପଲ୍ଲବ | - | ଗଛରେ ପଲ୍ଲବ ସୁନ୍ଦର ଦେଖାଯାଏ । |
| ସାଗେନ | - | ଦାରୁରେ ସାଗେନ୍ ଏସୁ ବୁଗିନ୍ ନେଲଆ । |
| ପଲ୍ଲୀ | - | ଫସଲ ଅମଳ ସମୟରେ ପୁରପଲ୍ଲୀ ମୁଖରିତ ହୁଏ । |
| ହାତୁ | - | ସାରଦି ସମାୟରେ ହାତୁଗଟା ରେଏଁ ତାଇନେ । |
| ପତ୍ନୀ | - | ପତିପତ୍ନୀ ପିଲାଙ୍କ ଯତ୍ନ ନିଅନ୍ତି । |
| ଏରା | - | ଏରାକଓ୍ୱାତେ ହନକକିନ୍ ଯତନ୍‌କଓ୍ୱା । |
| ପଚାସଢା | - | ପଚାସଢା ଖାଦ୍ୟ ଶରୀର କ୍ଷତିକାରକ । |
| ସୁୟା | - | ସୁୟାତାନ୍ ଜମାଆ ହମଅ କାରାବେୟା । |
| ପଶୁପକ୍ଷୀ | - | ଅନେକ ପଶୁପକ୍ଷୀ ଆମ ସଙ୍ଗେ ବାସ କରନ୍ତି । |
| ଜାନଆର ଅଏ | - | ଚିମିନେଙ୍ଗ ଜାନୁଆର ଅଏକ ଆବୁଲଅକ ତାଇନେ । |
| ପଚରାପଚରି | - | ଚୋର ଧରିବା ପାଇଁ ପୋଲିସ ପଚରାପଚରି କରନ୍ତି । |
| କୁଲିବିୟୁର | - | କୁମ୍ବୁଉ ସାବ୍ ଲାଗିଡ୍ ପୋଲିସ କୁଲବିୟୁରେଏଃ । |

ପହଞ୍ଚିବା - ଟ୍ରେନ ଧରିବାକୁ ହେଲେ ଠିକ୍ ସମୟରେ ପହଞ୍ଚିବାକୁ ହେବ ।

ବେଟାନ - ଟ୍ରେନ୍ ବେଟାଏଲାଗିଡ୍ ଠିକ୍ ସୁମାଏରେ ବେଟାନ୍ ଏନାଙ୍ଗାଆ ।

ପରୀକ୍ଷା - ପ୍ରତ୍ୟେକ ଛାତ୍ର ପରୀକ୍ଷାର ସମ୍ମୁଖିନ ହେବା ଉଚିତ୍ ।

ପରିକ୍ୟା - ସବିନ୍ ହନକ ପରିକ୍ୟା ସାମନାଏ ତେୟାଃ କାଜି ।

ପଙ୍କ - ଘୁଷୁରୀ ପଙ୍କରେ ଲୋଟେ ।

ବୁଦାର ଲସଡ୍ - ଶୁକୁରି ବୁଦାର ଲସତ୍‌ରେଏଃ କାଟିନେ

ପଶ୍ଚିମ୍ - ପଶ୍ଚିମ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ ।

ସିଙ୍ଗିଆୟୁବ୍ - ସିଙ୍ଗି ଆୟୁବରେ ସିଙ୍ଗି ହାସୁରେନାଃ ।

ପରିଦର୍ଶିକା - ପରିଦର୍ଶିକା ବିଦ୍ୟାଳୟ ପରିଦର୍ଶନ କଲେ ।

ନେଲତାନିଇ - ନେଲତାନିଇ ଇସ୍କୁଲେଏ ନେଲ୍‌କେଡା

ପଦଚାରୀ - ପଦଚାରୀମାନେ ରାସ୍ତାର ବାମପଟେ ଚାଲନ୍ତୁ ।

ହରାସେନ - ହରାସେନ୍‌କ ହରାରେୟାଃ ଲେଙ୍ଗାକୁଟିରେ ସେନେପେ

ପସନ୍ଦ - ମୁଁ ମିଥ୍ୟା କହିବା ପସନ୍ଦ କରେ ନାହିଁ ।

ସୁକୁ - ଆଞ୍ଜ୍ ଚାକାଡ୍‌କାଜି କାଞ୍ଜ୍ ସୁକୁଏଃ

ପଦ୍ୟାନ୍ତ - ଗୀତଟିର ପଦ୍ୟାନ୍ତ ବେଶ ହୃଦୟସ୍ପର୍ଶୀ ହୋଇଛି ।

ବୁରେଙ୍ଗ ମୁଣ୍ଡି - ବୁରେଙ୍ଗ ରେୟାଃ ବୁରେଙ୍ଗ ମୁଣ୍ଡି ଏ ସପୁରେଏ କୁଏମରେ କୁଟିଡ୍ ରେନଃଜାନା

ପରପୃଷ୍ଠା - ବହିର ପରପୃଷ୍ଠା ହାଟ ବିଷୟରେ ଲେଖା ଯାଇଛି ।

ତାୟମଆଙ୍କା - କିତେବ ତାୟମ ପାରେ ହାଟରେୟା ଅଲାକାନା ।

ପଣସ - ପଣସ୍ ଏକ ସୁଆଦିଆ ଫଳ ।

ପଣସ୍ - ପଣସ୍ ମିଏଡ୍ ନଗଡ୍ ଜ ।

ପରିକଳ୍ପନା - ସୁନ୍ଦର ବଗିଚା କୃଷକର ପରିକଳ୍ପନା ଅଟେ ।

ଉଲୁଃଭେ - ବୁଗିନ୍ ବାଗାନ୍ ଲାଗିଡ୍ ଚାଷୀ ଉଲୁଃଉଡାଅ ।

ପଦ୍ମଫୁଲ - ପଦ୍ମ ଅଟେ ଆମର ଜାତୀୟ ଫୁଲ ।

କମଲ ବାହା - କମଲ ବାହା ଆବୁଠେ୍ଡ ଦିଶୁମ୍ ବାହା ।

ପଡିଆ - ସ୍କୁଲ ପଡିଆରେ ପିଲାଏ ଖେଳନ୍ତି ।

ଗଳା - ଇସ୍କୁଲ ଗଳାରେ ହନ୍ ଇନୁଙ୍ଗେ ।

| | | |
|---|---|---|
| ପଙ୍ଖା | - | ଲୋକମାନେ ପଙ୍ଖା ଚଳାଇ ଗରମରୁ ରକ୍ଷା ପାଆନ୍ତି । |
| ପାଙ୍କା | - | ହକ ପାଙ୍କା ଚାଲାଅ କେଏତେ ଲଲଥାଏତେକ ବାଛାଅନା । |
| ପନ୍ଥା | - | ସଫଳତା ନିମନ୍ତେ ସାଧନା ଏକମାତ୍ର ପନ୍ଥା ଅଟେ । |
| ହୁରା | - | ଦାୟିଲାଗିଡ୍ ଜୁଲୁଙ୍ଗ୍ ମିଏଡ୍ ହୁରା ତାନାଆ । |
| ପରଦା | - | କବାଟରେ ପରଦା ଲଗାଯାଏ । |
| ପାରଦା | - | ଦୁଆର୍ ରେକପାର ଦାୟା । |
| ପରିବା | - | ଶୀତଦିନେ ପରିବା ଦର କମ ରୁହେ । |
| ସବଜି | - | ରାବାଙ୍ଗ ଦିନ ସବଜି ଗନଂ କମ୍‌ଗେ ତାଇନେ । |
| ପରିବାର | - | ରବିବାବୁ ପରିବାର ନେଇ କଟକରେ ରହନ୍ତି । |
| ଅଓ୍ବାହକ | - | ରବିବାବୁ ଅଓ୍ବାହକ ଲଅଃ କଟକରେଏ ତାଇନେ । |
| ପରିଛଦ | - | ଖରାଦିନେ ପତଳା ପରିଛଦ ଆବଶ୍ୟକ । |
| ଲିଦେଏ | - | ଜେଟେ ସିଙ୍ଗି ପାତାଲା ଲିଜେଏ ଦରକାର । |
| ପନିକି | - | ପନିକିରେ ପରିବା କାଟିବା ସହଜ । |
| କାତୁ | - | କାତୁତେ ସବଜି ହାଡ୍ ସହଜ ଗିୟା । |
| ପରିଶ୍ରମ | - | ପରିଶ୍ରମ କେବେ ନିଷ୍ଫଳ ହୁଏ ନାହିଁ । |
| ପେଏଃପାଇଟି | - | ପେଏଃ ପାଇଟି ସାମାରେ କାହା ସେନଆ । |
| ପଦ୍ଧତି | - | ଉନ୍ନତ ପଦ୍ଧତି କୃଷକମାନେ ଜାଣନ୍ତୁ । |
| ଜୁଗୁତି | - | ବୁଗିନ ଜୁଗୁତି ଚାଷୀକ ଆଦାଏକା । |
| ପଚ୍ ପଚ୍ | - | ବର୍ଷାଦିନେ ମାଟି ରାସ୍ତା ପଚ୍‌ପଚ୍ ହୁଏ । |
| ଜେବେଏ ଜେବେଏ | - | ଗାମାଦିନ ହରା ଜେବେଏ ଜେବେଏନା । |
| ପଛପଟ | - | ଆମ ଘର ପଛପଟ ବର କୋଳିଗଛଟିଏ ଅଛି । |
| ଚାନାବ୍ ପାଆ | - | ଆବୁ ଅଓ୍ବା ଚାନାବ୍ ପାଆରେ ମିଏଡ୍ ବାକାରା ଦାରୁ ମେନାଆ । |
| ପହଞ୍ଚିଲେ | - | ମାମୁଁ ଆମ ଘରେ ସକାଳେ ପହଞ୍ଚିଲେ । |
| ତେବାଆ | - | ମାମୁଁ ଆଲେ ଅଓ୍ବାଃ ସେତାଆ ବେଟାକେଡାଃ । |
| ପତ୍ର | - | ଶୀତଦିନେ ଗଛରୁ ପତ୍ର ଝଡିଯାଏ । |
| ସାକାମ | - | ରାବାଙ୍ଗ୍ ଦିନ୍ ଦାରୁଏତେ ସାକାମ୍ ଗାସାରଓ୍ବା । |
| ପଥୁରିଆ | - | ପଥୁରିଆ ମାଟିରେ ଗଛ ବଢେ ନାହିଁ । |
| ଦିରି ଜାଗା | - | ଦାରୁ ଦିରି ଜାଗାରେ ବୁଗିଲେକା କାହା ଦାରୁଓ୍ବେ । |

| | | |
|---|---|---|
| ପଡିଲା | - | ଭାଡିରୁ ମାଠିଆଟି ତଳେ ପଡିଲା । |
| ଇୟୁଉ | - | ମାଚାଏତେ ଚାଟୁ ଲାତାରରେ ଇୟୁଉଜାନା । |
| ପଛକୁ | - | ଗାଈଗୋରୁ ପଛକୁ ଚାଲି ପାରନ୍ତି ନାହିଁ । |
| ଚାନାବ୍‌ତେ | - | ଉରିଇମେରମ୍‌କ ଚାନାବ୍‌ତେ କାକ ସେନ ଏତୟା । |
| ପଞ୍ଚମ | - | ପଞ୍ଚମ ଘରେ ମୋର ବନ୍ଧୁ ରହନ୍ତି । |
| ମଣେ | - | ମଣେ ଅଓ୍ୱାରେ ଆଞ୍ଜାଆ କୁପୁଲ ତାଇନେ । |
| ପରଖି | - | ସାଇକେଲ ବ୍ରେକ ପରଖି ଦେଖ । |
| ନେଲକାତେ | - | ସାଇକେଲ ବ୍ରେକ୍ ନେଲକାଆପେ । |
| ପଡିବା | - | ଆମ୍ବ ପାଚିଲେ ତଳେ ପଡିବା ଆରମ୍ଭ ହୁଏ । |
| ଇୟୁଉ | - | ଉଲି ମାତା ଜାନରେ ଲାତାର୍‌ରେ ଇୟୁଉ ଏଟେଏନା । |
| ପକାଇବା | - | ମଇଲା ଏଣେତେଣେ ପକାଇବା ଅନୁଚିତ । |
| ଏଣ୍ଡାଆ | - | ଜବରା ନେପାଆ ଏନପାଆ ଏଣ୍ଡାଆଏତେୟାଆ କାହା ବୁଗିନେ । |
| ପାଣ୍ଡିତ୍ୟ | - | ବଡ ଲୋକଙ୍କ ପାଣ୍ଡିତ୍ୟ ଆମକୁ ପଥ ଦେଖାଏ । |
| ପାଣ୍ଡାଇତି | - | ମାରାଂ ହୋକଓ୍ୱା ପାଣ୍ଡାଇତି ଆବୁ ହରାଏ ଉଦୁବେବୁଏ । |
| ପାହୁଣ୍ଡ | - | ଡେଙ୍ଗାଲୋକ ଲମ୍ବାଲମ୍ବା ପାହୁଣ୍ଡ ପକାଇ ଚାଲନ୍ତି । |
| ଚାଣ୍ଡାଙ୍ଗ | - | ସାଲାଙ୍ଗି ହ ସାନିଂ ସାନିଂ ଚାଣ୍ଡାଙ୍ଗ କେଏତେ ସେନେଆ । |
| ପାହାଡ | - | ଆମ ଗାଁ ପାହାଡରେ ସୂର୍ଯ୍ୟ ଉଏଁ । |
| ବୁରୁ | - | ଆଲେ ହାତୁ ବୁରୁ ଦାନାଙ୍ଗରେ ସିଙ୍ଗି ତୁରଓ୍ୱା । |
| ପାରା | - | ଘରର ଚାଳ ମାନଙ୍କରେପାରା ବାସ କରେ । |
| ପାରା | - | ଅଓ୍ୱା ଚିତାନରେ ପାରାକ ତାଇନେ । |
| ପାହାଡିଆ | - | ପାହାଡିଆ ଅଞ୍ଚଳ ଚାଷ ପାଇଁ ଅନୁପଯୋଗୀ । |
| ବୁରୁବୁରୁ | - | ବୁରୁବୁରୁ ଜାଗା ଚାଷ ଲାଗିଡ କାହା ବୁଗିନେ । |
| ପାଳିବା | - | ଆମେ ଜାତୀୟ ଦିବସ ଗୁଡିକ ପାଳିବା ଉଚିତ୍ । |
| ମାନାତିଂ | - | ଆବୁ ଜାତୀୟ ଦିନକ ମାନାତିଂତେୟା କାଜି । |
| ପାନୀୟ ଜଳ | - | ମଫସଲ ଅଞ୍ଚଳରେ ପାନୀୟ ଜଳ ଅଭାବ ଅଛି । |
| ନୁଉଇ ଦାଆ | - | ହାତୁରେ ନୁଉଇ ଦାଆ କାହା ନାମୁଓ୍ୱା । |

| | | |
|---|---|---|
| ପାଣି | - | ପାଣି ଗରମ ହେଲେ ବାଷ୍ପ ହୁଏ । |
| ଦାଆ | - | ଦାଆ ଲଲଜାନରେ ବାଷ୍ପ ବାୟିୱା । |
| ପାଚିଲା | - | ପାଚିଲା ଆମ୍ବ ତଳେ ପଡେ । |
| ମାତା | - | ମାତା ଉଲି ଲାତାରରେ ଇୟୁଉଏ । |
| ପାକସ୍ଥଳୀ | - | ଖାଦ୍ୟ ପାକସ୍ଥଳୀରେ ହଜମ ହୋଇଥାଏ । |
| ଲାଇଃ | - | ଜମାଆ ଲାଇଃରେ ହଜମୱା । |
| ପାଇଖାନା | - | ପ୍ରତ୍ୟେକ ଘରେ ପାଇଖାନା ରହିବା ଆବଶ୍ୟକ । |
| ପାଇଖାନା | - | ସାବିନ ଅୱାରେ ପାଇଖାନା ତାଇନ୍‌ତେୟା କାଜି । |
| ପାଖରେ | - | ଗାଁ ପାଖରେ ନଈଟିଏ ବହି ଯାଉଛି । |
| ଜାପାଆରେ | - | ହାତୁ ଜାପାଆରେ ଗାଲା ହାଲିତାନା । |
| ପାର୍ଥକ୍ୟ | - | ଆଜିକାଲି ପୁଅ ଝିଅ ମଧ୍ୟରେ ପାର୍ଥକ୍ୟ ନାହିଁ । |
| ଟାନ୍‌ଗା | - | ନାଆବାରସିଂ କୱାହନ୍ ଏରାହନ୍ ବିତେରରେ ଟାନ୍‌ଗା ବାନୱା । |
| ପାଞ୍ଚୁଥିଲେ | - | ଖଳଲୋକ ଆମ ଅନିଷ୍ଟ ପାଞ୍ଚୁଥିଲେ । |
| ଉଲୁଃଉତାଇକେନା | - | ଖାରାବ ହ କ ଆଲେୟାଆ ଖାରାବ୍‌କ ଉଲୁଃଉତାଇକେନା । |
| ପାଟି | - | ନିତି ଦାନ୍ତ ନ ଘଷିଲେ ପାଟି ଗନ୍ଧିବ । |
| ଆ | - | ଜାଅଦିନ କାହା କାରକାଡେନରେ ଆ ସୁଆନା । |
| ପଡୋଶୀ | - | ପଡୋଶୀଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କର । |
| ଅୱାକୁଟି | - | ଅୱାକୁଟି କଲଅ ବୁଗିନ୍ ଟାଇନ୍ ତେୟା କାଜି । |
| ପାଖାପାଖି | - | ଶ୍ରେଣୀରେ ରବି ସହିତ ଆମେ ପାଖାପାଖି ବସୁ । |
| ଜାପାଆଜାପାଆ | - | ଶ୍ରେଣୀରେ ରବି ଲଅଃ ଜାପାଆଜାପାଆ ଲିଂ ଦୁବେ । |
| ପାତି | - | ଭିକାରୀ ହାତ ପାତି ଭିକ୍ଷା ମାଗେ । |
| ଆତାଙ୍ଗ୍ | - | କଏଁତାନିଇ ତିଇ ଆତାଙ୍ଗ କାତେଏ କଏଁଆ । |
| ପାଠାଗାର | - | ଆମ ଗାଁ ରେ ନେହେରୁ ପାଠାଗାର ରହିଛି । |
| ପାଲାଅ ଅୱା | - | ଆଲେ ହାତୁରେ ନେହେରୁ ପାଲାଅ ଅୱା ମେନାଃ । |
| ପାଳି | - | ଆଜି ମୋର ଶ୍ରେଣୀ ସଜାଇବା ପାଳି ଅଛି । |
| ପାଆଲି | - | ତିସିଙ୍ଗ ଆଞ୍ଚଆ ଶ୍ରେଣୀ ସାଜାଅ ପାଆଲି ମେନାଃ । |
| ପାଳ | - | ଗାଈଗୋରୁ ପାଳ ଖାଆନ୍ତି । |
| ବୁସୁଉ | - | ଉରିଇକ ବୁସୁଉକ ଜଅମା । |

| | | |
|---|---|---|
| ପାଲୁଛି | - | ଧରଣୀ ନିଜ କୋଳରେ ଧରି ଆମକୁ ପାଲୁଛି । |
| ଆସୁଲବୁତାନା | - | ଅତେ ଆୟାଆ କୟଂରେ ଆବୁ ଆସୁଲବୁ ତାନା । |
| ପାଖେ | - | ମୁଁ ତୁମ ପାଖେ ପାଖେ ରହିଛି । |
| ଜାପାଆ | - | ଆଞ୍ଜ ଆମ ଜାପାଆ ଜାପାଆରେ ମେନାଆଞ୍ଜେ । |
| ପାଦତଳେ | - | ଆମେ ଈଶ୍ୱରଙ୍କ ପାଦତଳେ ପ୍ରଣାମ କରୁ । |
| କାଟାସୁବେ | - | ଆଲେ ସିଙ୍ଗିବଙ୍ଗା କାଟାସୁବାରେଲେ ଜହାରେ ତାନା । |
| ପାଠଶାଳା | - | ଆଗକାଳରେ ପାଠଶାଳାରେ ପାଠ ପଢା ଯାଉଥିଲା । |
| ପାଳାଅ ଅଓ୍ୱା | - | ସିଦେମୁନୁ ପାଳାଅ ଅଓ୍ୱାରେକ ପାଳାଅ ତାଇକେନା । |
| ପାନେ | - | ଚୋର ଧରା ପଡିବାରୁ ତାକୁ ପାନେ ଶିକ୍ଷା ମିଳିଲା । |
| ମିସେ | - | କୁମୁଉ ସାବଜାନ୍ତେ ମିସେ ଶିକ୍ଷା ନାମକେଡା । |
| ପାଠ୍ୟ ପୁସ୍ତକ | - | ସରକାର ମାଗଣାରେ ପାଠ୍ୟ ପୁସ୍ତକ ଯୋଗାନ୍ତି । |
| ପାଳାଅ କିତାବ୍ | - | ସରକାର ସାମାତେ ପାଳାଅ କିତାବ୍ ଏମାକଓ୍ୱା । |
| ପାନ | - | ବନ୍ୟ ପଶୁ ବନ ଝରଣାରେ ଜଳ ପାନ କରନ୍ତି । |
| ନୁଉ | - | ବୁରୁ ଜିଲୁକ ବୁରୁ ଝରନା ଦାଆକ ନୁଉୟେ । |
| ପାଳନ | - | କିଛି ଲୋକ ପଶୁ ପାଳନ କରି ଚଳନ୍ତି । |
| ଆସୁଲ | - | ଟିମିନେଙ୍ଗ ହୋ କ ଜାନୁଆରକ ଆସୁଲକେତେକ ଚାଲାଅନା । |
| ପାତ୍ର | - | ବାଳିକାଟି ଜଳପାତ୍ର ଧରି ନଈକୁ ଯାଇଛି । |
| ଜାଗା | - | କୁଇହନ୍ ଦାଆ ଆଗୁ ଜାଗା ସାବକାତେ ଗାଲାଏ ସେନାକାନା । |
| ପାରି | - | ରାଜା ଯୁଦ୍ଧରେ ପାରି ଫେରି ଆସିଲେ । |
| ଦାଇ | - | ରାଜା ଲାଲାଇରେ ଦାଇଜାନ୍ତେ ରୁଓ୍ୱେଲେନା । |
| ପାଞ୍ଚଟଙ୍କିଆ | - | ପାଞ୍ଚଟଙ୍କିଆ ନୋଟ୍ ଇଶତ୍ ଶାଗୁଆ ଦିଶେ |
| ମଣେଟାକା | - | ମଣେଟାକା ତେୟାଃ ଲଟ୍ ଜକା ଗାଦେଡ୍‌ଗେ ନେଲଆ |
| ପାହାଚ | - | ବୃଦ୍ଧ ଲୋକଟା ପାହାଚ ଚଢି ପାରୁ ନାହାନ୍ତି । |
| ବୁରୁ | - | ବୁଲେ ହ' ବୁରୁକାଏଃ ଦେଏ ଦାଇତାନା । |
| ପାଇଁ | - | ଦେଶ ପାଇଁ ଆମେ ଜୀବନ ଦେବା |
| ଲାଗିତ୍ | - | ଦିଶୁମ ଲାଗିତ୍ ଆବୁ ଜୀବନବୁ ଏମେୟା । |
| ପାଖରୁ | - | ପାଖରୁ ପାହାଡ ଅସୁନ୍ଦର ଦିଶେ । |
| ଜାପାଆ | - | ଜାପାଆଏତେ ବୁରୁ ବୁଗିନ କାହା ନେଲଓ୍ୱା |

| | | |
|---|---|---|
| ପାକୁଆ | - | ପାକୁଆ ପାଟିରେ ଚଣା ଖାଇ ହୁଏ ନାହିଁ । |
| ବୁଙ୍କା | - | ବୁଙ୍କା ଆ'ରେ ଚାନା କାହା ଜମ୍ ଦାୟୁଓ୍ବା |
| ପ୍ୟାରେଡ୍ | - | ପୋଲିସମାନେ ସକାଳେ ପ୍ୟାରେଡ୍ କରନ୍ତି । |
| ପ୍ୟାରେଡ୍ | - | ପୁଲିସକ ସେତାଆରେକ ପ୍ୟାରେଡେୟା । |
| ପିଚକାରୀ | - | ଲୋକେ ପିଚକାରୀ ମାରି ହୋଲି ଖେଳନ୍ତି । |
| ଚଏଃ | - | ହ'କ ଚଏକେ କତେ ହୋଲିକ ଇନୁଗେଂ । |
| ପଡିଆ | - | ଗାଈକୁ ପିଡିଆ ଦେଲେ ଭଲ କ୍ଷୀର ଦିଏ । |
| ପଲିଏ | - | ଗୁଣ୍ଡିଉରିଇକେ ପିଲିଏ ଏମାଇରେ ପୁରେଏ ତଓ୍ବାଏମେୟା । |
| ପିଣ୍ଡୁଳା | - | ଦେହରେ ମାଂସ ପିଣ୍ଡୁଳାଟିଏ ବଢି ଚାଲିଛି । |
| ଜିଲୁହନ | - | ହମଅରେ ଜିଲୁହନ୍ ମାରାଂ ଇଡେନତାନା । |
| ପିତାମାତା | - | ପିତା ମାତା ଆମର ପ୍ରଥମ ଗୁରୁ ଅଟନ୍ତି । |
| ଏଙ୍ଗା ଆପୁ | - | ଏଙ୍ଗାଆପୁ ଆବୁଓ୍ବେ ପହିଲ ଗୁରୁକିନ୍ ହବାନତାନା |
| ପିଠି | - | ଘୋଡା ପିଠିରେ ବସି ରାଜା ଭ୍ରମଣରେ ଯାଆନ୍ତି । |
| ଦୟା | - | ସାଦମ ଦୟାରେ ଦୁବକାନ୍ତେ ରାଜା ହନରତେ ସେନା |
| ପିଲାମାନେ | - | ପିଲାମାନେ ଖେଳପ୍ରିୟ ଅଟନ୍ତି । |
| ହନ୍କ | - | ହନ୍କ ଇନୁଙ୍ଗ ରାଅଂସା ତେକଓ୍ବା । |
| ପିନ୍ଧିବା | - | ଝିଅମାନେ ପୁଅଙ୍କ ପରି ପୋଷାକ ପିନ୍ଧିବା ଅନୁଚିତ୍ । |
| ତୁସିଙ୍ଗ୍ | - | ଏରା ହନ୍କ କଓ୍ବା ହନକଓ୍ବା ଲେକାନାଆ କାହାତୁସିଂ ତେୟାକାଜି । |
| ପିଜୁଳି | - | ପାଚିଲା ପିଜୁଳି ଭାରି ମିଠା ଲାଗେ । |
| ତାମରୁସ | - | ମାତା ତାମରୁସ ଏସୁ ନଗଡ୍ ଆଦାଓ୍ବା |
| ପିଇବା | - | ଆମ ଗ୍ରାମରେ ପିଇବା ପାଣିର ଅଭାବ ରହିଛି । |
| ନୁଇ | - | ଆଲେ ହାତୁରେ ନୁଇଦାଆରେୟାଃ ରିଙ୍ଗେ ମେନାଆ |
| ପୀଡା | - | ବିଶ୍ରାମ କଲେ ଦେହରେ ପୀଡା କମି ଯାଏ । |
| ହାସୁ | - | ଜିରେଅନ୍‌ରେ ହମଅରେୟାଃ ହାସୁ କମୁଓ୍ବା । |
| ପୀଠ | - | ଲୋକେ ପବିତ୍ର ପୀଠ ଦର୍ଶନରେ ଯାଆନ୍ତି । |
| ଜାଗା | - | ହ'କ ନିରଲା ଜାଗା ଦର୍ଶନେନକ ସେନଆ । |
| ପୁଣି | - | ପୁଣି ଥରେ ମୋ ଦେହ ଅସୁସ୍ଥ ହେଲା । |
| ଅଣ୍ଡଅମିସେ | - | ଅଣ୍ଡଅମିସେ ଆଞ୍ଜାଆ ହମଅ କାରାବ୍ ଜାନା । |

ପୁଣ୍ୟ - ଜନସେବା କରି ପୁଣ୍ୟ ଅର୍ଜନ କର ।

ପୁଣ୍ୟ - ହୋକ ସେବାକେକତେ ପୁଣ୍ୟ ନାମେମ ।

ପୁରା - ଶ୍ରମିକକୁ ପୁରା ମଜୁରୀ ଦିଅ ।

ସାବିନ୍ - ପାଇଟିଡାନ୍‌କ ସାବିନ୍ ପାଇସା ଏମାକପେ ।

ପୁଡିଆ - ଦୋକାନୀ ଡାଲି ପୁଡିଆ ବାନ୍ଧି ଦିଏ ।

ଚିପୁଡ୍ - ଦୁକାନୀ ଡାଲି ଚିପୁଡ୍ ତଲେୟା ।

ପୁସ୍ତକ - ପୁସ୍ତକରେ ଅନେକ ଜ୍ଞାନର କଥା ଲେଖା ହୋଇଥାଏ ।

କିତେବ - କିତେବରେ ଏସୁପରେଏ ସେୟାଁ ଜାଗାର ଅଲାକାନଆ ।

ପୁରୁଷ - ନାରୀ ପୁରୁଷ ପରସ୍ପର ପରିପୂରକ ଅଟନ୍ତି ।

କଓ୍ୱା - ଏରାକଓ୍ୱା ବାରଅସାନ୍ତେ ପରିପୂରକ ମେନାଃ କିନେ ।

ପୁଷ୍ପ - ଆମ ବଗିଚା ବିଭିନ୍ନ ପୁଷ୍ପରେ ସୁଶୋଭିତ ଅଟେ ।

ବାହା - ଆଲେ ବାଗାନ୍ ରକମ ବାହାରେ ସାଜାଓ୍ୱାକାନା ।

ପୁରାଇ - ମୀନା ବହି ବସ୍ତାନୀରେ ପୁରାଇ ଧରିଛି ।

ପେରେଏ - ମୀନା କିତେବ୍ ବେଗରେ ପେରେଏ ତାଡତେ ସାବାକାଡା ।

ପୁରାତନ - ପୁରାତନ ବିଷୟ ସବୁ ଲୋପ ପାଇବାକୁ ବସିଲାଣି ।

ପାପାରି - ପାପାରି ବିଷୟ ସାବିନ୍ ଆଡ ଚାବା ଆଗୁଲେନା ।

ପୁଷ୍କରିଣୀ - ପୁଷ୍କରିଣୀରେ ଆମେ ଗାଧୋଇବାକୁ ଯାଉ ।

ବାନ୍ଧା - ବାନ୍ଧାତେ ଆଲେ ଅଲାନତେଲେ ସେନା ।

ପୁଷ୍ପବୃନ୍ତ - ପୁଷ୍ପବୃନ୍ତରେ ପାଖୁଡା ଲାଗିଥାଏ ।

ବହାତାଣ୍ଡି - ବାହାତାଣ୍ଡିରେ ବାହା ତାଇନେ ।

ପୁନେଇ - ପୁନେଇ ଜହ୍ନ ଥାଳି ପରି ଦେଖାଯାଏ ।

ପନାଇ - ପୁନେଇ ଚାଣ୍ଡୁଉ ଥାଲି ଲେକାଏ ନେଲଓ୍ୱା ।

ପୃଥିବୀ - ପୃଥିବୀ ଆମର ଚିରସ୍ଥାୟୀ ବାସସ୍ଥାନ ନୁହେଁ ।

ଦେଶୁମ - ଦେଶୁମ ଆବୁଓ୍ୱେ ସାବିଦିନ୍ ତାଇନ୍‌ଲାଗିଡ୍ ବାନଅ ।

ପୃଷ୍ଠା - ବିଷୟ ଖୋଜି ପାଇବାରେ ପୃଷ୍ଠା ସାହାଯ୍ୟ କରେ ।

ଆଙ୍କା - ବିଷୟ ନାମଲାଗିଡ୍ ଆଙ୍କା ସାହାଜ ବୁଏ ।

ପୂଜା - ଆଦିବାସୀମାନେ ମାଟି ଦେବତାଙ୍କୁ ପୂଜା କରିଥାନ୍ତି ।

ବଙ୍ଗା - ଆଦିବାସୀକ ଅତେବଙ୍ଗାକ ବଙ୍ଗାଆ କଓ୍ୱା ।

ପୂର୍ବ - ପୂର୍ବକାଳରେ ଲୋକେ ଅଧିକ ବଳବାନ ଥିଲେ ।

ସିଦେ - ସିଦେ ମୁସିଙ୍ଗ ହ'କ ପୁରେଏ ପେଏଃ ଗେକ ତାଇକେନା ।

| | | |
|---|---|---|
| ପୂରଣ | - | ନଳକୂଅ ପାନୀୟ ଜଳର ଅଭାବ ପୂରଣ କରେ । |
| ପେରେଏ | - | ନଲକୂଅ ଦାଆଃ, ଦାଆରିଙ୍ଗେ ପେରେଏତାଡା । |
| ପୂର୍ବପରୁଷ | - | ଆମ ପୂର୍ବ ପୁରୁଷମାନେ ଖୁବ୍ ପରିଶ୍ରମୀ ଥିଲେ । |
| ସିଦେମୁନୁହକ | - | ଆବୁ ସିଦେମୁନୁହଃ ଏସୁକ ପାଇଟି ତାଇକେନା । |
| ପେଚା | - | ପେଚା ଏକ ରାତ୍ରୀଚର ପକ୍ଷୀ । |
| କକର | - | କକର ମିଏଡ୍ ନିଦେ ଆତିଂ ଅଏ । |
| ପେଟ | - | ପେଟରେ ଖାଦ୍ୟ ହଜମ ହୁଏ । |
| ଲାଇ | - | ଲାଇଃରେ ମାଣ୍ଡି ହଜମଓ୍ୱା । |
| ପେଟି | - | ଔଷଧ କାଗଜ ପେଟିରେ ବନ୍ଧା ହୋଇ ଆସେ । |
| ଡାବା | - | ରେଏଡକ କାଗଜଡାବାରେ ତଲାକାତେ ହୁଜୁଏ । |
| ପେଟପୁରା | - | ଗରୀବ ଲୋକ ପେଟପୁରା ଖାଇବାକୁ ପାଆନ୍ତି ନାହିଁ । |
| ଲାଇପେରେଏ | - | ରେଙ୍ଗେଏ ହ'କ ଲାଇଃପେରେଏ ଜମ୍ କାକନାମେଆ । |
| ପେନ୍‌ସିଲ | - | ପେନସିଲ୍‌ରେ ଚିତ୍ର ଅଙ୍କା ଯାଏ । |
| ପେନସିଲ | - | ପେନସିଲତେ ଚିତ୍ରକ ବାଇୟେ । |
| ପୋଷଇ | - | ଚାଷୀ ଲକ୍ଷେ ଲୋକଙ୍କୁ ପୋଷଇ । |
| ଆସୁଲକଓ୍ୱା | - | ଚାଷୀ ଲାଖ ହ'କଏ ଆସୁଲକତାନା । |
| ପୋଷାକ | - | ମଇଳା ପୋଷାକ ସଂଗେ ସଂଗେ ସଫା କର । |
| ଲିଜେଏକ | - | ଟାକାରା ଲିଜେଏକ ସାଙ୍ଗେ ସାଙ୍ଗେ ସାପାଏପେ । |
| ପୋତିଲେ | - | ଲୋକେ ପୂଜା ପାଇଁ ଖୁଣ୍ଟି ପୋତିଲେ । |
| ତପାକେଡା | - | ହ'କ ବଙ୍ଗାଲାଗିଡ୍ ଦାରୁକ ତପାକେଡା । |
| ପୋଖରୀ | - | ଆମ ଗାଁ ପୋଖରୀରୁ ଜଳ ସଫା କଲୁ । |
| ବାନ୍ଧା | - | ଆଲେହାତୁ ବାନ୍ଧାଏତେ ଦଲଲେ ସାପାକେଡା । |
| ପୋଟଳ | - | ପୋଟଳ ଏକ ଭଲ ପରିବା । |
| ପୁଟଲ | - | ପୁଟଲ ମିଏଡ୍ ବୁଗିନ୍ ସବଜି । |
| ପୋଡଇ | - | ଭାଟିରେ ଇଟା ପୋଡଇ । |
| ଉରୁବ୍ | - | ଭାଟିରେ ଇଟେକ ଉରୁବେୟା । |
| ପଡୋଶୀ | - | ରବି ଆମର ଜଣେ ପଡୋଶୀ ବନ୍ଧୁ ଅଟନ୍ତି । |
| ଅଓ୍ୱାକୁଟି | - | ରବି ଆଲେୟା ମିଏଡ୍ ଅଓ୍ୱାକୁଟି ବନ୍ଧୁ । |
| ପଚିବା | - | ଯତ୍ନ ନ କଲେ ପରିବା ପୋଚିବା ଆରମ୍ଭ କରେ । |
| ସୟା | - | କାହା ଜତନେରେ ସବଜି ସୟାଅଆ । |

ପୋଡିଗଲା - ଦିନେ ହଠାତ୍ ଆମ ଘର ପୋଡିଗଲା ।

ଲ'ଜାନା - ମୁସିଂ ହଠାତ୍ ଆଲେଅଓ୍ୱା ଲ'ଜାନା ।

ପ୍ରଶ୍ନ - ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ ପଚାରନ୍ତି ।

ପରଶ୍ନ - ମାଷ୍ଟର ହନକ କନଃ କୁଲିକଆ ।

ପ୍ରଜା - ଆମ ଦେଶରେ ପ୍ରଜାତନ୍ତ୍ର ଶାସନ ଚାଲିଛି ।

ପରଜା - ଆବୁ ଦେଶୁମରେ ପରଜାତନ୍ତ୍ର ଶାସନ ଚାଲୁଏକାନା ।

ପ୍ରତି - ପ୍ରତି ବାଳିକାକୁ ପୋଷାକ ଦିଆଯାଇଛି ।

ମିଣ୍ଡଅ ମିଣ୍ଡଅ - ମିଣ୍ଡଅ ମିଣ୍ଡଅ ସାବିନ୍ କୁଇହନକ ଶୁଟୁଇକ ଏମାକାନା ।

ପ୍ରତିଭା - ଛୋଟବେଳୁ ପିଲାଟିର ପ୍ରତିଭା ଜଣା ପଡିଲା ।

ପ୍ରତିଭା - ହୁଲିଂ ସମାଏତେଗେ ହନାଆ ପ୍ରତିଭା ଆଟକାର୍‌ଲେନା ।

ପ୍ରତ୍ୟେକ - ପ୍ରତ୍ୟେକ ନାଗରୀକର ଦେଶ ପ୍ରତି କର୍ତ୍ତବ୍ୟ ରହିଛି ।

ସାବିନକ - ସାବିନ ହ'କଓ୍ୱା ଦେଶୁମ ଲାଗିଡ୍ ପାଇଟି ମେନାଃ ।

ପ୍ରକୃତି - ଋତୁ ପରିବର୍ତ୍ତନ ପ୍ରକୃତିର ଏକ ଦାନ ଅଟେ ।

ସିଙ୍ଗ୍‌ବଙ୍ଗା - ଋତୁ ବଦଲଦଃ ସିଂବଙ୍ଗାଆ ମିଏଡ୍ ଦାନ ।

ପ୍ରଚୁର - ଗତବର୍ଷ ପ୍ରଚୁର ବର୍ଷା ହୋଇଥିଲା ।

ଏସୁପୁରେଏଃ - ସେନଅଜାନ୍ ସିର୍ମା ଏସୁପୁରେଏ ଗାମାଲେଡା ।

ପ୍ରଥମ - ଇନ୍ଦିରାଗାନ୍ଧୀ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଥିଲେ ।

ପହିଲ - ଇନ୍ଦିରାଗାନ୍ଧୀ ଭାରତରେନ ପହିଲ ଏରା ପ୍ରଧାନମନ୍ତ୍ରୀ ତାଇକେନା ।

ପ୍ରଭାବ - ଶୀତର ପ୍ରଭାବରେ ବହୁ ଲୋକ କଷ୍ଟ ପାଆନ୍ତି ।

ଲାଗିଡ୍‌ତେ - ରାବାଙ୍ଗ୍ ଲାଗିଡ୍‌ତେ ଏସୁହୋକ ଦୁକୁକ ନାମେଆ ।

ପ୍ରଶ୍ୱାସ - ପ୍ରଶ୍ୱାସ ବାୟୁରେ ଅଧିକ ଅମ୍ଳଜାନ ଥାଏ ।

ଶାଏଡ୍ - ଶାଏଡ୍ ହୟରେ ପୁରେଏ ଅମ୍ଳଜାନ ତାଇନେ ।

ପ୍ରଭୃତି - ବଣରେ ବାଘ, ଭାଲୁ ପ୍ରଭୃତି ଜୀବ ବାସ କରନ୍ତି ।

ଏମାନ୍ - ବୁରୁରେ କୁଲେବାଲୁ ଏମାନକ ତାଇନେ ।

ପୂର୍ଣ୍ଣ - ଗଣିତରେ ପୂର୍ଣ୍ଣ ନମ୍ବର ୧୦୦ ଥାଏ ।

ପୁରେଏ - ଗଣିତରେ ପୁରେଏ ନମ୍ବର ଶହେ ତାଇନେ ।

ପ୍ରହରୀ - ବ୍ୟାଙ୍କକୁ ପ୍ରହରୀ ମାନେ ଜଗନ୍ତି ।

ହରତାନିଇ - ବ୍ୟାଙ୍କରେ ହରତାନକ ତାଇନେ ।

| | | |
|---|---|---|
| ପ୍ରବେଶ | - | ପାଞ୍ଚ ବର୍ଷ ବୟସରେ ପିଲାଙ୍କୁ ସ୍କୁଲରେ ପ୍ରବେଶ କରାଯାଏ । |
| ଆଦେର | - | ମଣେସିର୍ମା ହନକ ସ୍କୁଲରେକ ଆଦେରକଓ୍ବା । |
| ପ୍ରସାର | - | ମାତୃଭାଷାରେ ପ୍ରସାର ହେବା ଦରକାର । |
| ନିତିର | - | ଏଙ୍ଗା ହାୟମ ନିତିର ଦରକାର । |
| ପ୍ରତିଦିନ | - | ପ୍ରତିଦିନ ଘଣ୍ଟାଏ ବ୍ୟାୟାମ କରିବା ଉଚିତ୍ । |
| ସାବିଦିନ୍ | - | ସାବିଦିନ୍ ମିଏଡ୍ ଘାଣ୍ଟା ବ୍ୟାୟାମ ତେୟା କାଜି । |
| ପ୍ରଶଂସା | - | ଭଲପିଲାଙ୍କୁ ସମସ୍ତେ ପ୍ରଶଂସା କରନ୍ତି । |
| ସୁକୁ | - | ବୁଗିନ୍ ହନ୍‌କ ସାବିନ୍‌କ ସୁକୁଏ କଓ୍ବା । |
| ପ୍ରତିକ୍ରିୟା | - | ଅନ୍ୟଙ୍କୁ ପ୍ରଶଂସା କଲେ ତାମନରେ ପ୍ରତିକ୍ରିୟା ଜାତ ହୁଏ । |
| ପ୍ରତିକ୍ରିୟା | - | ଏଟାଆକ ରାଆଁସାକରେ ଆୟାଆ ଜୀବନରେ ଯୋଃ ପ୍ରତିକ୍ରିୟା ହୁକୁଏ । |
| ପ୍ରଣାମ | - | ଈଶ୍ୱରଙ୍କୁ ପ୍ରଣାମ କର । |
| ଅବରଜୁହାର | - | ସିଂବଙ୍ଗାକେ ଅବରଜହାରିମେ । |
| ପ୍ରସିଦ୍ଧି | - | ଦାରିଙ୍ଗିବାଡି ଶୀତ ପାଇଁ ପ୍ରସିଦ୍ଧି ଲାଭ କରିଛି । |
| ନୁତୁମତାଡା | - | ଦାରିଙ୍ଗିବାଡି ରାବାଙ୍ଗଲାଗିଡ୍ ନୁତୁମତାଡା |
| ପ୍ରତିହତ | - | ମ୍ୟାଲେରିଆକୁ ପ୍ରତିହତ କରିବା ପାଇଁ କ୍ଲୋରକୁଇନ ଖାଆନ୍ତୁ । |
| ଗଏଃରୁଓ୍ବେ | - | ମେଲେରିଆକେ ଗଏଃରୁଓ୍ବେ ଲାଗିଡ୍ କ୍ଲୋରକୁଇନ ଜମେପେ । |
| ପ୍ରତିବାଦ | - | ଅନ୍ୟାୟର ପ୍ରତିବାଦ କରିବାକୁ ଭୟ କର ନାହିଁ । |
| କାଜିରୁଓ୍ବେ | - | ଅନ୍ୟାୟରେୟାଃ କାଜିରୁଓ୍ବେ ଲାଗିଡ୍ ଆଲପେ ବରୟା । |
| ପ୍ରସ୍ତାବ | - | ବିଦ୍ୟାଳୟରେ ଏକ ପୁସ୍ତକ ମେଳା କରିବାକୁ ପ୍ରସ୍ତାବ ଦିଆଗଲା । |
| କାଜିଏମ | - | ଇସ୍କୁଲରେ ମିଏଡ୍ କିତେବ ମେଲା ଲାଗିଡ୍ ଜାଗାରେଞ୍ ଏମତାଡା । |
| ପ୍ରକାଶ | - | ସରକାର ପାଠ୍ୟପୁସ୍ତକ ପ୍ରକାଶ କରନ୍ତି । |
| ଅଣ୍ଡଙ୍ଗ୍ | - | ସରକାର ପାଳାଅ କିତେବ୍ ଅଣ୍ଡଙ୍ଗେୟା । |

| | | |
|---|---|---|
| ପ୍ରଶସ୍ତ | - | ଆମ ବିଦ୍ୟାଳୟରେ ଏକ ପ୍ରଶସ୍ତ ଖେଳପଡିଆ ଅଛି |
| ଓସାର | - | ଆଲେ ଇସ୍କୁଲରେ ମିଏଡ୍ ଓସାର ଇନୁଂ ପାଳିଏ ମେନାଃ |
| ପ୍ରତୀକ | - | ଲାଲ୍ ରିବନ ଏଡ୍ସର ପ୍ରତୀକ ଅଟେ |
| ଚିନ୍ | - | ଆରାଆ ଫିତେ ଏଡସ୍ ରେୟାଃ ଚିନ । |
| ପ୍ରଚାର | - | ଦୂରଦର୍ଶନରେ ଦେଶ ବିଦେଶର ଖବର ପ୍ରଚାର କରାଯାଏ |
| ପରଚାର | - | ଟେଲିଭିଜନରେ ଗଟାଦେଶୁମ୍ ଖବର୍କ ପର୍ଚାରେୟା । |
| ପ୍ରଧାନ | - | ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ଥାଆନ୍ତି |
| ମାରାଂ | - | ଇସ୍କୁଲରେ ମିଏଡ୍ ମାରାଙ୍ଗ ମାଷ୍ଟର ତାଇନେ |
| ପ୍ରତିଯୋଗୀତା | - | ମୁଁ ଜିଲ୍ଲା ସ୍ତରରେ କବାଡି ପ୍ରତିଯୋଗୀତାରେ ଯୋଗ ଦେଲି । |
| ଇନୁଂ ହାପାରାଅ | - | ଆଞ୍ଜ ଜିଲ୍ଲାରେୟାଃ କବାଡି ଇନୁଂ ହାପାରାଅରେଞ୍ଚ୍ ମିସାକାନା । |
| ପ୍ରଥମେ | - | ସକାଳୁ ଉଠି ପ୍ରଥମେ ମୁହଁ ଧୋଇ ପ୍ରାର୍ଥନ କରିବ |
| ପହିଲ | - | ସେତାଆ ଉଟେଙ୍କାନ୍ତେ ପାହିଲେ ମେଡ୍ ମୁଟେ ଆବୁଙ୍ଗ କାତେ ପ୍ରାର୍ଥନା ତେୟା କାଜି । |
| ପ୍ରକାର | - | ହାଟରେ ସବୁ ପ୍ରକାର ପରିବା ବିକ୍ରୀ ହୁଏ |
| ରକମ | - | ହାଆଟରେ ସାବିନ୍ ରକମ ସବଜୀ ଆକାରିଙ୍ଓ୍ୱା |
| ପ୍ରକ୍ରିୟା | - | ବିଦ୍ୟାଳୟରେ ବର୍ଷସାରା ଶିକ୍ଷାଦାନ ପ୍ରକ୍ରିୟା ଚାଲେ |
| ପାନାଇଟି | - | ଇସ୍କୁଲରେ ଗଟାସିର୍ମା ପାଲାଅ ପାନାଇଟି ଚାଲୁଓ୍ୱେ । |
| ପ୍ରତିଧାଡି | - | ପ୍ରତିଧାଡି ସଳଖ ହେବା ଉଚିତ୍ । |
| ସାବିନ୍ ଧାଡି | - | ସାବିନ ଧାଡି ମୁଲିଗେ ତାଇନ ତେୟା କାଜି । |
| ପ୍ରାଣୀ | - | ସ୍ଥଳଭାଗରେ ଅନେକ ପ୍ରାଣୀ ବାସ କରନ୍ତି |
| ଜାନୁଓ୍ୱାର | - | ଡିପେରେ ଏସୁଲାଲି ଜାନୁଆରକ ବାସାତାଡା । |
| ପ୍ରାୟ | - | ଆମ ଦେଶର ଜଙ୍ଗଲ ସମ୍ପଦ ପ୍ରାୟ ବିଲୁପ୍ତ ହେଲାଣି |
| ତରାଙ୍ଗ୍ | - | ଆବୁ ଦେଶୁମରେୟାଃ ବୁରୁଦାରୁ ତରାଙ୍ଗ ଚାବାଆଗୁ ଲେନା । |

ପ୍ରାଚୀନ - କାଳରେ ଲୋକେ ବଦଳ କରି କିଣା ବିକା କରୁଥିଲେ ।

ସିଦେ - ସିଦେ ହ'କ ବଦଲ କେଏତେ କିରିଙ୍ଗ ଆକାରିଙ୍ଗ ତାଇକେନାକ ।

ଫଳ - ଫଳରେ ପ୍ରଚୁର ଭିଟାମିନ ଥାଏ ।

ଜଅ - ଜଅରେ ଏସୁପୁରେଏ ଭିଟାମିନ ମେନା ।

ଫରକ - ଆଜିକାଲି ପୁଅ ଝିଅରେ ଫରକ ନାହିଁ ।

ତାନଗା - ନାଆବାରସିଂ କଓ୍ଵାକୁଇ ରେୟାଃ ତାନଗା ବାନଓ୍ଵା ।

ଫଳିବ - ଗଛରେ ଖତ ଦେଲେ ପ୍ରଚୁର ଫଳ ଫଳିବ ।

ଜଅଓ୍ଵା - ଦାରୁରେ ଗୁରିଇ ଏମେରେ ଏସୁପୁରେଏ ଜଅନା ।

ଫମ୍ପା - ବାଉଁଶ ଭିତର ପଟ ଫମ୍ପା ଥାଏ ।

ଉଣ୍ଡୁ - ମାଡ ବିତେରଦଃ ଉଣ୍ଡୁ ତାଇନେ ।

ଫସଲ - ନବରଙ୍ଗପୁର ଅଞ୍ଚଳରେ ପ୍ରଚୁର ମକା ଫସଲ ହୁଏ ।

କ୍ଷିତି - ନବରଙ୍ଗପୁର ଜାଗାରେ ଏସୁପୁରେଏ ଗାଙ୍ଗାଇ କ୍ଷିତି ହବାଓ୍ଵା ।

ଫରଚା - ଫରଚା ହେବା ପୂର୍ବରୁ ଚାଷୀ ହଳ ନିଏ ।

ମାସକାଲ - ମାସକାଲଅ ସିଦେରେ ଚାଷୀ ସିୟଉତେଏଃ ସେନଓ୍ଵା ।

ଫଳପ୍ରଦ - ଏମ.ଡି.ଟି. କୁଷ୍ଠରୋଗ ପାଇଁ ଫଳପ୍ରଦ ଔଷଧ ଅଟେ । ପାଇଟିତେୟାଃ -ଏମ୍.ଡି.ଟି. ତୁଣ୍ଡେବାଣ୍ଡିଏ ରୁଗାରେଏ ପାଇଟିଇ ରେଡ୍ ।

ଫାଳେ - ମୁଁ ରମାକୁ ଫାଳେ କମଳା ଦେଲି ।

ମିତଚାଟାଆ - ଆଞ୍ଜ ରମାକେ ମିତ୍ ଚାଟାଆ ସାନ୍ତାରାଞ୍ଜ୍ ଏମାଡିଏ ।

ଫାଶୀ - ଜଘନ୍ୟ ଅପରାଧିକୁ ଫାସୀ ଦିଆଯାଏ ।

ପାଶେ - ମାରାଂ ଦୋଷୀକେ ପାଶେ ଗଇୟେକ ।

ଫାଙ୍କା - ବେଳେ ବେଳେ ପୋଲିସ ଫାଙ୍କା ଗୁଳି ଚାଳନା କରନ୍ତି ।

ସାମା - ମିସେମିସେ ପୋଲିସ ସାମା ଗୁଲି ଚାଲାଅୟା ।

ଫିଟିକିରି - ଫିଟିକିରି ଏକ ବିଶୋଧକ ଅଟେ ।

ପିଟ୍‌କିରି - ପିଟକିରି ମିଏଡ୍ ସାଫା ତେୟା ।

ଫୁଟି - ଫୁଲଫୁଟି ସୁନ୍ଦର ଦେଖା ଯାଉଛି ।

ଫୁଟେଅ - ବାହା ଫୁଟେଅ ଜାନ୍ତେ ବୁଗିନ ନେଲଅତାନା ।

ଫୁଲ - ଗୋଲାପ ଫୁଲର ବାସ୍ନା ଥାଏ ।

ବାହା - ଗୋଲାପ୍ ବାହାରେୟାଃ ଶୁଆନ୍ ତାଇନେ ।

| | | |
|---|---|---|
| ଫୁଲିବା | - | ଗୋଡ ମକଚିଲେ ଫୁଲିବା ଆରମ୍ଭ କରେ । |
| ମଅଁଓ୍ୱା | - | କାଟା ମଚଳାଅ ଜାନରେ ମଅଁଓ୍ୱା । |
| ଫୁଟା | - | ଫୁଟା ପାଣି ଥଣ୍ଡା କରି ପିଇବା ଭଲ । |
| ବଲକାଅ | - | ବଲକାଅ ଦାଆଃ ସା'ସା କେଏତେ ନୁଉଇରେ ବୁଗିନେ । |
| ଫୁଲଦାନୀ | - | ଫୁଲଦାନୀରେ ଫୁଲ ରଖାଯାଏ । |
| ବାହାଚାଟୁ | - | ବାହାଚାଟୁରେ ବାହାକ ଏମିୟା । |
| ଫୁସ୍‌ଫୁସ୍ | - | ଫୁସ୍‌ଫୁସ୍ ରେ ରକ୍ତ ପରିଷ୍କାର ହୁଏ । |
| ଫୁସ୍‌ଫୁସ୍ | - | ଫୁସ୍‌ଫୁସ୍ ରେ ମାୟମ ସାଫାଓ୍ୱା । |
| ଫେରିବା | - | ସଂଧ୍ୟା ପୂର୍ବରୁ ଲୋକେ ହାଟରୁ ଫେରିବା ଆରମ୍ଭ କରନ୍ତି । |
| ରୁଓ୍ୱେ | - | ଆୟୁବ ଆୟାରତେ ହୋ'କ ହାଟଓ୍ୱାତେକ ରୁଓ୍ୱେଏ । |
| ଫେଣା | - | ଫେଣାରେ ମହୁମାଛି ମହୁ ସଂଗ୍ରହ କରେ । |
| ହୁରୁମସୁକୁଦାକା | - | ହୁରୁମସୁକୁ ଦାକାରେ ହୁରୁମ ରାଶି ହୁଣ୍ଡିୟେ । |
| ଫୋପାଡିବା | - | ଆବର୍ଜନା ଖାତରେ ଫୋପାଡିବା ଉଚିତ । |
| ହରଲେ ଏଣ୍ଡାଆ | - | ଅଜରାକ ଡାକୁଦ୍‌ରେ ହୁର୍‌ଲେ ଏଣ୍ଡାଆଏତେୟା କାଜି । |
| ଫୋଟକା | - | ବିବାହ ଭୋଜିରେ ଲୋକେ ଫୋଟକା ମାରନ୍ତି । |
| ଫଟକା | - | ଆଆଁନ୍ଦି ଭୋଜିରେ ହୋ'କ ଫଟକାକ ସାଲିୟେ । |
| ଫୌଜଦାରୀ | - | ଫୌଜଦାରୀ ମାମଲାରେ ତାଙ୍କୁ ଗିରଫ କରାଗଲା |
| ଫୌଜଦାରୀ | - | ଫୌଜଦାରୀ ମାମଲାତେ ଆଏକେ ସାବ୍ କିଏଃ । |

-ବ-

| | | |
|---|---|---|
| ବଣ | - | ବାଘ ବଣର ରାଜା ଅଟେ । |
| ବୁରୁ | - | ବୁରୁ କୁଲେ ବୁରୁରେନ୍ ରାଜା ତାନିଇ । |
| ବର | - | ବରଗଛ ଛାଇ ଭାରି ଥଣ୍ଡା ଲାଗେ । |
| ବାଇ | - | ବାଇଦାରୁ ଉମୁଲ ସା'ସାଗେ ଆଦାଓ୍ୱା । |
| ବଡ | - | ମହାନଦୀ ଓଡିଶାର ବଡନଦୀ ଅଟେ । |
| ମାରାଙ୍ଗ୍ | - | ଓଡିଶାରେୟା ମାରାଙ୍ଗ ଗାଲାଦଃ ମହାନଦୀ । |
| ବହି | - | ବହିପତ୍ର ଯତ୍ନ କରି ରଖ । |
| କିତେବ | - | କିତେବକ ଯତନ କେଏତେ ଜଗାଏପେ । |
| ବସି | - | କୋଇଲି ଗଛ ଡାଳରେ ବସି ରାବୁଛି । |
| ଦୁବ୍ | - | ତୁଓ୍ୱାଉ ଦାରୁ କଟରେ ଦୁବ୍ କାଡେଏ ରାଆତାନା । |

| | | |
|---|---|---|
| ବଙ୍କା | - | ଗାଁକୁ ଗୋଟିଏ ଅଙ୍କାବଙ୍କା ରାସ୍ତା ଯାଇଛି । |
| ବାଙ୍କା | - | ହାତୁତେ ମିଏତ ବାଙ୍କା ହୁରା ସେନାକାନା । |
| ବନ୍ଧା | - | ପଘାରେ ଗାଇକୁ ବନ୍ଧା ଯାଇଛି । |
| ତଲ୍ | - | ପାଗାତେ ଗୁଣ୍ଡି ତଲାକାନା । |
| ବଇଦ | - | ଗାଁ ବଇଦ ଛୋଟ ଛୋଟ ରୋଗର ଚିକିତ୍ସା କରିଥାନ୍ତି । |
| ରେଡ୍‌ବାଇନିଇ | - | ହାତୁରେ ରେଡ୍ ବାଇନିଇ ହୁଲିଂ ହୁଲିଂ ହାସୁରେୟାଃ ରେଡ୍ ବାଇୟେ । |
| ବଗିଚା | - | ସ୍କୁଲ ବଗିଚାରେ ଅନେକ ଫୁଲଗଛ ଅଛି । |
| ବାଗାନ୍ | - | ଇସ୍କୁଲ୍ ବାଗାନରେ ଚିମିନ ବାହା'ଦାରୁକ ମେନାଃ । |
| ବରଷା | - | ବରଷା ଦିଏ ପାଣି, ପାଣି ପିଅ ଛାଣି । |
| ଗାମା | - | ଗାମା ଦାଆ ଗାମାୟା, ଦାଆ ଛାଣାଅକାତେ ନୁଉଇପେ |
| ବଳଦ | - | ବଳଦ ଶଗଡ ଟାଣେ । |
| ହାଲା ଉରିଇ | - | ହାଲା ଉରିଇ ଶାଗାଲି ଅରେୟା । |
| ବଦଳି | - | ଆମ ବାପା ବାଲିଗୁଡାକୁ ବଦଳି ହେଲେ । |
| ବଦଲ | - | ଆଞ୍ଜାଆ ବାବା ବାଲିଗୁଡାତେଏ ବଦଲକାନା । |
| ବତକ | - | ବତକ ପାଣିରେ ପହଁରି ପାରେ । |
| କଡ | - | କଡ ଦାଆରେ ବୁଗିଲେକାଏ ଅୟାରା । |
| ବର୍ଣ୍ଣନା | - | ଘର ପୋଡି ଦୃଶ୍ୟ ବର୍ଣ୍ଣନା କରିବା କଷ୍ଟ । |
| ଜାଗାର(ବର୍ଣ୍ଣନା) | - | ଅଓ୍ବା ଲଅଃ ତାନାଆ ଜାଗାର(ବର୍ଣ୍ଣନା) ମୁସ୍କିଲ । |
| ବହୁତ | - | ଆମ ଗ୍ରାମରେ ବହୁତ ପିଲା ଅଛନ୍ତି । |
| ସ୍ପୁରେଏ | - | ଆଲେ ହାତୁରେ ଏସୁପୁରେଏ ହନକ ମେନାଃକଓ୍ବା । |
| ବଜାର | - | ବଜାରରେ ପ୍ରତିଦିନ କିଣାବିକା ହୋଇଥାଏ । |
| ହାଟ | - | ହାଆଟରେ ସାବିଦିନ କିରିଙ୍ଗଆକାରିଙ୍ଗ ହବାନା । |
| ବସ୍ତ୍ର | - | ଶ୍ରମକଲେ ଅନ୍ନବସ୍ତ୍ର ଅଭାବ ହୁଏ ନାହିଁ । |
| ଲିଜେଏ | - | ପାଇଟିରେ ଲିଜେଏ ବସ୍ତର୍ କାହା ରିଙ୍ଗେଏ । |
| ବଢିବା | - | ନଖ ବଢିବାକୁ ଦିଅ ନାହିଁ । |
| ମାରାଙ୍ଗ୍ | - | ସାର୍‌ସାର୍ ଆଲପେ ମାରାଙ୍ଗ ଇରିଏ । |
| ବଳିବା | - | ବଳିବା ଖାଦ୍ୟ ଫ୍ରିଜରେ ରଖ । |
| ସାରେଏ | - | ସାରେଏଜାନ ଜମାଆ ଫ୍ରିଜରେ ଜଗାଅଏପେ । |

| | | |
|---|---|---|
| ବୟସ | - | ବୟସ ବଢିଲେ ଜ୍ଞାନ ବି ବଢେ । |
| ବୟସ(ସିର୍ମା) | - | ବୟସ ମାରାଙ୍ଗ ଜାନରେ ସେୟା ମାରାଙ୍ଗୱାଁ । |
| ବଦଳେ | - | ଗ୍ରୀଷ୍ମ ଋତୁରେ ପରିବେଶ ବଦଳେ । |
| ବଦଲୁଆ | - | ଜେଟେ ସିଙ୍ଗି ସାବିନମୁଲି ବଦଲୁଆ । |
| ବଢେଇ | - | ବଢେଇ ଆମ ପାଇଁ ଖଟ ତିଆରି କରନ୍ତି । |
| ଦାରୁ ମିସ୍ତିରି | - | ଦାରୁ ମିସ୍ତିରି ଆଲେ ଲାଗିଡ ପାରକମେଏ ବାଇୟେ । |
| ବତାସ | - | ବେଳେବେଳେ ଜୋରରେ ବତାସ ବହେ । |
| ହୟଗାମା | - | ମିସେମିସେ ଜୋରତେ ହୟଗାମା ହବାନା । |
| ବନ | - | ବନରକ୍ଷୀ ବନ ରକ୍ଷା କରନ୍ତି । |
| ବୁରୁ | - | ବୁରୁ ହରତାନିଇ ବୁରୁଇ ହରୟା । |
| ବନ୍ଧୁ | - | ଦୁଃଖ ବେଳର ବନ୍ଧୁ ପ୍ରକୃତ ବନ୍ଧୁ ଅଟନ୍ତି । |
| କୁପୁଲ | - | ଦୁକୁ ଇମିତାଙ୍ଗ ଦେଙ୍ଗା କୁପୁଲ୍ ସାରି କୁପୁଲ । |
| ବର୍ଷା | - | ଗ୍ରୀଷ୍ମଋତୁ ପରେ ବର୍ଷାଋତୁ ଆସେ । |
| ଗାମା | - | ଜେଟେ ଦିନ ତାୟମ୍ ଗାମା ଦିନ ହୁଲୁୱେ । |
| ବନ୍ଧୁକ | - | ସୈନ୍ୟମାନେ ବନ୍ଧୁକରେ ଯୁଦ୍ଧ କରନ୍ତି । |
| ବନ୍ଧୁକ | - | ସଇନ୍‌କ ବନ୍ଧୁକତେକ ଲାଲାଇୟେ । |
| ବସୁଧା | - | ବସୁଧା ଆମର ମାତା ସମାନ ଅଟେ । |
| ଦେଶୁମ | - | ଦେଶୁମ ଆବୁୱେ ମାଆଲଅତେ ସମାନା । |
| ବଢୁଛି | - | ପ୍ରତିବର୍ଷ ପରିବେଶ ପ୍ରଦୁଷଣ ବଢୁଛି । |
| ମାରାଙ୍ଗ୍ | - | ଜାଅସିର୍ମା ପରିବେଶ ଅଜରା ମାରାଙ୍ଗତାନା । |
| ବନ୍ଧକ | - | ମୋ ବନ୍ଧୁ ରମା ଜମି ବନ୍ଧକ ରଖି ଋଣ କରିଛନ୍ତି । |
| ବନ୍ଧାର | - | ଆଞ୍ଚାଆ ଜୁଲି ରମା ଅତେ ବାନ୍ଦାର କେଏତେଏ ରିଇଁତାଡା । |
| ବକଲ | - | ଆଦିମ ମନୁଷ୍ୟ ଗଛର ବକଲ ପିନ୍ଧୁଥିଲେ । |
| ହାରତାଆ | - | ସିଦେମ୍ବୁନୁ ହୋ'କ ହାରତାଆତେକ ଲିଜ୍ଞେଏନ ତାଇକେନା । |
| ବସିବସି | - | ବଚ୍ଚାଟି ବସିବସି ଥକିଯିବଣି । |
| ଦୁବ୍ ଦୁବ୍ | - | ବୁଲେ ଦୁବ୍‌ଦୁବ୍‌ତେଏ ଲାଗାଜାନଗେୟା । |
| ବଞ୍ଚିବା | - | ଆମେ ବଞ୍ଚିବା ପାଇଁ ଖାଉଁ । |
| ଜିଇଡ୍ | - | ଆବୁ ଜିଇଡେନ୍ ଲାଗିତବୁ ଜମେତାନା । |

| | | |
|---|---|---|
| ବର୍ଗକ୍ଷେତ୍ର | - | କେରାମ ବୋର୍ଡ ବର୍ଗକ୍ଷେତ୍ର ପରି ଅଟେ । |
| ଚାରକୁନା | - | କେରାମ ବୋର୍ଡ ଚାର କୁନା ଗେୟା । |
| ବସାଇଲା | - | ଲୋକଟି ତା'ପୁଅକୁ କାନ୍ଧରେ ବସାଇଲା । |
| ଦିବ୍‌କିଏ | - | ହ'ଆୟାଆ ହନ୍‌କେ ତାରାନ୍‌ରେଏ ଦୁବ୍ କିଏଃ । |
| ବଜ୍ରକାପ୍ତା | - | ବଜ୍ରକାପ୍ତାର କାତି ଖୁବ୍ ଟାଣ ଅଟେ । |
| ହାରୁମ | - | ହାରୁମ୍‌କଓ୍ୱା ସାରସାର୍ ଏସୁ କେଲେଆ । |
| ବଡିଭୋର୍ | - | ବଡିଭୋର ବେଳେ ଉଠି ବସି ପଢେ । |
| ସେତାଆତରସା | - | ଆଞ୍ଜ ସେତାଆତରସା ଉଟେଜାନ୍ତେଞ୍ଜ୍ ପାଳାଆ । |
| ବଡଚିହ୍ନ | - | ବଡଚିହ୍ନବଡକୁବୁଝାଏ । |
| ମାରାଂ ଚିନ୍ | - | ମାରାଂ ଚିନ୍ ମାରାଂଗେଏ ଉଦୁବେୟା । |
| ବଞ୍ଚାଇବା | - | ରୋଗୀକୁ ବଞ୍ଚାଇବା ଡାକ୍ତରଙ୍କ ପରମ କର୍ତ୍ତବ୍ୟ । |
| ଜିଇଡିଇ | - | ହାସୁତାନିଇ ଜିଇଡିଇ ତେୟାଃ ଡାକ୍ତରାଆ ମାରାଂ ପାଇଟି । |
| ବଂଶୀ | - | ମୁଁ ଭଲରେ ବଂଶୀବାଦନ ଜାଣେ । |
| ରୁତୁ | - | ଆଞ୍ଜ୍ ବୁଗିଲେକା ରୁତୁ ଶାଳିଞ୍ଜ୍ ଆଦାନା । |
| ବଣଭୋଜି | - | ଆମେ ସ୍କୁଲପିଲା ବଣଭୋଜି କରିଗଲୁ । |
| ବଣଭୋଜିନ୍ | - | ଆଲେ ସ୍କୁଲ ହନ୍‌କ ବଣଭୋଜିନ୍‌ଲେ ସେନଲେନା । |
| ବଳିପଡିବା | - | ଭୋଜିରେ ମାଂସ ତରକାରୀ ବଳିପଡିଲା । |
| ସାରେଏଜାନା | - | ଭୋଜିରେ ଜିଲୁ ଉତୁ ସାରେଏଜାନା । |
| ବାଡି | - | ବାଡି ଦେଖି ବିରାଡି ଭୟରେ ଦଉଡିଯାଏ । |
| ଦାଣ୍ଡାଆ | - | ଦାଣ୍ଡାଆ ନେଲକେଏରେ ବିଲାଇ ନିରେଏ । |
| ବାଘ | - | ବାଘ ଗୋଟିଏ ମାଂସାସୀ ପ୍ରାଣୀ ଅଟେ । |
| କୁଲେ | - | କୁଲେ ମିଏଡ୍ ଜିଲୁ ଜମ ଜାନୁଆର । |
| ବାଡ | - | ବଗିଚାରେ ବାଡ ବାନ୍ଧିଲେ ଫଳଗଛ ସୁରକ୍ଷିତ ରହିବ । |
| ବାକାଇ | - | ବଗିଚାରେ ବାକାଇରେ ଜ'ଦାରୁକ ବୁଗିନ୍ ତାଇନେ । |
| ବାସି | - | ବାସି ଖାଦ୍ୟ ଖାଅନାହିଁ । |
| ବାସି | - | ବାସି ତେୟା ଜମେୟା ଆଲପେ ଜ'ମା । |
| ବାଦ୍ୟ | - | ବିବାହ ଭୋଜିରେ ବାଦ୍ୟ ବାଜି ଉଠିଲା । |
| ଶାଳିତେୟା | - | ଆଅାଁଦିରେ ଶାଳିତେୟାକ ଶାଳିକେତା । |

ବାଷ୍ପ - ଜଳ ଗରମ ହେଲେ ବାଷ୍ପ ହୋଇ ଉପରକୁ ଉଠେ ।

ବାପାଅ - ଦାଆଃ ଲଲଜାନ୍‌ରେ ବାପାଅଜାନ୍ତେ ଚିତାନ ରାକାବା ।

ବାକ୍ସ - ଚିଠି ବାକ୍ସରେ ଚିଠି ପକାଯାଏ ।

ବାକସ - ଚିଠି ବାକସରେ ଚିଠିକ ଇୟୁଉୟେ ।

ବାମ୍ଫ - ଫୁଟନ୍ତା ପାଣିରୁ ବାମ୍ଫ ବାହାରେ ।

ବାପାଅ - ଲଲ ଦାଆଏତେ ବାପାଅ ଅଣ୍ଡଗା ।

ବାଟ - ଅନ୍ଧକୁ ବାଟ ଦେଖାଇବା ଏକ ପରମ ଧର୍ମ ।

ହରା - କାଣାକେ ହରା ଉଦୁବ୍ ମିଏଡ୍ ମାରାଙ୍ଗ ଧରମ୍ ।

ବାଜା - ଭୋଜିରେ ବାଜା ବାଜିଲେ ଲୋକେ ନାଚନ୍ତି ।

ଶାଳି - ଭୋଜିରେ ବାଜା ଶାଳିଜାନରେ ହୋ'କ ଶୁଗୁନେ ।

ବାଟିଲେ - ଆମ ମାଆ ତରକାରୀ ପାଇଁ ବେସର ବାଟିଲେ ।

ଟିଡ୍ - ଆଲେଆ ମାଆ ଉତୁ ଇସିନ୍ ଲାଗିଡ୍ ମସଲା ରିଡିଆ ।

ବାପାର ଭାଇ - ସମୀର ମୋ ବାପାର ଭାଇ ଅଟନ୍ତି ।

ବାବାଆ ବକତେ - ସମୀର ଆଞ୍ଜଆ ବାବାଆ ବକତେ ।

ବାପାର ବାପା - ମୋ ଜେଜେ ମୋ ବାପାର ବାପା ଅଟନ୍ତି ।

ବାବାଆ ବାବା - ଆଞ୍ଜଆ ତାତାଂ ବାବା ଆ ବାବା ।

ବାୟା ଚଢେଇ - ଖଜୁରୀ ବାହୁଙ୍ଗା ଅଗରେ ବାୟା ଚଢେଇ ଘରକରେ ।

ହିସିଚାଲୁ ଅଏ - କିତେଦାରୁ କତ ମୁଣ୍ଡିରେ ହିସିଚାଲୁ ବୁସୁଉୟେ ।

ବାସସ୍ଥଳୀ - ଜଙ୍ଗଲ ବାଘ ଭାଲୁଙ୍କ ବାସସ୍ଥଳୀ ।

ବାସାଜାଗା - ବୁରୁ କୁଲେବାଲୁକଓ୍ୱା ବାସାଜାଗା ।

ବାହାର - ଘର ବାହାର ପରିବେଶ ସଫା ରଖ ।

କୁଟି - ଅଓ୍ୱା କୁଟି ପରିବେଶ ସାପାଏପେ ।

ବାଛିବାଛି - ଦୋକାନରୁ ଆମେ ବାଛିବାଛି ପରିବା କିଣୁ ।

ସାଲାସାଲା - ଦୁକାନାଏତେ ଆବୁ ସାଲାସାଲା ସବଜିବୁ କିରିଙ୍ଗେୟା ।

ବାହୁରୀ - ବାହୁରୀ ଡେଇଁଡେଇଁ ଖେଳୁଛି ।

ମୁୟୁଁ - ମୁୟୁଁ ଉଇଉଇ ଇନୁଂତାନା ।

ବାଚସ୍ପତି - ବାଚସ୍ପତି ବିଧାନସଭା ପରିଚାଳନା କରନ୍ତି ।

ବାଚସ୍ପତି - ବାଚସ୍ପତି ବିଧାନସଭା ଚାଲାଅୟା ।

ବାଘମାମୁଁ - ଗପରେ ବାଘମାମୁଁ ବୋଲି କହନ୍ତି ।

କୁଲେମାମୁଁ - କାହାନିରେ କୁଲେକେ କୁଲେ ମାମୁଁକ ମେଟାୟେ ।

| | | |
|---|---|---|
| ମୁଣ୍ଡ | - | ଖରାରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି ପିନ୍ଧ । |
| ବଅଃ | - | ଜେଟେଆଏତେ ବାଚାଅନ ଲାଗିଡ୍ ବଅଃରେ ପୁଣ୍ଡି ଟୋପି ଟୋପ୍ନିପେ । |
| ମୁଣା | - | ମୁଁ ମୁଣାରେ ବହିପଟା ଧରେ । |
| ତାଇଲେ | - | ଆଞ୍ଜ୍ ତାଇଲେରେ ବହିକଞ୍ଜ୍ ସାବା । |
| ମୁକ୍ତ | - | ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଅଟେ । |
| ବାଗେ | - | ଇସ୍କୁଲ ମିଏଡ୍ ତାମ୍ ବାଗେ ଜାଗାତାନାଆ । |
| ମୁଗ | - | ଧାନକଟା ସରିଲେ ମୁଗ ବୁଣାଯାଏ । |
| ମୁଗି | - | ବାବା ଇର୍ ଚାବାଜାନରେ ମୁଗି ହେରଓ୍ୱା । |
| ମୁଖ୍ୟ | - | ସରପଞ୍ଚ ପଞ୍ଚାୟତର ମୁଖ୍ୟ ଅଟନ୍ତି । |
| ମାରାଙ୍ଗ | - | ସରପଞ୍ଚ ପଞ୍ଚାୟତରେନ୍ ମାରାଙ୍ଗନିଇ । |
| ମୁଦ୍ରା | - | ମୁଦ୍ରା ଦେଇ ଆମେ ସବୁକିଛି କିଣିପାରିବା । |
| ଟାକା | - | ଟାକା ଏମକେଏତେ ସାବିନାଆ କିରିଙ୍ଗ ଦାୟଓ୍ୱା । |
| ମୁଣ୍ଡି | - | ମନ୍ଦିରର ମୁଣ୍ଡି ଖୁବ ଉଚ୍ଚରେ ରହିଛି । |
| ମୁଣ୍ଡି | - | ମନ୍ଦିର୍‌ରେୟା ମୁଣ୍ଡି ଏସୁ ଚେତାନ୍‌ରେ ମେନାଃ । |
| ମୁଳକ | - | ବାଘ ବଣ ମୁଳକର ରାଜା ଅଟେ । |
| ଜାଗା | - | କୁଲେ ବୁରୁ ଜାଗାରେନ୍ ରାଜା । |
| ମୁହୂର୍ତ୍ତ | - | ଘର ପୋଡିଲେ ମୁହୂର୍ତ୍ତକ ମଧ୍ୟରେ ସର୍ବନାଶ ହୁଏ । |
| ମିତଦଣ୍ଡେ | - | ଅଓ୍ୱା ଲ'ତାନ୍‌ରେ ମିତଦଣ୍ଡେରେଗେ ସାବିନ୍ ଚାବାଓ୍ୱା । |
| ମୁହାଣ | - | ନଦୀ ସମୁଦ୍ର ମୁହାଣରେ ମିଶେ । |
| ସାପାତିଂ | - | ଗାଳା ସମୁଦ୍ର ସାପାତିଂରେ ମିସେନେ । |
| ମୁଣ୍ଡାଇ | - | ବୁଢୀଟିଏ ଝାଟି ମୁଣ୍ଡାଇ ଧରିଛି । |
| ଦିପିଲ | - | ବୁଢ଼ିଏରା ଜାଟା ଦିପିଲତାଡା । |
| ମୁଣ୍ଡୁଳା | - | ଠିକ୍ ଉତ୍ତର ଉପରେ ମୁଣ୍ଡୁଳା ବୁଲାଅ । |
| ଗୁଲ୍ | - | ଠିକ୍ ଉତ୍ତର ଚିତାନରେ ଗୁଲ ବିୟୁରେପେ । |
| ମୁଖଶାଳା | - | ଏହି ମନ୍ଦିରର ମୁଖଶାଳା ଭାଙ୍ଗି ଯାଇଛି । |
| ସାମାନାଂ | - | ନେନ୍ ମନ୍ଦିରରେୟା ସାମାନାଂ ରାପୁଡେକାନା । |
| ମୁଷ୍ଟି | - | ମୁଷ୍ଟି ଆଘାତ ଭାରି ବାଧେ । |
| ଗିଲ | - | ଗିଲ ଏସୁ ହାସୁଏ । |

ମୂଲ୍ୟ - ସମୟ ବହୁ ମୂଲ୍ୟ ଅଟେ ।

ଗନଂ - ସମାଏ ଏସୁ ଗନଂଗେୟା ।

ମୂଳ - ମୁଁ ଅଳ୍ପ ମୂଳଧନରେ ଛୋଟ ବ୍ୟବସାୟ କରିବି ।

ମୂଉଲୁ - ଆଞ୍ଜ କମ୍ ମୂଉଲୁ ପଇସାରେ ହୁଲିଂ ବେପାରାଞ୍ଜ ।

ମୂଷା - ମୂଷା ଖାଦ୍ୟଶସ୍ୟ ଖାଇ ନଷ୍ଟ କରେ ।

କାଟେଆ - କାଟେଆ ଜମାଆ ବିତିଜମକାଡେଏ ଚାବାୟା ।

ମୂର୍ତ୍ତି - ପୂଜା ପରେ ମୂର୍ତ୍ତି ବିସର୍ଜନ କରାଯାଏ ।

ମୁରୁତ - ବଙ୍ଗାତାୟାମ୍ ମୁରୁତକ ବିସର୍ଜନେୟା ।

ମୂଷିକ - ମୂଷିକମାନେ ଗର୍ତ୍ତ ଭିତରେ ବାସକରନ୍ତି ।

କାଟେଆ - କାଟେଆକ ଉଣ୍ଡୁବିତେର୍‌ରେକ ଡାଇନେ ।

ମୃଦୁ - ବାୟୁ ମୃଦୁମନ୍ଦ ଗତିରେ ପ୍ରବାହିତ ହେଉଛି ।

ଶୁଏଃ - ହୟ ଶୁଏଃତେଏ ହୟଏତାନା ।

ମେଘ - ମେଘ ଥଣ୍ଡାହେଲେ ବର୍ଷା ହୁଏ ।

ରିମିଲ - ରିମିଲ ଶା'ଶା ଜାନ୍‌ରେଏ ଗାମାୟା ।

ମେଳା - ପ୍ରତିବର୍ଷ ଆମ ଗ୍ରାମରେ ମେଳା ଅନୁଷ୍ଠିତ ହୁଏ ।

ଯାତରା - ଜାଅସିର୍ମା ଆଲେ ହାତୁରେ ଯାତରା ହବାଓ୍ୱା ।

ମେଣ୍ଢା - ମେଣ୍ଢା ଲୋମରେ କମ୍ବଳ ତିଆରି ହୁଏ ।

ମିଣ୍ଡି - ମିଣ୍ଡି ଇଏଁଲତେ କମ୍ବଳକ ବାଇୟେ ।

ମେଘମାଳା - ବର୍ଷାଋତୁରେ ମେଘମାଳା ଭାସେ ।

ରିମିଲ - ଗାମା ଚାଣ୍ଡୁଉରେ ରିମିଲ୍‌କ ଆପିରେ ।

ମୋର - ମୋର ବୟସ ଆଠ ବର୍ଷ ଅଟେ ।

ଆଞ୍ଜାଆ - ଆଞ୍ଜଆ ବୟସ ଇରିଲ ସିର୍ମା ।

ମୋଟ - ବିଜ୍ଞାନରେ ମୋଟ ନମ୍ବର ଶହେ ଅଛି ।

ସାବିନରେ - ବିଜ୍ଞାନରେ ସାବିନ୍‌ରେ ଶହେ ନମ୍ବର ମେନାଃ

ମୋ ଯୋଗୁଁ - ମୋ ଯୋଗୁଁ ଦେଶ ଗରିବ ।

ଆଞ୍ଜ୍ ଲାଗିଡ୍ - ଆଞ୍ଜା ଲାଗିଡ୍ ଦେଶ୍ଗମ ନୁତ୍ରୁମଓ୍ୱା ।

ମୋବାଇଲ୍ - ମୋବାଇଲ୍ ଫୋନ୍ ଦ୍ୱାରା ଅନେକ କାର୍ଯ୍ୟ ସହିତ ହେଇପାରୁ ।

ମୋବାଇଲ - ମୋବାଇଲ ଫୋନତେ ଚିମିନ ପାଇଟି ହବାନ୍ ।

ମୋକଦ୍ଦମା - ରାମ ବିରୁଦ୍ଧରେ ବର୍ତ୍ତମାନ ମୋକଦ୍ଦମା ଚାଲିଛି

ମକରଦ୍ଦମା - ରାମ ଚିତାନରେ ମକର୍‌ଦମା ହବାନ୍ ତାନା ।

ମୈତ୍ରୀ- ପରସ୍ପର ମୈତ୍ରୀ ଭାବ ଆମେ ଚାହୁ ।

ଜୁପୁଲି - ଯାର ଯେମର ଜୁପୁଲି ଆବୁ ସାନାଙ୍ଗା ।

ମୌଜ - ପର୍ବପର୍ବାଣିରେ ଲୋକେ ମୌଜ କରନ୍ତି ।

ରାଆଁସା - ପରବ ପନାଇଁରେ ହ' କ ରାଆଁସାଆକ ।

ମୌଳିକ - ସୁନା ଏକ ମୌଳିକ ପଦାର୍ଥ ଅଟେ ।

କାହାମିଶା - ସାମାଣମ ମିଏଡ଼ କାହାମିଶା ଜିନିଷ ।

ମୌଖିକ - ରବି ମୌଖିକ ଉତ୍ତର ଦେଇ ପାରିଲା ନାହିଁ ।

ଆଃତେ - ରବି ଆଃତେ ଉତ୍ତର କାଏଃ ଏମ୍ ଦାର କାନା ।

-ଯ-

ଯଜ୍ଞ - ଆମ ଗ୍ରାମରେ ବିଶ୍ୱଶାନ୍ତି ଯଜ୍ଞ ହୋଇଥିଲା ।

ଯଜ୍ଞ - ଆଲେ ହାତୁରେ ଦେଶୁମ୍ ଶାନ୍ତି ଯଜ୍ଞ ହବା ଲେନା ।

ଯନ୍ତ୍ର - ଯନ୍ତ୍ର ଦ୍ୱାରା ଜଟିଳ କାମ ସହଜ ହୋଇଯାଏ ।

ମିଶିନ୍ - ମିଶିନତେ କାହା ସହଜ ପାଇଟିୟ ଆଞ୍ଜାଆ ପାଇଟିୟୁଆ ।

ଯଶ - ବଡ ଲୋକଙ୍କ ଯଶ ପୃଥିବୀ ସାରା ବ୍ୟାପିଯାଏ ।

ନୁତୁମ୍ - ମାରାଂ ହ'କଓ୍ୱା ନୁତୁମ ଦେଶୁମ ସାରା ପାନ୍ତିନେ ।

ଯଥା - ରିମି ଯଥା ଅର୍ଥ କହିପାରିଲା ।

ଚିଲକେଚି - ରିମି ଚିଲିକାତେ ମାନେ କାଜି ଦାୟିକାନା ।

ଯତ୍ନ - ବାର୍ଦ୍ଧକ୍ୟ ହେଲେ ଯତ୍ନ ଆବଶ୍ୟକ ଅଟେ ।

ଯତନ୍ - ବୁଲେ ଜାନ୍‌ରେ ଯତନ୍ ଦରକାର ।

ଯାହାର - ଯାହାର ବୟସ ଅଠରବର୍ଷ ସେ ଭୋଟ ଦେଇ ପାରିବ ।

ଅକୟାଆ - ଅକୟାଆ ବୟମ ଅଠର ବର୍ଷ ଆଏଃ ଭୋଟ ଏମଦାୟିୟେ ।

ଯାତ୍ରା - ଯାତ୍ରାରେ ଅନେକ ଲୋକ ଆନନ୍ଦ କରନ୍ତି ।

ପରବ - ପରବ ତାଆରେ ଚିମିନ ହ' କ ରାଆଁସାକ ।

ଯାନବାହାନ - ଯାନବାହାନ ନିମନ୍ତେ ଭଲ ରାସ୍ତା ଅଛି ।

ଗାଳଗୁଲ୍ଲା - ଗାଳି ଗୁଲା ଲାଗିଡ଼ ବୁଗିନ ହରା ମେନାଃ ।

ଯାଗା - ଉପଯୁକ୍ତ ଯାଗା ବାଛି ଫଳ ଚାଷ କରନ୍ତୁ ।

ଜାଗା - ସାଲାକେଏତେ ଜ ଚାଷ ବୁଗିନା ।

ଯାତ୍ରା - ରେଳ ଯାତ୍ରା ଆଶୋଦ ଦାୟକ ଅଟେ ।

ସନଅ - ରେଲରେ ସେନଅ ଅଶୋଦ ଦାୟକ ଆଦାଓ୍ବା ।

ଯାଦୁକର - ଆମ ବିଦ୍ୟାଳୟକୁ ଜଣେ ଯାଦୁକର ଆସିଥିଲେ ।

ଯାଦୁବାଲା - ଆବୁ ଇସ୍କୁଲତେ ମିଏଡ଼ ଯାଦୁବାଲା ହୁଜୁଉଲେନା ।

ଯୁଦ୍ଧ - ପାକିସ୍ଥାନ ଆମ ସହିତ ଆନେକ ଥର ଯୁଦ୍ଧ କରିଛି ।

ଲାଲାଇ - ପାକିସ୍ଥାନ ଆବୁଲଅ ଚିମିନ୍ ଦାଣା ଲାଲାଇୟେ କେନେ ।

ଯୁଗ୍ମ - ଲତା ଓ ରମା ଖେଳରେ ଯୁଗ୍ମ ପୁରସ୍କାର ପାଇଲେ ।

ବାରଅତେ - ଲତା ଅଣ୍ଡରମା ଇନୁଙ୍ଗରେ ବାରଅଯାକେଡ୍ । ପୁରସ୍କାର କିନ୍ ନାମ୍ କେଡ଼ା ।

ଯୁକ୍ତାକ୍ଷର - ଙ୍କ ଏକ ଯୁକ୍ତାକ୍ଷର ଅଟେ ।

ଯୁକ୍ତାକ୍ଷର - ଙ୍କ ମିଏଡ଼ ଯୁକ୍ତାକ୍ଷର ।

ଯୁକ୍ତ - ମୋ ବଡ ଭାଇ ଯୁକ୍ତଦୁଇ ବିଜ୍ଞାନ ପଢେ ।

ଯୁକ୍ତ - ଆଙ୍ଗଆ ମାରାଂଦାଦା ଯୁକ୍ତ ବାରିଏରେ ବିଜ୍ଞାନେ ପାଲାଅତାନା ।

ଯୁବକ - ଯୁବକମାନେ ଅସାଧ୍ୟ କାର୍ଯ୍ୟ କରିପାରନ୍ତି ।

ସେପେଡ୍ - ସେପେଡ଼ କ କାହା ଦାୟିୟଅ ପାଇଟିକ ଦାୟେଏଃ ।

ଯେଉଁ - ଯେଉଁ ଦେଶ ଯେତେ ଶିକ୍ଷିତ ସେହିଦେଶ ସେତେ ଉନ୍ନତ ।

ଅକନ୍ - ଅକନ ଦିଶୁମ୍ ଚିମିନ ଶିକ୍ଷିତ ଏନ ଦିଶୁମ ଇମିନ୍ ଉନ୍ନତ ।

ଯୋଜନା - ପ୍ରତ୍ୟେକ କାର୍ଯ୍ୟ ଯୋଜନାନୁସାରେ ହେବା ଉଚିତ୍ ।

ମୁଣ୍ଡି - ସାବିନ ପାଇଟି ଉଲୁଉ ମୁଣ୍ଡି କାତେ ପାଇଟି ତେୟା କାଜି ।

ଯୋଡା- କାଉ ଯୋଡା ରାବୁଛନ୍ତି ।

ଜୁଲା - ଜୁଲା କାଅକିନ୍ ରଆତାନା ।

ଯୋଡି - ଦୁଇଟି ବଳଦ ଉତମ ଯୋଡି ହୋଇଛନ୍ତି ।

ଜୁଲି - ବାରିଏ ଉରିଇକିନ ବୁଗିନ୍ କିନ୍ ଜୁଲିଏ କାନା ।

ଜ୍ଞାନ - ପୁସ୍ତକ ପଠନ ଦ୍ୱାରା ଜ୍ଞାନ ବଢେ ।

ସେୟା - କିତେବ୍ ପାଲାଅରେ ସେୟା ସାଙ୍ଗିନେ ।

ରଙ୍ଗ - ମୟୂର ଚିତ୍ରରେ ସଠିକ ରଙ୍ଗ ଦିଅ ।
ରଙ୍ଗ୍ - ମାରାଆ ଚିତ୍ରରେ ଠିକ୍ ରଙ୍ଗ ଏମେପେ ।
ରଙ୍ଗିନ - ରଙ୍ଗିନ ପ୍ରଜାପତିଟିଏ ଫୁଲରେ ବସିଛି ।
ରଙ୍ଗିନ୍ - ରଙ୍ଗିନ ପାମ୍ ପାଲ୍ ବାହାରେଏ ଦୁବାକାନା ।
ରାଜା - ଆମ ଦେଶରେ ଆଜିକାଲି ଆଉ ରାଜା ନାହାନ୍ତି ।
ରଜା - ଆବୁ ଦେଶୁମରେ ନାଆ ବାର ସିଂ ଅଣ୍ଡଅ ରାଜାବାଙ୍କୁଏ ।
ରଡି - ବାଘରଡି ଶୁଣିଲେ ଭୟ ଲାଗେ ।
ଗର୍ଜାଅ - କୁଲେ ଗାର୍ଜାଅ ଆୟୁମ ଲେରେଃର ବରଗେ ଆଦାୱା ।
ରକ୍ତ - ରକ୍ତରେ ପ୍ରାଣ ଥାଏ ।
ମାୟମ - ମାୟାମରେ ଜୀବନ ମେନାଃ ।
ରସୁଣ - ରସୁଣର ରଙ୍ଗ ଧଳା ଅଟେ ।
ରାସୁଇଁ - ରାସୁଇଁ ରଙ୍ଗ୍ ପୁଣ୍ଡି ଗେୟା ।
ରକ୍ଷଣ ବେକ୍ଷଣ - ରକ୍ଷଣ ବେକ୍ଷଣ ଆଭାବରେ ସ୍ମୃତି ନଷ୍ଟ ହୁଏ ।
ଜଗାଆକୁଗୁତୁ - ଜଗାଆକୁଗୁତୁ କାହା ତାଇନରେ ସାବିନ ରିଇଙ୍ଗଆ ।
ରକ୍ଷାକରିବା - ପ୍ରଜାଙ୍କୁ ରକ୍ଷାକରିବା ସରକାରଙ୍କ କାମ ।
ବାଚାଅ - ପରଜାକ ବାଚାଅ ତେୟା ସରକାରାଆ ପାଇଟି ।
ରାବ - ଚଢ଼େଇ ରାବ ଭାରି ମଧୁର ଶୁଭେ ।
ରାଆଃ - ଅଏକୱା ରାଆଂ ଏସୁ ବୁଗିନ ଆୟୁମୱା ।
ରାଜା - ରାଜାମାନେ ପରସ୍ପର ଯୁଦ୍ଧକରୁଥିଲେ ।
ରଜା - ରାଜା କ ଆକ ଆକରେକ ଲାଲାଇ ତାଇକେନା ।
ରାସ୍ତା - ମଫସଲ ଅଞ୍ଚଳରେ ଭଲରାସ୍ତା ନଥାଏ ।
ହରା - ହାତୁ ପାଆରେ ବୁଗିନ ହରା କାହା ତାଇନେ ।
ରାତି - ଜହ୍ନରାତିରେ ତାରାମାନେ ଲୁଚିଯାଆନ୍ତି ।
ନିଦେ - ପନାଇଁ ନିଦେରେ ଇପିଲ୍ କ ଉକୁନେ ।
ରାନ୍ଧି - ମାଆ ଆମପାଇଁ ଭାତରାନ୍ଧି କାମକୁ ପଠାଏ ।
ଇସିନ୍ - **ମାଆ** ଆଲେ ଲାଗିଡ୍ ମାଣ୍ଡି ଇସିନ କାତେ ଯାଇଟିତେ କୁଲ୍‌କିୟା ।
ରାଶି - ରାଶି ଖଜା ଭାରି ମିଠା ଲାଗେ ।
ତିଲମିଂ - ତିଲମିଂ ଲାଡୁ ଏସୁ ନଗଡ଼ଏ ଆଜାୱା ।

ରାଜି - ସେ ମୋ ସହିତ ଯିବାକୁ ରାଜି ହେଲେ ।

ଏୟା - ଆଏଃ ଆଞ୍ଚଲଅ ସେନଅ ଲାଗିଡ଼େଏ ଏୟାକେଡ଼ା ।

ରାଜତ୍ୱ - ନିର୍ବାଚିତ ସରକାର ପାଞ୍ଚବର୍ଷ ରାଜତ୍ୱ କରନ୍ତି।

ଟାଜ୍ ଚଲାଅ - ସାଲାଟାଡ଼ ସରକାର ମଣେସିର୍ମା ରାଜେଏ ଚାଲାଅୟା ।

ରାଜସ୍ୱ - ସରକାର ପ୍ରଜାଙ୍କ ଠାରୁ ରାଜସ୍ୱ ଆଦାୟ କରନ୍ତି ।

ଖାଜାନ୍ତି - ସରକାର ପରଜା କଡାଆଏତେ ଖାଜାନ୍ତି ଆଜାଇ କଓ୍ୱା ।

ରାଷ୍ଟ୍ରଭାଷା - ହିନ୍ଦୀ ଆମର ରାଷ୍ଟ୍ରଭାଷା ଅଟେ ।

ଦେଶୁମ ଭାଷା - ହିନ୍ଦି ଆବୁଓ୍ୱେ ଦେଶୁମ ଭାଷା ତାନାଆ ।

ରାଜଉଆସ - ରାଜା ଉଆସ ଗୁଡିକ ଜାତୀୟ ସମ୍ପତ୍ତି ହୋଇଛି ।

ରାଜାଆଓ୍ୱା - ରାଜାଅଓ୍ୱାକ ସରକାରାଆ ବିତ୍ତି ହବାଜାନା ।

ରିକ୍ସା - ରିକ୍ସାରେ ତିନୋଟି ଚକ ଥାଏ ।

ରିକ୍ସା - ରିକ୍ସାରେ ଆପିଏ ଚାକା ତାଇନେ ।

ରୁଦ୍ଧ - ବୁଢା ଲୋକଟି ଶ୍ୱାସ ରୁଦ୍ଧ ହୋଇ ମରିଗଲା ।

କେସେଡ୍ - କୁଳେ ହ' ଶାଏଡ଼ କେଡ଼ସଡ଼୍ ଜାନେଏ ଗଏଃଜାନା ।

ରୁଚି - ପିଠା ଖାଇବାରେ ମୋର ରୁଚି ଅଛି ।

ରୁଚେଅ - ମେଁର୍ ଜମ୍ ଲାଗିଡ଼ ଆଞ୍ଜୁଆ ରୁଚେଅ ମେନାଃ ।

ଋତୁ - ବର୍ଷକୁ ଛଅ ଋତୁ ଅଛି ।

ଋତୁ - ମିଡ୍ ସିର୍ମାଦଃତୁରୁୟେ ଋତୁ ମେନାଃ ।

ରୂପ - ମାଆର ରୂପରେ କନ୍ୟାଜାତ ହୋଇଛି ।

ମେତ୍‌ମୁଟେ - ଏଙ୍ଗାଆ ମେ ତ୍‌ମୁଟେଗେ ହୁନଏରା ଆଗୁଚାଡ଼ା ।

ରେଖା - ଏକାଧିକ ବିନ୍ଦୁ ମିଶି ରେଖା ହୁଏ ।

ରେଖା - ସାଙ୍ଗି ତୁଳେ ମିଶା ଜାନ୍‌ରେ ରେଖା ବାୟୁ ଓ୍ୱ ।

ରୋଗ - ମାଛି ହଇଜା ରୋଗର ବାହକ ଅଟେ ।

ରୁଗା - ରକ ହାଇଜା ରୁଗା ରେୟାଃ ଟିନ୍ଦୁଲ୍ ଟାନିଇ ।

ରୋପଣ - ଜେଜେ ବାପା ଆମ ପାଇଁ ଗଛଟିଏ ରୋପଣ କରିଥିଲେ ।

ଲୁଓ୍ୱା - ତାତାଙ୍ଗ୍ ଆଲେ ଲାଗିଡ଼୍ ଦାରୁଉ ରଓ୍ୱେଲେଡ଼ା ।

ରୋଷେଇ - ପ୍ରତି ବିଦ୍ୟାଳୟରେ ରୋଷେଇ ଘର ଅଛି ।

ମାଆଣ୍ଡି - ସାବିନ ଇସ୍କୁଲରେ ମାଆଣ୍ଡି ଅଓ୍ୱା ମେନାଃ ।

| | | |
|---|---|---|
| ରୋଗୀ | - | ଏଡ଼୍ସରୋଗୀ ନିୟମିତ ଔଷଧ ଖାଇବା ଉଚିତ୍ । |
| ରୁଗାତାନିଇ | - | ଏଡ଼୍ସ୍ ରୁଗାତାନି କାଅ ଦିନ ରେଡ଼୍ ଜମେତେୟା କାଜି । |
| ରିଗୀଣା | - | ଲୋକଟି ରୋଗୀଣା ଦେଖାଯାଉଛି । |
| ରୁଗାଗେଏ | - | ହ'ଦଃ ରୁଗା ଗେଏଃ ନେଲଅ ତାନା । |
| ରୌଦ୍ର | - | ରୌଦ୍ର ତାପରେ କୂପ ପୋଖରୀ ପାଣି ଶୁଖିଯାଏ । |
| ଜେଟେ | - | ଜେଟେ ଲଲତେ କୂଏଁ ବାନ୍ଧା ଦାଆ ର' ଚାବାଓ୍ୱା । |

– ଲ –

| | | |
|---|---|---|
| ଲତା | - | କଖାରୁ ଲତା ରଞ୍ଜାରେ ମାଡି ଯାଇଛି । |
| ନାଇ | - | କାକାରୁ ନାଇ ରାଞ୍ଜ୍ରେ ନାୟେକାନା । |
| ଲଟା | - | ଘର ଚାରି ପାଖରେ ଲଟା ବୁଦା ସଫା କର । |
| କୁମ୍ବେଏ | - | ଅଓ୍ୱା କୁଟିମୁଲି କୁମ୍ବେଏକ ସାଫାଏପେ । |
| ଲକ୍ଷ୍ୟ | - | ଶିକ୍ଷକ ହେବାପାଇଁ ମୋର ଲକ୍ଷ୍ୟ ରହିଛି । |
| ଉଲୁଉମୁଲି | - | ମାଷ୍ଟରେନ ତେୟା ଆଞ୍ଜ୍ଆ ଉଲୁଉ ମୁଲିଦଃ । |
| ଲମ୍ବା | - | ଭୋଟ ଦେବାକୁ ଲୋକେ ଲମ୍ବାଧାଡିରେ ଠିଆ ହୋଇଛନ୍ତି । |
| ଜିଲିଂ | - | ଭୋଟ୍ ଏମଲାଗିଡ୍ ହ'କ ଜିଲିଂ ଦାଆଲିରେକ ତିଙ୍ଗୁଏ କାନା । |
| ଲମ୍ଫ | - | ମାଙ୍କଡଟି ଲମ୍ଫଦେଇ ଦୌଡିଗଲା । |
| ଉଇ | - | ସାରାଆ ଉଇ ଜାନ୍ତେଏ ନିରଜାନା । |
| ଲଙ୍କା | - | ନାଲି ଲଙ୍କା ଅଧିକ ରାଗ ହୁଏ । |
| ମାରଚି | - | ଆରାଆ ମାର୍ଚି ପୁରେଏ ରାଆଗୁଆ । |
| ଲକ୍ଷଣ | - | ବେଳେବେଳେ ଆକାଶରେ ଅଦ୍ଭୁତ ଲକ୍ଷଣ ଦେଖାଯାଏ । |
| ଉନୁରୁମ | - | ମିଶେ ମିଶେ ସିର୍ମାରେ ତାନ୍ ଗାନ୍ ଉନୁରୁମ୍ ନେଲଆ । |
| ଲଢେଇ | - | ବିନା ଅସ୍ତ୍ରରେ ନିର୍ବାଚନ ଲଢେଇ ହୁଏ । |
| ଲାଲାଇ | - | ବିନେ ହାତିଆରରେ ଭୋଟ ଲାଲାଇ ହବାନା । |
| ଲାଞ୍ଜ | - | ଗାଈ ତାର ଲାଞ୍ଜରେ ମାଛି ଅଡାଏ । |
| ଚାଡଲମ୍ | - | ଗୁଣ୍ଡି ଚାଡ଼୍ଲମତେ ରକଏ ହାରକଓ୍ୱା । |
| ଲାଳ | - | କୁକୁର ଲାଳ ବିଶାକ୍ତ ଅଟେ । |
| ବେଏଦାଆ | - | ସେତାଂ ବେଏଦାଆ ବିଶିଗିୟା । |
| ଲାଲ୍ | - | ଲାଲ ଗୋଲାପ ଦେଖିବାକୁ ଖୁବ୍ ସୁନ୍ଦରାଃ । |
| ଆରାଆ | - | ଆରାଆ ଗୋଲାପ ନେଲ୍ତେ ଏସୁ । |

| | | |
|---|---|---|
| ଲାଗିବ- | | ଘର ତିଆରି ପାଇଁ ୨୦ ହଜାର ଟଙ୍କା ଲାଗିବ । |
| ଲାଗାଓ୍ୱା | - | ଅଓ୍ୱା ବାଇଲାଗୋଡ୍ ୨୦ ହଜାର ଟାକା ଲାଗାଓ୍ୱା । |
| ଲାଜ | - | ନୂଆ ବହୁକୁ ମୁହଁ ଦେଖାଇବା ମୋତେ ଲାଜ ଲାଗେ । |
| ଜିୟୁଉ | - | ନାମା କିମିନ ଚେହେରା ନେଲଇଚିନ ଆଞ୍ଜ୍ ଗିୟୁଉଞ୍ଜେ । |
| ଲାଭ | - | କମ୍ ଦାମରେ କିଣି ଅଧିକା ଟଙ୍କାରେ ବିକିଲେ ଲାଭ ହୁଏ । |
| ଲାଭ | - | ହୁଲିଂ ଗନଂତେ କିରିଙ୍ଗ କାତେ ପୁରେଏତେ । ଆକାରିଙ୍ଗେରେ ଲାଭ ହବାନା । |
| ଲିଭାଇ | - | କଳାପଟାରେ ଲେଖାକୁ ଶିକ୍ଷକ ଲିଭାଇ ଦେଲେ । |
| ଏଏଁ | - | କଲାପଟାରେ ଅଲ୍ ଲେନ୍ତେୟାଆ ମାଷ୍ଟର ଏଃଏଁ କେଡ଼ା । |
| ଲିଚୁ | - | ଲିଚୁ ଏକ ମିଠା ଫଳ ଅଟେ । |
| ଲିଚୁ | - | ଲିଚୁ ମିଏଡ୍ ନଗଡ୍ ଜ ତାନାଆ । |
| ଲୁଗା | - | ଭିକାରୀଟି ଛିଣ୍ଡା ଲୁଗା ପିନ୍ଧିଛି । |
| ଲିଜ୍ଜେଏ | - | କଏଁତାନିଇ ଚାଚା ଆଲିଜ୍ଜେଏ, ଲିଜ୍ଜେଏକାନା । |
| ଲୁହ | - | ଆଖିରୁ ଲୁହ ଝରେ । |
| ମେତଦାଆ | - | କେତାଏତେ ମେତ୍‌ଦାଆ ଜରନା । |
| ଲୁଚି | - | ଚୋରଟି ଲୁଚି ପଳାଇଲା । |
| ଉକୁଜାନ୍ତେ | - | କୁମ୍ଭୁଉ ଉକୁଜାନ୍ତେଏ ନିର୍‌ଜାନା । |
| ଲୁଣ | - | ସମୁଦ୍ର ପାଣିରୁ ଲୁଣ ମରାଯାଏ । |
| ବୂଲୁଙ୍ଗ | - | ସମୁଦ୍ର ଦାଆଏତେ ବୂଲୁଙ୍ଗକ ଅଣ୍ଡଙ୍ଗେୟା । |
| ଲେବଲ କ୍ରସିଂ | - | ରେଳରାସ୍ତା ପାର ହେବାକୁ ହେଲେ ଲେବଲ କ୍ରସିଂ ଥାଏ । |
| ଲେବଲ କ୍ରସିଂ | - | ରେଲ ହରାପାରମ ଲାଗିଡ୍ ଲେବଲ କ୍ରସିଂ ମେନା । |
| ଲେଖ | - | ପ୍ରତିଦିନ ହସ୍ତାକ୍ଷର ଲେଖ । |
| ଅଲ | - | ସାବିଦିନ ହସ୍ତାକ୍ଷର ଅଲେପେ । |
| ଲେଖାଲେଖି | - | ସମୟ ମିଳିଲେ ମୁଁ ଲେଖାଲେଖି କରେ । |
| ଅଲ୍‌ବାଲ୍ | - | ସମଏ ନାମ୍ କେଏରେ ଆଞ୍ଜ୍ ଅଲବାଲାଞ୍ଜ୍ । |
| ଲୋକସଂଖ୍ୟା | - | ପ୍ରତିଦିନ ଲୋକ ସଂଖ୍ୟା ବଢୁଛି । |
| ହୋ ସାଙ୍ଗି | - | ସାବିନ୍ ଦିନ୍ ହୋକ ସାଙ୍ଗିତାନା |
| ଲୋଟି | - | ପିଲାଟି ତଳେ ଲୋଟି କାନ୍ଦୁଛି । |

| | | |
|---|---|---|
| ବାଟିଏ କାନ୍ତେ | - | ହନ୍ ଅତେରେ ବାଟିଏ କାନ୍ତେଏ ଗାଃଆତାନା । |
| ଲୋଭୀ | - | ଲୋଭୀର ଧନ ଅନ୍ୟମାନେ ଖାଆନ୍ତି । |
| ଜମୁଇ | - | ଜୁମୁଇ କଓ୍ୱା ବିଡ଼ି ଏଟାଆକ ଜମେୟା । |

– ଓ୍ୱ –

| | | |
|---|---|---|
| ଓ୍ୱିକେଟ୍ | - | କ୍ରିକେଟ ଖେଳରେ ଏଗାରଟି ଓ୍ୱିକେଟ ଥାଏ । |
| ଓ୍ୱିକେଟ୍ | - | କ୍ରିକେଟ ଇନ୍ନିଂରେ ଏଗାରଟି ଓ୍ୱିକେଟ୍ ତାଇନେ । |

– ସ –

| | | |
|---|---|---|
| ସର | - | କ୍ଷୀରରେ ସର ବସିଛି । |
| ସାରତମ୍ | - | ତଓ୍ୱାରେ ସାରତମ୍ ଦୁବ୍‌ଦାନା । |

| | | |
|---|---|---|
| ସତ୍ୟ | - | ସତ୍ୟ ଚିର ସତେଜ ଅଟେ । |
| ସାରି | - | ସାରି ସବେନ ଦିନ ତେଜରେ ତାଇନେ । |
| ସର୍ପ | - | ଦୁଷ୍ଟ ଲୋକ ସର୍ପ ସମାନ ଅଟନ୍ତି । |
| ବିଙ୍ଗ | - | ଖାରାବ୍ ହୋ ବିଙ୍ଗ ସମାନା । |
| ସଦା | - | ପିତା ମାତା ସଦା ସର୍ବଦା ଆମର ଯତ୍ନ ନିଅନ୍ତି । |
| ସାବିନଇମିତେ | - | ଏଙ୍ଗାଆପୁ ସାବିନ୍ ଇମିତେ ଆବୁଓ୍ୱେ ଯତ୍ନକ ଇଡିଆ । |
| ସଭା | - | ସଭାରେ ଭାଷଣ ଦେବା ପାଇଁ ମୋତେ ବଛାଯାଇଛି । |
| ଦୁନୁବ୍ | - | ଦୁନୁବରେ ଜାଗାରେ ଲାଗିଡ ଆଞ୍ଜକେ ସାଲତାଡିଞ୍ଜୋକ । |
| ସତେ | - | ଆଜି ବାପା ଆସିବେ, ସତେ ନା କ'ଣ ! |
| ସାରିଗେ | - | ତିସିଙ୍ଗ ବାବା/ଆପୁଙ୍ଗ ହୁଜୁଏ, ସାରିଗେ ଚି ! |
| ସାଥି | - | ଆଜିକାଲି ପ୍ରତି ଗାଁରେ ଗାଁ ସାଥି ରହିଛନ୍ତି । |
| ଜୁଲି | - | ନାଆଁବାରସିଂ ସାବିନ ହାତୁରେ ହାତୁଜୁଲିକ ତାୟିନ୍‌ତେନେ । |
| ସତ୍ | - | ସତ୍ ମାର୍ଗରେ ଯିବାକୁ ପିତାମାତା ପରାମର୍ଶ ଦିଅନ୍ତି । |
| ସାରି | - | ସାରି ହରା ସେନେ ଲାଗିଡ଼ ଏଙ୍ଗା ଆପୁକ କାଜିଏ । |
| ସରା | - | ସରାରେ ମାଣ୍ଡିଆ ଜାଉ ରାନ୍ଧିବା । |
| ଚାଟୁ | - | ଚାଟୁରେ କଦେବୁ ମାଣ୍ଡିଏ । |
| ସାରୁ | - | ସାରୁ ପତ୍ରରେ ପାଣି ଢଳଢଳ ହୁଏ । |
| ସାରୁ | - | ସାରୁ ପାତାଆରେ ଦାଆ ରିଲେ ମାଲାନ୍ ସାରୁ ପାତାଆରେ ଦାଆ ଲେୟନେନା । |
| ସାଧୁ | - | ମୁଁ ସାଧୁ ଉପାୟରେ ପରୀକ୍ଷା ଦେବି । |
| ସାଦୁ | - | ଆଞ୍ଜ ସାଦୁ ଲେକା ପରୀକ୍ଷାଞ୍ଜ ଏମେୟା । |
| ସିଧା | - | ଆମ ଗାଁରୁ ଆମ ସାଙ୍ଗଘର ଗାଁକୁ ସିଧା ରାସ୍ତା ରହିଛି । |
| ମୁଲି | - | ଆଲେ ହାତୁୟିତେ ଆଞ୍ଜା ଜୁଲି ଅଓ୍ୱା ହରା ମୁଲିଗିୟା । |
| ସାଙ୍ଗ | - | ରବି ମୋର ପିଲାବେଳର ସାଙ୍ଗ ଅଟେ । |
| ଜୁଲି | - | ରବି ଆଞ୍ଜାଃ ବାଲେ ସମାୟାରେନ ଜୁଲି । |
| ସାଧା | - | ବେଳେବେଳେ ପୋଲିସ୍ ସାଧା ପୋଷାକରେ ବୁଲନ୍ତି । |
| ସାଦା | - | ମିସେ ମିସେ ପୋଲିସକ ସାଦା ଲିଜେଏରେ ହନରାକ । |
| ସହ | - | ମାଧୁରୀ ସହ ରୀତା ନଦୀକୁ ଯାଉଛି । |
| ସଙ୍ଗେତେ | - | ମାଧୁରୀ ସେଙ୍ଗେତେ ରିତା ଗାଲାକିନ ସେନଅତାନା । |
| ଇଅତେ | - | ମାଧୁରୀ ଇଅତେ ରିତା ଗାଲାକିନ ସେନଅତାନା । |

| | | |
|---|---|---|
| ସବୁ | - | ପରୀକ୍ଷାରେ ମୁଁ ସବୁ ପ୍ରଶ୍ନର ଉତ୍ତର ଲେଖିଛି । |
| ବବେନ୍ | - | ପରୀକ୍ଷାରେ ଆଞ୍ଜ ସାବେନ ପ୍ରଶ୍ନରିୟା ଉତ୍ତର ଅଲତାଡ଼ାଞ୍ |
| ସରି | - | ମଧୁବାବୁଙ୍କ ସଙ୍ଗେ କିଏ ସରି ହେବ । |
| ଲେକା/ ସୁମାନ | - | ମଧୁବାବୁ ଲେକା ଅକୟ ହବାନା । |
| ସାର | - | ଜୈବିକ ସାର ମାଟିକୁ ଉର୍ବର କରେ । |
| ବୁଦାର | - | ଜୈବିକ ବୁଦାର ହାସାକେ ବୁଦାରିୟା । |
| ସକାଳ | - | ସକାଳ ହେଲେ ଲୋକେ କାମକୁ ବାହାରନ୍ତି । |
| ସିତାଆ | - | ସିତାଆଜାନରେ ହୋକ ପାଇଟିତେକ ସେନୁଆ । |
| ସଜନା | - | ସଜନା ପତ୍ର ଦେହ ପାଇଁ ହିତ କରେ । |
| ମୁଲଗେଏ | - | ମୁଲଗେଏ ଆଆଃ ହମଅଲାଗିଡ଼ ବୁଗିନେ । |
| ସଜାଡ଼ି | - | ତୁମର ଖାତାପତ୍ର ସଜାଡ଼ି ରଖ । |
| ସାଜାଅ/ ସାଇତେବେ | - | ଆମାଆ କିଜେବକ ସାଜାଅକେତେ ଜଗାଅୟେମେ । |
| ସରାଗ | - | ମାଉସୀ ସରାଗରେ ମୋତେ କୋଳରେ ଧରିଲେ । |
| ଦୁଲାଲିତେ | - | ଗାଉଁଇଞ୍ଜ ଦୁଲାଲିତେ ହେବେ କିଡ଼ିଞ୍ଜାଏ । |
| ସାହାଯ୍ୟ | - | ବନ୍ୟା ବିପନ୍ନଙ୍କୁ ସାହାଯ୍ୟ ଆବଶ୍ୟକ । |
| ଦେଙ୍ଗା | - | ହୟଗାମାରେ ତାକାଲିବେକେନ ହୋକ ଦେଙ୍ଗା ଦରକାର । |
| ସଡ଼କ | - | ପ୍ରତିପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ସଡ଼କ ଯାଇଛି । |
| ସଲପ | - | ସାବିନ ପଞ୍ଚାୟତତେ ପ୍ରଧାନ ମନ୍ତ୍ରୀ ସଲପ ସେନାକାନା । |
| ସମ୍ପଦ | - | ଆମ ରାଜ୍ୟ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ । |
| ସମ୍ପତ୍ତି/ ବିତ୍ତି | - | ଆବୁରାଇଜଦ ଖଣିଜ ସମ୍ପତ୍ତି/ବିତ୍ତିତେ ପେରେୟାକାନା । |
| ସମ୍ଭବ | - | ପରିବେଶ ସୁରକ୍ଷା କରିବା ସମ୍ଭବ ଅଟେ । |
| ସାରିଇଚି | - | ପରିବେଶ ବାଚାଅ ସାରିଇଚି ଦାୟିତ୍ୱ । |
| ସନ୍ତୁଷ୍ଟ | - | ବାର୍ଷିକ ଫଳାଫଳରେ ମୁଁ ସନ୍ତୁଷ୍ଟ ଅଟେ । |
| ସିର୍ମେରିୟା | - | ସିର୍ମେରିୟା ଫଳା ଫଳରେ ଆଞ୍ ରାଆସା ମେନାଞ୍ଜେ । |
| ସର୍ବତ | - | ଖରା ସମୟରେ ସର୍ବତ ପିଇବାକୁ ଭଲ ଲାଗେ । |
| ସର୍ବତ | - | ଜେଟେ ସୁମାୟରେ ସର୍ବତ ଦାଆ ନୁଉଲାଗିଡ୍ ବୁଗିନ ଆଦାଓ୍ୱା । |
| ସବୁଜ | - | ବର୍ଷା ଋତୁରେ ପରିବେଶ ସବୁଜ ଦେଖାଯାଏ । |
| ଗୁରୁଞ୍ଜି | - | ଗାମାଦିନ ସାବିନ ମୁଲି/ କୁଟିମୁଲି ଗୁରୁଞ୍ଜିଗେ ନେଲେନା । |

ସତେଜ - ସକାଳେ ମନ ସତେଜ ଥାଏ ।
ପେଏଗେ - ସିତାଆ ସିଙ୍ଗି ମନ ପେଏଗେ ତାୟିନେ ।
ସଫା - ପାଇଖାନା ଯିବାପରେ ସାବୁନରେ ସାବୁନରେ ହାତ ସଫାରଖ ।
ସାପା - ପାଇଖାନା/ ବୁଟୁପେଏ/ ବାହାରପା ସେନଅ ତାୟମ ସାବୁନତେ ତିଇ ସାପାୟେପେ ।
ସଭିଙ୍କ - ମହାତ୍ମା ଗାନ୍ଧି ସଭିଙ୍କ ପ୍ରିୟ ନେତା ଥିଲେ ।
ସାବିନକୁଆ - ମହାତ୍ମା ଗାନ୍ଧି ସାବିନକୁଆ ରାଂସା ରେନ/ସାନାସୁରେନ ନେତା ତାଇକେନା ।
ସର୍ଦ୍ଦାର - ସର୍ଦ୍ଦାର ଆଦେଶ ମାନି ସୈନ୍ୟମାନେ କାମ କରନ୍ତି ।
ସର୍ଦ୍ଦାର - ସର୍ଦ୍ଦାରରା କାଜି ଆୟୁମକେତେ ପାଲଟନକ ପାଇଟିୟେ ।
ସପୁରୀ - ସପୁରୀ ଏକ ମିଠା ଫଳ ଅଟେ ।
ସପୁରୀ - ସପୁରୀ ମିଏଡ ନଗଡ ଜଅ ତାନା ।
ସପ୍ତାହ - ସାତ ଦିନରେ ଏକ ସପ୍ତାହ ।
ହାଅଟ/ ହାପ୍ତା - ଆଇ ସିଙ୍ଗିରେ ମିଡ଼ ହାଆଟ ।
ସହିଷ୍ଣୁ - ଭଲ ଲୋକ ସହିଷ୍ଣୁ ହୁଅନ୍ତି ।
ସାଆନ୍ତି - ବୁଗିନ ମାନଓ୍ୱାକ ସାହାତିଙ୍ଗ ଦାୟିଏକ ।
ସରଗ - ସରଗ ଏକ ଆନନ୍ଦମୟ ସ୍ଥାନ ବୋଲି ବିଶ୍ୱାସ କରାଯାଏ ।
ସରଗ - ସରଗ ମିଏଡ଼ ରାଁସାରାସିକେ ଜାଗା ମେନ୍ତେକ ଆସାରାନାକ ।
ସମାନ - ଆଜିକାଲି ପୁଅ ଝିଅକୁ ସମାନ ଅଧିକାର ମିଳିଛି ।
ସମାନ/ମିଡଗେ - ନାଆ ବାରସିଂ କୋଆ କୁଇହନ ମିଡ଼ ହକ୍ ନାମେତାନାକ ।
ସଭିଏଁ - ଆମେ ସଭିଏଁ ଭାରତବାସୀ ଅଟୁଁ ।
ସାବିନକ - ଆବୁ ସାବିନକ ଭାରତରେନକ ତାନାବୁ ।
ସପ୍ତମ - ସପ୍ତମ ଦିନରେ ହାଟ ହୁଏ ।
ଆଇ - ଆଇ ସିଂଗି ଦିଲେଡ଼ ହାଆଟ ହବାନା ।
ସହିତ - ରବି ସହିତ ମୁଁ ସର୍କସ ଦେଖିଗଲି ।
ସଙ୍ଗେତେ - ରବି ସଙ୍ଗତେ ଆଞ୍ଚ ସର୍କସ ନେଲ ସେନଲିନାଲିଂ ।
ସମସ୍ତେ - ସମସ୍ତେ ଶାନ୍ତିରେ ରହିବାକୁ ଚାହାନ୍ତି ।
ସାବିକୋ - ସାବିନକୋ ଶାନ୍ତିରେ ତାୟିନଲାଗିଡ଼ ସାନାଂଗା ।
ସଜାଇ - ମୁଁ ମୋ ପଢାଘରକୁ ସଜାଇ ରଖିଛି ।
ସଜାଅ - ଆଞ୍ଚା ଆଞ୍ଚାଆ ପାଲାଅ ଅଓ୍ୱା ସାଜଅ ତାନାଞ୍ଚି ।

| | | |
|---|---|---|
| ସଜବାଜ | - | ତୂରୀ ବାଜିଲେ ସୈନ୍ୟମାନେ ଯୁଦ୍ଧ ପାଇଁ ସଜବା ହେଉଥିଲେ । |
| ସାପାଳାଅ | - | ତୂରୀ ଶାଳିଜେନରେ ପାଲଟନକ ଲାଳାଇ ଲାଗିଡ୍ ସାପାଲାଅନ ତାୟନେକ । |
| ସ୍ୱପ୍ନ | - | ସ୍ୱପ୍ନରେ ମୁଁ ଆକାଶରେ ଉଡୁଥିଲି |
| କୁମ୍ନୁଁ | - | କୁମ୍ନୁଁତେ ଆଞ୍ଚ ଚିତାନରେ ଆପିରେନ ତାଲିନେ । |
| ସରାଗରେ | - | ମାମୁଁ ମୋତେ ସରାଗରେ କୋଳରେ ବସାଇଲେ । |
| ଦୁଲାଲିତେ | - | ମାମୁଁ ଦୁଲାଲିତେ ଆଞ୍ଚକେ ହେବେକିଡିଞ୍ଚୋ । |
| ସଞ୍ଚୟ | - | ଆସନ୍ତା କାଲି ପାଇଁ ଆଜି ସଞ୍ଚୟ କରିବା ଶିଖ । |
| ଯୋଗଅଜନା | - | ଗାପା ଲାଗିଡ୍/ ନାତିଙ୍ଗ ତିସିଙ୍ଗରେ ଯୋଗାଅଜମ ଏତନପେ । |
| ସଲଖି | - | ବାଡିଟି ଆପେ ସଲଖି ଗଲା । |
| ମୁଲି | - | ଦାଣ୍ଡାଆ ଆୟେ ସୁକୁତେ ମୁଲିଜେନେ । |
| ସହିବା | - | ସହିବା ଗୁଣ ଯାହା ଥାଏ ସେ ଧନ୍ୟ । |
| ସାଆତଙ୍ଗ | - | ଅକୟେ ତାଆରେ ସାଆତିଙ୍ଗ ଗୁନ ତାୟିନେ ଇନିଜ ଇସୁ ବୁଗିନ । |
| ସୈନ୍ୟ | - | ସୈନ୍ୟମାନେ ପ୍ରାଣ ଦେଇ ଦେଶ ରକ୍ଷା କରନ୍ତି । |
| ପାଲଟନକ | - | ପାଲଟନକ ଆକୁଆ ଜୀବନ ଏମକେଏତେ ଦିଶୁମକ ବାଚାୟାତାନାକ । |
| ସମ୍ବର | - | ଆଜିକାଲି ସମ୍ବର ପ୍ରଜାତି ବନରୁ ଲୋପ ପାଇଲେ । |
| ସାରାମ୍ | - | ନାଆବାରସିଂ ବିରଏତେସାରାମ୍ ମୁଚେତ ଜାନାକା । |
| ସଦସ୍ୟ | - | ରମା ଆମ ପରିବାରର ଜଣେ ସଦସ୍ୟ ଅଟନ୍ତି । |
| ହୋତାନା | - | ରମା ଆଲେ ଓ୍ୱାଆରେ ମିଣ୍ଡଅ ହୋ ତାନାଏ । |
| ସର୍କସ | - | ସର୍କସ ରେ ବିଭିନ୍ନ ଖେଳ ଦେଖିବାକୁ ମିଳେ । |
| ସର୍କସ | - | ସର୍କସରେ ରକମ ଇନୁ ନେଲତେ ନାମୁଆ । |
| ସଜାଡିବା | - | ବଜାରକୁ ଯିବା ପାଇଁ ମୁଁ ସାଇକଲ ସଜାଡିବା ଅରମ୍ଭ କରିଛି । |
| ବାୟି | - | ହାଆଟ ସେନଅଲାଗିଡ ଆଞ୍ଚ ସାଇକେଲ ବାୟି ଉଙ୍କୁଲୁତେଡେଞ୍ଚ । |
| ସଞ୍ଜ | - | ସଞ୍ଜ ହେଲେ ବେଲ ବୁଡି ଯାଏ । |
| ଆୟୁବ | - | ଆୟୁବଜେନେରେ ସିଙ୍ଗି ହାସୁରିନା । |
| ସମଗ୍ର | - | ସମଗ୍ର ଜିଲ୍ଲାରେ ଶୀତ୍ର୍ର ପ୍ରକୋପ ବଢିଛି । |
| ସାବିନପା | - | ଜିଲ୍ଲାରେ ସାବିନପା ରାବାଙ୍ଗ ପୁରେଏ କେନେ୍ । |

| | | |
|---|---|---|
| ସମାଧାନ | - | ସରପଞ୍ଚ ଗାଁ ବିବାଦ ସମାଧାନ କରନ୍ତି । |
| ସାଲାଚାପି | - | ସରପଞ୍ଚ ହାତୁରିୟା ଏପେରାଂ ଗପନ୍ଦେକ ସାଲାଚାପିଏ । |
| ସମ୍ବିଧାନ | - | ଆମ ଦେଶର ଏକ ବୃହତ ସମ୍ବିଧାନ ରହିଛି । |
| ସମ୍ବିଧାନ | - | ଆବୁ ଦିଶୁମରିୟା ମିଏଡ଼ ମାରାଂ ସମ୍ବିଧାନ ମିନାଆ । |
| ସମ୍ଭାଳିବା | - | ଦୁଃଖ ସମ୍ଭାଳିବା ଏକ ମହାତ ଗୁଣ ଅଟେ । |
| ସାମ୍ଭାଳାଅ | - | ଦୁକୁ ସାମ୍ଭାଳାଅ/ ସାହାତିଙ୍ଗି ମିଏଡ ଇସୁମାରାଂ ଗୁନିତାନା |
| ସଉକି | - | ରମା ସଉକିରେ ସୁନ୍ଦର ଯୋତା ବାନ୍ଧିଛି । |
| ରାଆଁସାତେ | - | ରମା ରାଆଁସାତେ ବୁଗିନ ଯୋତା ତୁସିଙ୍ଗତେଡ଼େ/ ହରଅତାଡା |
| ସମତୁଲ | - | ଗୋପବନ୍ଧୁଙ୍କ ସହ କିଏ ସମତୁଲ ହୋଇପାରେ ? |
| ସୁମନ | - | ଗୋପବନ୍ଧୁଲଅତେ ଅକୟେ ସୁମାନ ହବା ଦାୟିଓ୍ବା । |
| ସରିସୃପ | - | ସର୍ପ ଏକ ସରିସୃପ ପ୍ରାଣୀ ଅଟେ । |
| ବିଙ୍ଗ୍ | - | ବିଙ୍ଗ ମିଏଡ଼ ସରିସୃପ ତାନାୟେ । |
| ସମ୍ମୁଖିନ | - | ବିପଦର ସମ୍ମୁଖିନ ହେଲେ ଭୟ କର ନାହିଁ । |
| ବେପେଟେୟାନ | - | ଦୁକୁଲଅ ବେପେଟେୟାନରେ ଆଲମ୍ ବରୟା । |
| ସମର୍ଥନ | - | ମୁଁ ମୋ ସାଙ୍ଗର କଥାକୁ ସମର୍ଥନ କଲଲି । |
| ସାରିଲଚି | - | ଆଞ୍ଜ ଆଞ୍ଜା ଲୁଲିଏ କାଜିଜାଗାରକେ ସାରିଇଚି କିଡ଼ାଞ୍ଜ । |
| ସଚେତନ | - | ପରିବେଶ ପ୍ରତି ସଚେତନ ରହିବା ଉଚିତ୍ । |
| ଆଟକାର | - | ପରିବେଶ ଲାଗିଡ଼ ଆଟକାର ତାଇନ କାଦି । |
| ସହଯୋଗ | - | ଲୋକ ସହଯୋଗ କଲେ ଗ୍ରାମ ସଫା ହେବ । |
| ଦେଙ୍ଗା | - | ହୋକ ଦେଙ୍ଗାୟେରେ ହାତୁ ସାପାନା । |
| ସଙ୍ଗେସଙ୍ଗେ | - | ଖବର ପାଇ ଦମକଳ ସଙ୍ଗେ ସଙ୍ଗେ ପହଞ୍ଚିଲା । |
| ସାଙ୍ଗେ | - | ଖବର ନାମକେଡ଼ ସାଙ୍ଗେ ଶେଙ୍ଗେଲ ଏୟେଁ ଗାଲି ହୁଜୁଉକେନା । |
| ସପ୍ତର୍ଷିମଣ୍ଡଳ | - | ଅନ୍ଧାର ରାତିରେ ସପ୍ତର୍ଷିମଣ୍ଡଳ ସ୍ପଷ୍ଟ ଦେଖାଯାଏ । |
| ପାରକମ୍ ଇପିଲ୍ | - | ନୁବେଏ ନିଦେ ପାରକମ୍ଇପିଲ୍ ବୁଗିଲେକା ନେଲଆ । |
| ସଂଗ୍ରହ | - | ମୁଁ ନେତାମାନଙ୍କର ଛବି ସଂଗ୍ରହ କରି ରଖେ । |
| ହୁଣ୍ଡି | - | ଆଞ୍ଜ ନେତାକୁଆ ଫଟ ହୁଣ୍ଡିଏଞ୍ଜ । |
| ସମ୍ପର୍କ | - | ରବି ସହିତ ମୋର ଉତ୍ତମ ସମ୍ପର୍କ ରହିଛି । |
| ନାତା | - | ରବି ଲଅତେ ଆଞ୍ଜା ସାବି କୁୟାତେ ପୁରେଏ ସାନାଂ । |
| ସଂଗୀତ | - | ସଂଗୀତ ମୋର ଅତି ପ୍ରିୟ ଅଟେ । |

ଦୁରେଂ - ଦୁରେଂ ଆଞ୍ଜା ସାବିକୁୟାତେ ପୁରେଏ ସାନାଂ ।
ସନ୍ଧ୍ୟା - ସନ୍ଧ୍ୟା ହେଲେ ତାରା ଦେଖାଯାଆନ୍ତି ।
ଆୟୁବ୍ - ଆୟୁବ୍ ଢେନରେ ଇପିଲକ ନେଲଆ ।
ସଂଗ୍ରାମୀ - ଭଗତ ସିଂହ ଜଣେ ସଂଗ୍ରାମୀ ଯୁବା ଥିଲେ ।
ଲାଲାୟି-ସିପାଇ - ଭଗତ ସିଂ ମିଣ୍ଡ ସେପେଡ ଲାଲାଇ ସିପାଇ ।
ସଂପଦ - ସଂପଦ ବେଳେ ବନ୍ଧୁ ସଖା ହୁଅନ୍ତି ।
ସଂପଦ - ସଂପଦ ମିନାଆ ରେଦ ସାବିନ ଜୁଲିନେକ ।
ସଂକଳ୍ପ - ଦେଶ ସେବା ପାଇଁ ଆମେ ସଂକଳ୍ପ କରିଛୁ ।
ସାନାଂ - ଦିଶୁମ ସିବାଶାଲା ଲାଗିଡ ସାବିନକ ସାନାଂ ଇଡିତେୟା କାଜି ।
ସଂଗ୍ରାମ - ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କର ।
ଲାଲାୟି - ବୁଗିନ୍ ପାଇଟି ଲାଗିଡ ଲାଲାଇତିୟା କାଜି ।
ସଙ୍କେତ - ରାସ୍ତାରେ ଦିଆଯାଇଥିବା ସଙ୍କେତ ମାନି ଗାଡି ଚଲାଅ ।
ଇଙ୍ଗୁଲ - ହରାରେ ଏମାକାନ ଇଙ୍ଗୁଲକ ନେଲକେଏତେ/ ମାନାତିଙ୍ଗକେଏତେ ଗାଲିକ ହାରେପେ ।
ସଙ୍କୁଚିତ - ବୃଦ୍ଧର ଚର୍ମ ସଙ୍କୋଚିତ ହୋଇଥାଏ ।
ସୁକୁଲ - ବୁଲେଡାନରେ ଉଁରକ ସୁକୁଇନେ ।
ସଂଗୃହିତ - ଆମ ଶ୍ରେଣୀ ପୁରୁଣା ପାଠ ସଂଗୃହିତ ହେଲା ।
ହୁଣ୍ଡି - ଆଲେ ଶ୍ରେଣୀରିୟା ପାପାରି କିତେବକ ହୁଣ୍ଡିଲିଡାଲେ ।
ସଙ୍ଗୀତ ଦଳ - ମୁଁ ଗୋଟିଏ ସଙ୍ଗିତ ଦଳରେ ଗୀତ ଗାଏ ।
ଦୁରେଂ ଆକାଲା - ଆଞ୍ଜ ମିଡଅ ଦୁରେଂ ଆକାଲାରେ ଦୁରେଂ ।
ସଂରକ୍ଷଣ - ବାଳିକା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି ।
ରିକେ - କୁଇହନକ ଲାଗିଡ ଜାଗାଆ ରିକେକେନେ ।
ସାଧାରଣ - ଜନସାଧାରଣ ଭୋଟ ଦେଇ ସରକାର ଗଢନ୍ତି ।
ସାବିନକ - ସାବିନ ହୋକ ଭୋଟ ଏମକେଏତେ ସରକାରକ ବାଇଏ
ସାରଣୀ - ସହଜରେ ବୁଝିବା ପାଇଁ ସାରଣୀ ସାହାଯ୍ୟ କରେ ।
ଗାଲାଂସୁତେମ୍ - ଆଞ୍ଜ୍ତେ ସମଝାଅନଲାଗିଡ ଗାଲାଂ ସୁତେମ ଦେଙ୍ଗା ଏମେୟା
ସାକ୍ଷାତ୍ - ହଠାତ୍ ମୋ ବନ୍ଧୁଙ୍କ ସହିତ ମୋର ସାକ୍ଷାତ୍ ହେଲା ।
ବେପେଟା - ମିଡତରସା ଆଞ୍ଜା (ବାଲସାକା) ବେପେଟେ ଲିନାଲିଂ ।
ସାପ - ସାପୁଆ ମାନେ ସାପ ଖେଳାନ୍ତି ।
ବିଙ୍ଗ୍ - ବିଙ୍ଗଇନ୍ଲୁଂକ ବିଙ୍ଗକ ଇନୁଙ୍ଗେ ।
ସାନ ଚିହ୍ନ - ସାନ ସଂଖ୍ୟା ସୁଚାଇବା ପାଇଁ ସାନ ଚିହ୍ନ ଦିଆଯାଏ ।

ହୁଲିଂ ଚିହ୍ନେ - ହୁଲିଂ ସଂଖ୍ୟା ଉଦୁବନାତିଙ୍ଗ ହୁଲିଂ ଚିହ୍ନକ ଅମେୟା
ସାଙ୍ଗ - ମଟାଏ ମୋର ପିଲା ଦିନର ସାଙ୍ଗ ଅଟେ ।
କୁଲି/ଗାଡି - ମଟାଏ ଆଞ୍ଜା ହୁଲିଂ ସମାୟେରେନ କୁଲିଗାଡି ତାନା ।
ସାଗର - ଆମ ଦେଶକୁ ତିନି ଦିଗରୁ ସାଗର ଘେରି ରହିଛି ।
ଦରେୟା - ଆବୁ ଦିଶୁମକେ ଆପେକୁଟିୟେତେ ଦରେୟା କେସେଡ ତାଡା ।
ସାଥେ - ବଜାରରେ ମୁଁ ବାପାଙ୍କ ସାଥେ ସାଥେ ଯାଏ ।
ମିଶେ ମିଶେତେ - ହାଆଟରେ ଆଞ୍ଜ ଆପୁଲଅ ମିଶେ ମିଶେତେ ସେନୁଆଞ୍ଜ ।
ସାହସ - ଡବର ସାହାସ ଧରି ନଦୀରୁ ସୁଶିଲ କୁ ଉଦ୍ଧାର କଲା ।
ବୁରସାକାତେ - ଡବର ବୁରସାକାତେ ଗାଲାଏତେ ଶୁସିଲେକେ ବାଚାଅ କିଏ ।
ସାଜ ସଜା - ଭାଇଙ୍କ ବାହାଘର ବେଳେ ଆମେ ଘର ସାଜ ସଜା କଲୁ ।
ସାଜାଓ୍ୱ - ବାଉଇଞ୍ଜ୍ହ ଆନ୍ଦିରେ ଆଲେ ଓ୍ୱାଆ ସାଜାଅ ଲିଡାଲେ ।
ସାମୁହିକ - ପୋଖରୀ ସଫା ଏକ ସାମୁହିକ କାର୍ଯ୍ୟ ଅଟେ ।
ସାବିନକୁଆ - ବାଦ୍ଧା ସାଫା ସାବିନକୁଆ ପାଇଟିତେନା ।
ସାଉଁଳା - ମାଆଙ୍କର ସ୍ନେହ ଭରା ସାଉଁଳା ମୋତେ ଶାନ୍ତି ଦିଏ ।
ଗୁଲାଂ / ଦୁଲାଲ - ଏଙ୍ଗାଞ୍ଜଆ ଦୁଲାଲପୁୟୁର ଗୁଲାଂ ଆଞ୍ଜକେ ଶାନ୍ତି ଇମାଞ୍ଜେ ।
ସିଞ୍ଚିବା - କେହି ଅଚେତ୍ ହେଲେ ମୁହଁରେ ପାଣି ସିଞ୍ଚିବା ଉଚିତ୍ ।
ତିରପି - ଅକଯକ ଅଚେତ ଜାନରେ ମେଡମୁଟେରେ ଦା-ଆ ତିରପିତିୟା କାଜି ।
ସିଲିଣ୍ଡର - ଦୋକାନି ସିଲିଣ୍ଡରରେ ଗ୍ୟାସ୍ ବିକ୍ରି କରେ ।
ସିଲିଣ୍ଡର - ଦୋକାନି ସିଲିଣ୍ଡର ଗ୍ୟାସ ଆକାରିଙ୍ଗଏ ।
ସିମ୍ପାଞ୍ଜି - ଆଫ୍ରିକା ଜଙ୍ଗଲରେ ସିମ୍ପାଞ୍ଜି ମାନେ ରହନ୍ତି ।
ସିମ୍ପାଞ୍ଜି - ଆଫ୍ରିକାରିୟା ବୁରୁକରେ ସିମ୍ପାଜିକ ତାଇନେ ।
ସିଂହ - ସିହଂ ସବୁଠାରୁ ବଳବାନ ପଶୁ ।
ଜଟକୁଲେ - ଜଟକୁଲେ ସାବିନକୁୟେତେ ଏେୟାନ ଜାନ୍ୱାର ।
ସୀମା - ଆମ ଦେଶକୁ ସୀମା ସୁରକ୍ଷା ବାହିନୀ ଜଗନ୍ତି ।
ସିମେନ - ଆବୁ ଦିଶୁମ ସିମେନକେ ସିମେ ହର ପାଲଟନକ ହରେୟତାନା ।
ସୁସ୍ଥ - ଦୀର୍ଘ ଦିନ ପରେ ମୋର ଜେଜେ ସୁସ୍ଥ ହେଲେ ।
ବୁଗିନେୟା - ଇସୁ ଜିଲିଙ୍ଗ ଦିନ ତାୟମ ଆଞ୍ଜ୍ ତାତାଞ୍ଜ ବୁଗିନେୟା ନାନିକିନ ।
ସୁଯୋଗ - ଗତ ବର୍ଷ ମୁଁ ଚିଲିକା ଦେଖିବାର ସୁଯୋଗ ପାଇ ଥିଲି ।

ତା-ଆକ - ସେନେୟାନ ସିର୍ମେ ଆଞ୍ଜ ଚିଲିକା ନେଲରିୟା ତାଆକାଞ୍ଜ ନାମଲିଡା ।

ସୁନ୍ଦର - ଆମ ଗାଁ ପାହାଡ ଦୂରରୁ ସୁନ୍ଦର ଦିଶେ ।

ଇସୁବୁଗିନା/ଇଶୁବାଣିଏ - ଆଲେ ହାତୁ ବୁରୁ ସାନିଂୟେତେ ଇସୁ ବୁଗିନ ନେଲୁଆ ।

ସୁଫଳ - ଶ୍ରମ କଲେ ସୁଫଳ ମିଳେ ।

ବୁଗିନ ଜଅ - ପାଇଟିରେଦ ବୁଗିନ ଜଅ ବେଟାଓ୍ୱାଆ ।

ସୁସ୍ୱାଦ - ସପେଟା ଏକ ସୁସ୍ୱାଦ ଫଳ ଅଟେ ।

ଇସୁନଗଡ - ସପେଟା ମିଏଡ ବୁଗିନ ଜଅ ।

ସୁଆଦିଆ - ଅମୃତଭଣ୍ଡା ଏକ ସୁଆଦିଆ ଫଳ ଅଟେ ।

ନଗଡାନ - ବିନ୍ଦି ଜଅ ମିଏଡ ନଗଡାନ ଜଅତାନା ।

ସୂର୍ଯ୍ୟ - ସୂର୍ଯ୍ୟ ଉଇଁଲେ ଚାରି ଆଡେ ଆଲୋକିତ ହୁଏ ।

ସିଙ୍ଗି - ସିଙ୍ଗି ତୁରକେନରେ ସାବିନ ମୁଲି ମାର୍ଶାଲାନେଆ ।

ସୂର ଯନ୍ତ୍ର - ରେଡିଓ ଏକ ସୂର ଯନ୍ତ୍ର ଅଟେ ।

ଦୁରେଙ୍ଗଯନ୍ତ୍ର - ରେଡିଓ ମିଏଡ ଦୁରେଙ୍ଗ ଯନ୍ତର ।

ସୂଚକ - ଥର୍ମୋମିଟର ରେ ପାରଦ ସୂଚକ ଭଳି କାମ କରେ ।

ଉଦୁବ୍ - ଥର୍ମମିଟରରେ ପାରଦ ଉଦୁବଲେକା ପାଇଟିଏ ।

ସୂଚାଇବା - ବିଦ୍ୟାଳୟରେ ସମୟ ନିର୍ଘଣ୍ଟ ସୂଚାଇବା ଆବଶ୍ୟକ ।

ଉଦୁବ୍‌ତେୟା - ଇସ୍କୁଲରେସମଏ ନିର୍ଘଣ୍ଟ ଉଦୁବେତେୟା ଦରକାର ।

ସୂଚନା - ପ୍ରଧାନ ଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ସୂଚନା ଦେଲେ ।

ନୁଟିସ - ମାରାଂ ଗୁରୁ ପରୀକ୍ଷାରେୟା ନୁଟିସ ଏମାଡଲେୟା ।

ସୂତ୍ର - ବାପା କଳି ସମାଧାନର ସୂତ୍ର ବାହାର କଲେ ।

ହରା - ଆପୁଙ୍ଗ ଏପେରାଙ୍ଗବାଙ୍ଗାଅରେୟା ହରାଏ ନାମକେଡା ।

ସୂଚୀ - ନାବିକ କମ୍ପାସ୍ ସୂଚୀ ଚୁମ୍ବକ ଟିଏ ଥାଏ ।

ସୁଇ - ନାବିକ କମ୍ପାସରେ ସୁଇ ଚୁମ୍ବକ ତାଇନେ ।

ସେଠାରେ - ମୁଁ ଧାଇଁ ଯାଇ ଦେଖିଲି ସେଠାରେ କେହି ନ ଥିଲା ।

ହାନ୍ତାରେ - ଆଞ୍ଜ ନିରଇଡକିଡାଞ୍ଜ ହାନ୍ତାରେ ।କକାକ ତାଇକିନା ।

ସେବା - ବୃଦ୍ଧା ବାପା ମାଆଙ୍କୁ ପ୍ରତ୍ୟେକ ସନ୍ତାନ ସେବା କରିବା ଉଚିତ୍ ।

ସିବା - ବୁଲେ ଇଙ୍ଗା ଆପୁକେ ସାବିନ ହନକ ସେବାକତିୟା କାଜି ।

ସେପଟା - ଏପଟେ ରାସ୍ତା ବନ୍ଦ ସେପଟେ ଆସ ।

ହାନପା - ନେପାଆ ହରା କେସେଡଗିୟା ହାନପାତେ ଜୁକୁଉବେନ ।

| | | |
|---|---|---|
| ସେମାନେ | - | ସେମାନେ ଗୀତ ଗାଉଛନ୍ତି । |
| ଆକ | - | ଆକ ଦୂରେଂ ଡାନାକ । |
| ସେହିତ | - | ମିଲି ସେହିତ ଆମ ଶ୍ରେଣୀର ମନିଟର । |
| ଇନି ଗେତ | - | ମିଲି ଇନିଗେତ ଆଲେ ଶ୍ରଣୀରେନ ମନିଟର । |
| ସ୍ନେହ | - | ଆମେ ପିତା ମାତାଙ୍କର ସ୍ନେହ ଆଦର ପାଇ ବଢିଛୁ । |
| ଦୁଲାଲତେ | - | ଆବୁ ଏଙ୍ଗା ଆପୁଏ ଦୁଲେତେ ମ୍ୟାରାଙ୍ଗ୍ କାନାବୁ । |
| ସେଓ | - | ଆମ ଅଞ୍ଚଳରେ ସେଓ ଚାଷ ହୁଏ ନାହିଁ । |
| ସେଓ | - | ଆବୁ ପା ରେ ସେଓ ଚାଆଷ କାଃ ହବାନା । |
| ସେହି | - | ସେହି ଘରେ ମୋର ବନ୍ଧୁ ରହନ୍ତି । |
| ଏନ୍ | - | ଏନ ଓ୍ୱଆରେ ଆଞ୍ଜାଆ ଜୁଲି ତାଇନେ । |
| ସେହିପରି | - | ସେହିପରି କାମ କରିବା ଅନୁଚିତ୍ । |
| ଏନ୍ ଲେକାନ୍ | - | ଏନ୍ ଲେକାନ୍ ପାଇଟି କାଃ ପାଇଟିତିୟା କାଜି । |
| ସେନାପତି | - | ସେନାପତି ଯୁଦ୍ଧ ଚଳାନ୍ତି । |
| ସେନାପତି | - | ପଲଟନ ଗମକେ ଲାଲାଇ ଚିଲିକେ ହବାତିୟା ଜାଗାରିୟାକିନ । |
| ସଦନ | - | ବଡ ହେଲେ ମୁଁ ସେବା ସଦନଟିଏ ଖୋଲିବି । |
| ସଦନ | - | ମାରାଂଙ୍କାନରେ ଆଞ୍ଜ ସେବା ସଜନଞ୍ଚ ଖୁଲାଅୟା । |
| ସୈନ୍ୟ | - | ସୈନ୍ୟମାନେ ଯୁଦ୍ଧ କରନ୍ତି । |
| ପାଲଟନ୍ | - | ପାଲଟନକ ଲାଲାୟିଏକ । |
| ସୌରମଣ୍ଡଳ | - | ସୂର୍ଯ୍ୟ ଓ ନଅଟି ଗ୍ରହକୁ ନେଇ ସୌରମଣ୍ଡଳ ଗଠିତ । |
| ସିଙ୍ଗିଏଦେଶୁମ୍ | - | ସିଙ୍ଗି ଅଣ୍ଡ ନଅଟି ଇପିଲକ ଇଡିକାତେ ସୌରମଣ୍ଡଳ ବାୟେକାନେ । |
| ସ୍ୱପ୍ନ | - | ମୁଁ ଆଜି ଗୋଟିଏ ଭଲ ସ୍ୱପ୍ନ ଦେଖିଲି । |
| କୁମୁଁ | - | ତିସିଙ୍ଗ ଆଞ୍ଜ ମିଏଡ ବୁଗିନ କୁମୁ କୁମୁଲିଡା |
| ସ୍ୱଭାବ | - | ମଲ୍ଲୀକାର ସ୍ୱଭାବ ଅତି ସୁନ୍ଦର ଅଟେ । |
| ଚାଲଚଲନ୍ | - | ମଲ୍ଲୀକାଆ ଚାଲ୍‌ଚଲନ୍ ଏସୁବୁଗିନ ମେନାଃ । |
| ସ୍ୱଚ୍ଛ | - | ଗୋଳିଆ ପାଣୀ ବସି ଗଲେ ସ୍ୱଚ୍ଛ ଦେଖାଯାଏ । |
| ସାପା | - | ବଲା ଦାଆ ଦୁବଙ୍କାନରେ ସାପାଗା ନେଲୁଆ । |
| ସ୍ୱୟଂ ଚାଳିତ | - | ଏଟିଏମ୍ ସ୍ୱୟଂଚାଳିତ ଯନ୍ତ୍ର ଅଟେ । |
| ଆପାନତେ ସେସେନ୍ | - | ଏଟିଏମ ମେସିନ ଆପାନତେ ସେସେନା । |
| ସ୍ୱାଧୀନ | - | ଆମେ ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରୁ । |

| | | |
|---|---|---|
| ସ୍ୱାଧୀନ | - | ଆଲେ ସ୍ୱାଧୀନଲେକା ତେବୁ ପାଇଟି ଦାୟେଃ । |
| ସ୍ୱାସ୍ଥ୍ୟସେବା | - | ସରକାର ସ୍ୱସ୍ଥ୍ୟସେବା ଯୋଗାଇ ଦିଅନ୍ତି । |
| ହ୍ମଅସିବା | - | ସରକାର ହମରେଆ ହାସୁଦୁକୁ ସିବା ଏମେୟା । |
| ସ୍ୱାର୍ଥ | - | ଆଜିକାଲି ସମସ୍ତେ ସ୍ୱାର୍ଥ ଚେଷ୍ଟା କରୁଛନ୍ତି । |
| ଆପନାର ଭଲୁଭ | - | ନାଆ ବାରସିଂ ଆପନାରଗେକ ଉଲୁଉତେନେ । |
| ସ୍ୱାସ୍ଥ୍ୟକେନ୍ଦ୍ର | - | ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । |
| ସ୍ୱାସ୍ଥ୍ୟକେନ୍ଦ୍ର | - | ସାବିନ ପଞ୍ଚୟତରେ ସ୍ୱାସ୍ତ୍ୟ କେନ୍ଦ୍ର ମିନାଆ । |
| ସ୍ଥଳୀ | - | ଜଙ୍ଗଲ ଜୀବଜନ୍ତୁ ମାନଙ୍କ ବାସସ୍ଥଳୀ ଅଟେ । |
| ଆସ୍ଥାନ | - | ବିର ବିରଜାନୁଆର କୁଆ ଆସ୍ଥାନ ତାନା । |
| ସ୍ଥିର | - | ସମସ୍ତେ ଏକଯୁଟ ହେବାକୁ ସ୍ଥିର କରାଯାଇଛି । |
| ଗୋଟାକେଡାକ | - | ସାବିନକ ମିଏଡେନ ଲାଗିଡ ଗଟାକେଡାକ । |
| ସ୍ଥାନ | - | ଗାଁର ସବୁ ସ୍ଥାନ ସଫାସୁତୁରା ରଖାଯାଉ । |
| ଝାୟେଗା/ଜାଗା | - | ହାତୁରିୟା ସାବିନ ଝାୟେଗା/ଜାଗା ସାପା ସୁତରେ ତାଇନକା |
| ସ୍ଥାନୀୟମାନ | - | ପ୍ରତି ଅଙ୍କର ସ୍ଥାନୀୟମାନ ରହିଛି । |
| ଜାଗା ଗନଂ | - | ସବିନ ଅଂକ ରେୟା ଜାଗାଗନ ମେନାଃ । |
| ସ୍ଥାପନ | - | ଆମ ଗ୍ରାମରେ ଡାକଘର ସ୍ଥାପନ କରାଗଲା । |
| ହୁବ୍ | - | ଆଲେ ହାତୁରେ ଡକ ଓ୍ୱାଆ ହୁବେୟାନା । |
| ସ୍ଥଳଭାଗ | - | ଅମେ ସ୍ଥଳଭାଗରେ ବାସ କରୁ । |
| ହାସାକୁଟି | - | ଆବୁ ହାସାକୁଟିରେ ତାୟିନ ତେନେବୁ । |
| ସ୍ଥାବର | - | ଆମର ସ୍ଥାବର ସମ୍ପତ୍ତି କିଛି ନାହିଁ । |
| ଆତେହାସା | - | ଆଲେୟ ଯାଆନ୍ (ମିଏଡ ସାନ୍ତେ) ଅତେହାସା ବାନୁଆ । |
| ସ୍ପର୍ଶ | - | ଆଜିକାଲି ସ୍ପର୍ଶ ଦ୍ୱାରା ଚିକିତ୍ସା କରାଯାଉଛି । |
| କ୍ଟିଡ | - | ନାଆ ବାରସିଂ କୁଟିଡ କେଏତେ ହାସୁଦୁକୁ ବୁଗିନକତାନାକ । |
| ସ୍ପୃହା | - | ପଦଯାତ୍ର କରିବାରେ ମୋର ସ୍ପୃହା ନାହିଁ । |
| ସାନାଂ | - | ପୟେଦାଲ ସେନରେ ଆଞ୍ଚା ସାନାଂ ବାନୁଆ । |
| ସ୍ପଷ୍ଟ | - | ବହିର ଛବି ଗୁଡିକ ସ୍ପଷ୍ଟ ଦେଖାଯାଉଛି । |
| ସାପା | - | କିତେବ ରେୟା ଛବିକ ସାଫାଗେ (ବୁଗନେଗ) ନେଲଅତାନା । |
| ସ୍ପର୍ଶକ | - | ପ୍ରତି କୋଣରେ ଏକାଧିକ ସ୍ପର୍ଶକ ଥାଏ । |
| କୁଗୁଟିଡ | - | ସବେନ କନାରେ ପୁରେଏଗେ କୁପୁଚିଡ ତାଇନେ । |
| ସ୍ଫୁଲିଙ୍ଗ | - | ପଥରେ ଲୁହା ବାଜିଲେ ଅଗ୍ନି ସ୍ଫୁଲିଙ୍ଗ ବାହାରେ । |

| | | |
|---|---|---|
| ପିଲିଇ | - | ଦିରିରେ ମେଏଡ଼୍ ଟପଅଜାନରେ ପିଲିଇ କେନୁଆ |
| ସ୍ଖଳନ | - | ବର୍ଷା ଦିନେ ପର୍ବତରେ ପଥର ସ୍ଖଳନ ହୁଏ । |
| ହାନ୍ଦିଇ | - | ଗାମାଦିନ ବୁରୁୟେତେ ଦିରିକହାନ୍ଦିଇନା । |
| ସ୍କୁଲ | - | ସ୍କୁଲ ଏକ ପବିତ୍ର ସ୍ଥାନ ଅଟେ । |
| ଇସ୍କୁଲ | - | ଇସ୍କୁଲ ନିଏତ ବୁଗିନ ଆସ୍ଥାନ ତାନା । |
| ସ୍ତ୍ରୀ ଲୋକ | - | ଜଣେ ସ୍ତ୍ରୀଲୋକର ମଜୁରୀ ପୁରୁଷ ସହିତ ସମାନ । |
| କୁଇହନ/ଏରାହନ | - | କୁଇହନ/ଏରାହନକଆ ମଜୁରୀକଆ ହନକୁଆ ମହୁରିଲଅ ସମାନ |
| ସ୍ତମ୍ଭ | - | ପୋଡ ପୂଜାବେଳେ ସ୍ତମ୍ଭଟିଏ ପୋତା ଯାଏ । |
| ଖୁଣ୍ଟେ | - | କେଲା ଉରିଇ ବଙ୍ଗା ଇମିତେଙ୍ଗ କୁଣ୍ଟେକ ବିତଲେୟା |
| ସ୍ନାନ | - | ସକାଳୁ ସ୍ନାନ ଦେହକୁ ହିତ । |
| ଓଳା | - | ସେତେଆ/ସିତେଆ ଓଳା ହମଅଲାଗିଡ ଇସୁ ବୁଗିନେ । |
| ସ୍କେଲ | - | ସ୍କେଲ ସାହାଯ୍ୟରେ ଗାର କାଟି ମପା ଯାଏ । |
| ସ୍କେଲ | - | ସ୍କେଲତେ ଗାରକ ଅନଲକେତେ ଯୋକାୟାକ |
| ଷଣ୍ଢ | - | ବଜାରରେ ଷଣ୍ଢଟିଏ ଉତ୍ପାତ କରୁଛି । |
| ଷଣ୍ଢ | - | ହାଆଟରେ ଷଣ୍ଡ ଉତ୍ପ୍ରାତ ତାନାଏ । |

(ଶ)

| | | |
|---|---|---|
| ଶବ୍ଦ | - | ରାତିରେ ଶବ୍ଦ ଅଧିକ ଦୂରକୁ ଯାଇପାରେ । |
| ଶାଲି | - | ନିଦେ ଶାଲି ଇସୁ ସାନିଂ ସନ୍ତେ ସେନଅଦାୟିୟୋ/ ଅୟୁମୁଆ |
| ଶସ୍ୟ | - | ଶସ୍ୟ ଅମଳ ବେଳେ ଗାଁ ମୁଖରିତ ହୋଇଥାଏ । |
| ଖ୍ୱିତି | - | ଖ୍ୱିତି ହବାନ୍ ଇମିତେ ହାତୁ ରେଁଏଁ ଆଦାଓ୍ୱା । |
| ଶର୍ଦ୍ଦି | - | ରାଧାଏକୁ ଗତ କାଲିଠାରୁ ଶର୍ଦ୍ଦି ଜ୍ୱର ଧରିଛି । |
| ମନ୍ଦା | - | ରାଦାଏକେ ହଲାତାୟେତେ ମନ୍ଦାହାସୁ ନାମତାୟିଏ । |
| ଶକ୍ତି | - | ଭାତ, ରୋଟି ଇତ୍ୟାଦିରୁ ଆମକୁ ଶକ୍ତି ମିଳେ । |
| ପେଏ | - | ମାଣ୍ଡି, ରୁଟି ଉମାନାୟେତେ ଆବୁ ପେଏ ନାମେୟା । |
| ଶର | - | ଆଗ କାଳରେ ଧନୁ ଧରି ଯୁଦ୍ଧ କରୁଥିଲେ । |
| ଶାର୍ | - | ସିଦେମ୍ନୁ ଆ-ଆ ଶାରତେ ଲାଲାର ତୁୟିଙ୍ଗନାକ । |
| ଶଶୀ | - | ଶରତ ଶଶୀ ନିର୍ମଳ ଦେଖାଯାଏ । |
| ଚାଣ୍ଡୁଉ | - | ଶରତ ଚାଣ୍ଡୁଉ କୁଟିମୁଲି (ସାବିନପା) ପାରଚିଗେ ନେଲେନା |
| ଶଙ୍ଖା | - | ଶଙ୍ଖାରୀ ଶଙ୍ଖା ସଜାଇ ରଖିଛି । |
| ଶାକମ୍ | - | ଶାକମ୍ ଆକାରିଙ୍ଗନିଇ ଶାକମକ୍ ସାଜଓ୍ୱତାତାଏ । |

| | | |
|---|---|---|
| ଶରୀର | - | ସୁସ୍ଥ ଶରୀର ସୁସ୍ଥ ମନ । |
| ହମଅ | - | ବୁଗିନ ହମଅ ବୁଗିନ ମନ । |
| ଶରଣ | - | ଗରୀବ ଲୋକ ଧନୀଠାରୁ ଶରଣ ନିଅନ୍ତି । |
| ଓ୍ୱାଆ | - | ଗରୀବ ଲୋକ ନାୟିକି ଓ୍ୱାଆରେ ତାୟିନେକ । |
| ଶରଧା | - | ମହାତ୍ମାଗାନ୍ଧିଙ୍କୁ ଆମେ ଶରଧାରେ ବାପୁ ଡାକୁ ଥିଲେ । |
| ମାନ୍ ତାନ୍ | - | ମହାତ୍ମାଗାନ୍ଧିକେ ମାନତାନଲିକାତେ ଆପୁଙ୍କ ମେନ୍ତେକ କେୟାଇତାଇକେନା |
| ଶ୍ରବଣ | - | ଶ୍ରବଣ ଭିନ୍ନକ୍ଷମମାନଙ୍କୁ ଶ୍ରବଣ ଯନ୍ତ୍ର ଦିଆଗଲା । |
| ଆୟୁମ୍ | - | କାଃ ଆୟୁମଜ ଲାଗିଡ଼ ଆୟମ ମେସିନଏ ମେୟାନାକ । |
| ସାସ୍ତ୍ର | - | ଜଣେ ସୈନ୍ୟ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ଥାଏ । |
| ଶାରକାପି | - | ପାଲଟନ ସାରକାପିତେ ସାଜଓ୍ୱା କାନୁଏ । |
| ଶଙ୍ଖି | - | ଆମର ଗୋଟିଏ ଶଙ୍ଖି ବିଲେଇ ଅଛି । |
| ତାରାଲ | - | ଆଲେୟା ମିଏଡ଼ ତାରାଲଲିକାନ ବିଲେଇ ମିନାଇ । |
| ଶତକ | - | ଶହେରେ ଏକ ଶତକ ସ୍ଥାନରେ ଥାଏ । |
| ଶତକ | - | ଶହେରେ ଏକ ଶତକ ଜାଗାରେ ସେନାଃ |
| ଶାନ୍ତି | - | ଆଜିକାଲି ସମସ୍ତଙ୍କୁ ଶାନ୍ତି ଆବଶ୍ୟକ ହେଉଛି । |
| | - | ନାଆବାରସିଂ ସାବିକ ଶାନ୍ତି ଦରକାରତାନା । |
| ଶାଳ | - | ଆମ ଗାଁ ପାହାଡ଼ରେ ବଡ଼ ବଡ ଶାଳ ଅଛି । |
| ଶାରଜମ | - | ଆଲେ ହାତୁ ବୁରୁରେ ମାରାଂ ମାରାଂ ଶାରଜମ ଦାରୁକ ମିନାଆ । |
| ଶାସ୍ତି | - | ପିଲାମାନଙ୍କୁ ଶାସ୍ତି ଦେବା ଉଚିତ୍ । |
| ଦବନ୍ | - | ହନକ କା-ଦବନକତିଆ କାଜି । |
| ଶାସନ | - | ନିର୍ବାଚିତ ସରକାର ଦେଶ ଶାସନ କରନ୍ତି । |
| ଶାସନ | - | ଭୋଟରେ ଦାୟିକେନକ ଦିଶୁମକ ଶାସନେୟା । |
| ଶାସକ | - | ଆମ ଦେଶରେ ଅନେକ ଉତ୍ତମ ଶାସକ ଅଛନ୍ତି । |
| ରାଇଜିତେନ୍ | - | ଆବୁ ଦିଶୁମରେ ଚିମିନେଂ ଇସୁ ବୁଗିନ ରାଇକେତେନକ ମିନାଆକୁଆ |
| ଶାଗୁଆ | - | ଶୁଆ ଦେହର ରଙ୍ଗ ଶାଗୁଆ ଅଟେ । |
| ଗୁରୁଞ୍ଜ | - | କେରେୟାଡ ହମଅ ଗୁରୁଞ୍ଜ ଗିୟା । |
| ଶାଗୁଣା | - | ଆଜିକାଲି ଶାଗୁଣାମାନେ ଲୋପ ପାଇଗଲେ । |
| ଦିଦି | - | ନାଆବାର ସିଂ ଦିଦିକ ମୁଚେଡ଼ ଜାନାକ । |
| ଶିଖିଲେ | - | ଆମ ସ୍କୁଲର ଝିଅମାନେ ନାଚଗୀତ ଶିଖିଲେ । |
| ଏତନ୍‌ରେ | - | ଆଲେ ସ୍କୁଲରେନ୍ କୁଇହନ୍‌କ ଶୁଶୁନ ଦୁରେଙ୍ଗ ଏତୟାନାକ । |

ଶିଶିର - ଶୀତ ଋତୁରେ ଶିଶିର ପଡ଼େ ।

ଶିଶିର୍ - ରାବାଙ୍ଗ୍‌ଦିନ୍ ପୁରେଏ ଶିଶିର ନୁରେନା ।

ଶିଶୁ - ଶିଶୁ ଅଧିକ ଯତ୍ନ ଆବଶ୍ୟକ କରେ ।

ବାଲେହନ - ବାଲେ ହନ ଇସୁପୁରେ ସେବା ନାମା ।

ଶିଳ - ଶିଳରେ ହଳଦୀ ବଟାଯାଏ ।

ଦିରି - ଶାସାଙ୍କ ରିଡ଼୍ ଦିରିରେ ଶାସାଂ କ ରିଡ଼େୟା ।

ଶିମ୍ୱଲଟା - ଶିମ୍ୱଲଟା ଗାଈରେ ମାଡ଼ି ଯାଇଛି ।

ମାନାଲ ନାଇ - ମାନାଲ ନାଇ ରାଙ୍ଗାରେ ନାଇନେ ।

ଶିଆଳି - ଶିଆଳି ପତ୍ରରେ ଖଲି ତିଆରି ହୁଏ ।

ଗୁଉମ୍ - ଗୁଉମ୍ ଶାକାମରେ ଚିଟିକି ବାୟିନେ ।

ଶୀତ - ପ୍ରବଳ ଶୀତରେ କିଛି ଲୋକ ମରିଯାଆନ୍ତି ।

ରାବାଙ୍ଗ - ପୁରେ / ଯୋର ରାବାଙ୍ଗରେ ତାରା ହୋକ ଗଜଓ୍ୱାକ ।

ଶିକାରୀ - ଶିକାରୀ ଫାଶ ବସାଇ ପକ୍ଷୀ ଧରେ ।

ସାଙ୍ଗାର୍‌ନିଇ - ସାଙ୍ଗାର ନିଇ ପାସେ କେଏତେ/ ପାସେ ଆଲାଅ କେଏତେ ଆୟୋ ଚେଣେକ ସାବା ।

ଶୀଘ୍ର - ଆଜି ମୁଁ ଶୀଘ୍ର ଘରକୁ ଫେରିଲି ।

ଆଞ୍ଜା - ତିସିଙ୍ଗ ଆଞ୍ଜା ଆଞ୍ଜାଗେ ଓ୍ୱାଆତେ ଗୁୟେଲିନାଞ୍ଜ ।

ଶୀର୍ଷ - ପର୍ବତ ଶୀର୍ଷଭାଗ ସମତଳ ।

ଚେତାନ/ଚିତାନ୍ - ବୁରୁ ରିଆ ଚିତାନ ସୁମାନଗେ ତାଇନେ ।

ଶୁଭ୍ର - ଖରାଦିନେ ଶୁଭ୍ର ପୋଷାକ ଆରାମଦାୟାକ ।

ପୁଣ୍ଡି - ଜେଟେ ଶିଙ୍ଗି ପୁଣ୍ଡି ଲିଜେ ଏରେ ବୁଗି ଆଦାଓ୍ୱା ।

ଶୁଣ୍ଢ - ହାତୀ ଶୁଣ୍ଢରେ ଡ଼ାଳ ଭାଙ୍ଗେ ।

ଶଅଣ୍ଡା - ହାତୀ ଶଅଣ୍ଡତେ କତଲ ପେଲେୟା ।

ଶୁଷ୍କ - ଶୁଷ୍କ ଭୂମିରେ ଗଛ ଉଠିବା କଷ୍ଟ ।

ର-ଅ - ର-ଅ ଅିତେରେ କା' ସାଗେନିନା ।

ଶୁଖିବ - ପ୍ରଚଣ୍ଡ ଖରାରେ ପୋଖରୀ ଶୁଖିବା ଆରମ୍ଭ କରେ ।

ରଅଆ - ଆକାଲ ଜେଟେରେ ବାନ୍ଦାକ ରଅନ ।

ଶୁଭ - ଶୁଭ ଖବରଟିଏ ଶୁଣି ମୁଁ ଖୁସି ହେଲି ।

ବୁଗିନା/ସାଗୁନ - ବୁଗୁନା/ସାଗୁନ ଖବର ଆୟୁମ କେଡ଼ତେ ରାଂସା ଜାନାଞ୍ଜି ।

ଶୁଖିଲା - ଲୋକେ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରନ୍ତି ।

ର-ଅ - ହ'କ ବୁରୁୟେତେ ର-ଅ ସାଆକ୍ ଆଗୁୟେକ ।

ଶୁଣିବା - ଗୁରୁଜନଙ୍କ କଥା ଶୁଣିବା ଉତ୍ତମ ଅଟେ ।

ଆୟୁମ୍ - ମାରାଂ ହୋ କୁଆ କାଜିକାଗାର ଆୟୁତ ବୁଗିନେ ।

ଶୁଙ୍ଘିବା - ଫୁଲକୁ ପାଖରୁ ଶୁଙ୍ଘିବା ଅନୁଚିତ ।

ଶୁଆନ୍ - ବା-ଆ କେ ଜାପାୟେତେ କା-ଶୁଆନେତେ କାଜି ।

ଶୂନ - ଶୂନର ମୂଲ୍ୟ କିଛି ନାହିଁ ।

ଶୂନ - ଶୂନରିୟା ଗନଂ ବାନଅ ।

ଶୃତଲିଖନ - ପ୍ରତିଦିନ ଶୃତଲିଖନ ଅଭ୍ୟାସ କର ।

ଆୟୁମଅନଲ - ସାବିନଦିନ ଆୟୁମ ଅନଲ ସେବେପେ ।

ଶୃଙ୍ଖଳା - ପ୍ରତି କାର୍ଯ୍ୟରେ ଶୃଙ୍ଖଳା ରହିବା ଆବଶ୍ୟକ ।

ନିୟେମ - ସାବେନ୍ ପାଇଟିରେ ନିୟେମ ହବାନ ଦରକାର ।

ଶୃଗାଳ - ଶୃଗାଳ ବଡ଼ ଚତୁର ଅଟେ ।

ତୁୟୁ - ତୁୟୁ ଇସୁ ଚୁତୁର ଗିୟା ।

ଶେଷ - ପରୀକ୍ଷା ଶେଷ ହେଲେ ମୁଁ ମାମୁଁ ଘର ଯିବି ।

ଚାବାକାନରେ - ପରୀକ୍ଷା ଚାବାକାନରେ ମାମୁଁ ଓ୍ୱାଙ୍ ସେନୁଆ ।

ଶେଉଳ - ଶେଉଳ ମାଛ ଭାରି ସୁଆଦିଆ ।

ଶୁଲି ହାଇ - ଶୁଲି ହାଇ ଇସୁ ନଗଡାନଗିୟା ।

ଶ୍ରେଣୀ - ମୁଁ ତୃତୀୟ ଶ୍ରେଣୀରେ ପଢେଁ ।

ଶ୍ରେଣୀ - ଆଞ୍ଜ୍ ତୃତୀୟ ଶ୍ରେଣୀରେ ପାଲାଞ୍ଜ ।

ଶୋଇବା - ବେଶୀ ଶୋଇବା ଦେହ ପ୍ରତି କ୍ଷତିକାରକ ।

ଗିତିଇ - ପୁରେଏ ଗିତିଇ ହମଅ ଲାଗିଡ଼ କାଃ ବୁଗିନ ।

ଶୋଷ - ଖରାଦିନେ ବାରମ୍ବାର ଶୋଷ ଲାଗେ ।

ତେତାଙ୍ଗ - ଜେଟେ ସିଙ୍ଗି ନେଏ କତେ ତେତାଙ୍ଗା ।

ହତା - ବିଦ୍ୟାଳୟ ହତା ପରିଷ୍କାର ରଖ ।

ରାଚା - ଇସ୍କୁଲରିୟା ରାଚା ପାରଚିଗେ ଯୋଗାୟଗେ ରିକେକୟପେ ।

ହସି - ତା କଥା ଶୁଣି ମାଶୁରି ହସି ଦେଲା ।

ଲାନ୍ଦା - ଆୟା କାଗାର ଆୟୁକେଏତେ ମାଶୁରି ଲାନ୍ଦା କିଡ଼ାୟା ।

ହଣ୍ଡା - ପିତଳ ହଣ୍ଡାରେ ମାଂସ ଭଲ ଶିଝେ ।

ହାଣ୍ଡା - ପିତେଲ ହାଣ୍ଡାରେ ଜିଲୁ ବୁଗିତେ ଇସିନେନା ।

ହସ୍ତି - ହସ୍ତି ଦାନ୍ତ ବାହାରକୁ ଦିଶେ ।

ହାତି - ହାତି ଦାଟା ବାହାରତେ ନେଲ୍ଲୁଆ ।

ହଂସ - ହଂସ ଉଭୟଚର ପକ୍ଷୀ ଅଟେ ।

କଡ଼ - କଡ଼ ଦାଆ ଅଣ୍ଡଃ ଢିପେରେ ଆଡିଙ୍ଗ ଟେଣେ/ଅୟେ ତାନା ।

ହଟାଇ - ରବି ଲୋକଙ୍କୁ ହଟାଇ ଆଗକୁ ଦଉଡ଼ି ଗଲା ।

ଆତମଲେଏତେ - ରବି ହୋକ ଆତମକେଏତେ ଆୟାରତେ ନିରକିଡ଼ା

ହଳଦୀ - କନ୍ଧମାଳ ହଳଦୀ ବିଶ୍ୱ ପ୍ରସିଦ୍ଧ ।

ସାସାଙ୍ଗ - କନ୍ଧମାଲ ରିୟା ସାସାଙ୍ଗ ଦିଶୁମ ଗୋଟାରେ ନୁତୁମେନେ ।

ହରିଣ - ଆମ ଜଙ୍ଗଲରୁ ହରିଣ ବଂଶ ଲୋପ ପାଇଛି ।

ସିଲିବକ - ଆଲେ ବୁରୁୟେତେ ସିଲିବ ବଂଶକ ମୁଚେଡ଼ୟାନାକ ।

ହଲାଇ - ପିରୁ ଡ଼ାଳ ହଲାଇ ଆମ୍ବ ଝଡାଇଲା ।

ରୁକୁ - ପିରୁ କତ ରୁକୁକେଏତେ ଉଲି ନୁରା/ଇୟୁକିଡା ।

ହଜମ - ବୃଦ୍ଧ ହେଲେ ହଜମ ଶକ୍ତି କମିଯାଏ ।

ହଜମ - ବୁଲେ ଜାନରେ ହଜମ ପେଏ କମେନା ।

ହରଣ - କ୍ରମିକ ବିୟୋଗକୁ ହରଣ କୁହାଯାଏ ।

ଭାଗାଆ - ଲାଗାତାର କାଟାଅ କେ  ଭାଆଗାକ ମିତାଆ ।

ହଳଦିଆ - ଜହ୍ନି ଫୁଲର ରଙ୍ଗ୍ ହଳଦିଆ ।

ସାସାଙ୍ଗ - ଜିନି ବାଆ ସାସାଙ୍ଗ ଗିୟା ।

ହସିଖେଳି - ଆମ ପିଲାଦିନ ହସି ଖେଳି ଚାଲିଗଲା ।

ଲାନ୍ଦାଇନୁଙ୍ଗ - ଆବୁଏ ହୁଲିଂ ସୁମାୟ ଲାନ୍ଦାଇନୁଙ୍ଗରେ ସେନୟାନା ।

ହସି ହସି - ଦେଶ ପାଇଁ ଆମେ ହସି ହସି ଜୀବନ ଦେବା ।

ଲାନ୍ଦାଲାଲାତେ - ଦେଶୁମ ଲାଗିତ୍ ଲାଦା ଲାଦାତେ ଜୀବନବୁ ଏମେୟା ।

ହତ୍ୟା କରିବା - ନର ହତ୍ୟା କରିବା ମାହାପାପ ଅଟେ ।

ଗୟେ - ହ ଗୟେ ଇସୁମାରାଂ ପାଆପ ତାନା ।

ହଳଦୀବସନ୍ତ - ହଳଦୀବସନ୍ତ ଏକ ସୁନ୍ଦର ଚଢେଇ ଅଟେ ।

ବଟଅ ଅୟେ - ବଟଅ ଅୟେ ମିଏଡ଼ ବୁଗିନ୍ ନେଲଅ ଅୟେ ।

ହାତ - ହାତରେ ଆମେ ଅନେକ କାର୍ଯ୍ୟ କରୁ ।

ତିଇ - ତିଇତେ ଆବୁ ଇସୁଲାକି ପାଇଟିବୁ ପାଇଟିୟେ ।

ହାଟ - ଆମ ଗାଁରେ ଶନିବାର ହାଟ ବସେ ।

ହାଆଟ - ଆଲେ ହାତୁରେ ଶୁନିବେର ଉଲେଦ ହାଆଟନା ।

ହାଣ୍ଡି - ଆଜିକାଲି ମାଟି ହାଣ୍ଡି ଆଉ ଚାଲୁ ନାହିଁ ।

ଚାଟୁ - ନାଆବାରସିଂ ହାସା ଚାଟୁ କାହା ଚାଲୁଉତାନା ।

| | | |
|---|---|---|
| ହାର | - | ମୋତି ହାର ଦେହକୁ ସୁନ୍ଦର ଲାଗେ । |
| ହିସ୍ଥିର | - | ମୋତିରିୟା ହିସିର ହମଅକେ ବୁଗିନ ନେଲା । |
| ହାରମୋନିୟମ | - | ମୁଁ ହାରମୋନିୟମ ବଜାଇ ଶୁଣୁଛି । |
| ହାରମୁନି | - | ଆଞ୍ ହାରମୁନି ଶାଲିଲେଏତେ ଆୟୁମେ ତାନାଞ୍ଜ । |
| ହାତୀ | - | ଆଜିକାଲି ହାତୀମାନେ ଗାଁ ଗଣ୍ଡାକୁ ପଶି ଆସୁଛନ୍ତି । |
| ହାତୀ | - | ନାଆବାରସିଂ ହାତୀକ ହାତକୁ ତେକବଲତାନା । |
| ହାୱା | - | ଖରାଦିନରେ ଗରମ ହାୱା ସମ୍ଭାଳି ହୁଏ ନାହିଁ । |
| ହୟ | - | ଜେଟେ ସିଙ୍ଗି ଲଲ ହୟ କାଃ ସାଆତିଙ୍ଗୁଆ । |
| ହାଲିୟା | - | ପାହାଡ ଚଢ଼ିଲେ ହାଲିୟା ଲାଗେ । |
| ଲାମା | - | ବୁରୁ ରାକାବରେ ଲାଗା ଆଦାୱା |
| ହାଲୁକା | - | ଶିମିଳି ତୂଳା ଖୁବ ହାଲୁକା । |
| ଲାବାଇ | - | ଶିମିଳି ଦାରୁ ରିୟା କାଶସମ ଇସୁଲାବାରା । |
| ହାଜର | - | ବାପା ଡାକିଲେ ଆଞ୍ଜ ତୁରନ୍ତ ହାଜର ହୁଏ । |
| ହାଜିର୍ | - | ବାବ ଆପୁଙ୍ଗ କେୟା କେରେ ଆଞ୍ ସଂଗେଞ୍ଜ ହାଜିର ତେବେନା । |
| ହାରିବା | - | ହାରିବା ଦ୍ୱାରା ଜିତିବାର ଇଚ୍ଛାଜାତ ହୁଏ । |
| ହାରାଅ | - | ହାରାଅ ଜାନରେ ଦାୟିତିଆ ଲାଗିଡ଼ ସାନାଂଶ ଅଣ୍ଡଙ୍ଗା । |
| ହାହାକାର | - | ବାପାଙ୍କ ମୃତ୍ୟୁରେ ଆମେ ହାହାକାର କଲୁ । |
| ରାଆରେଗେତଇନେ | - | ଆପୁଞ୍ଜ ଗଏଂ ଜାନରେ ଆଲେ ରାଆଃ ରେଗେଲେ ତାଇଜାନା । |
| ହାଇକୋର୍ଟ | - | ହାଇକୋର୍ଟ ରାଜ୍ୟର ସର୍ବୋଚ ବିଚାରାଳୟ ଅଟେ । |
| ହାଇକୋଟ | - | ହାଇକୋଟ ରାଇଜ ରିୟା ମାରାଂ ଅଦାଲତ ତାନା । |
| ହିମ | - | ଶୀତ ଦିନେ କାଶ୍ମୀରରେ ହିମପାତ ହୁଏ । |
| ରାତାଙ୍ଗ | - | ରାବାଙ୍ଗ ଦିନ କାଶ୍ମୀରରେ ରାତାଙ୍ଗ ନୁରେନା । |
| ହିସାବ | - | ସାହୁକାରମାନେ କିଣା ବିକାର ହିବାସ କରନ୍ତି । |
| ହିସେବ | - | ସାହୁକାରମାନେ କିରିଙ୍ଗ ଆକାରିଙ୍ଗରିୟା ହିସେବ ରିକେୟାକ । |
| ହିଂସ୍ରଜନ୍ତୁ | - | ଜଙ୍ଗଲରେ ଅନେକ ହିଂସ୍ରଜନ୍ତୁ ଥାଆନ୍ତି । |
| ବରଆନ | - | ବୁରୁରେ ଚିମିନ ଚିମିନ ବରଆନ୍ ଜନ୍ତୁକ ତାଇତେନେକ । |
| ହେଜ | - | ତୁମେ ବଡ଼ ହେଲେ ପିତାମାତାଙ୍କର ସ୍ନେହ ହେଜ କର । |
| ଭଲୁଭ | - | ଆପେ ମାରାଂ ଜାନରେ ଇଙ୍ଗା ଆପୁଏ ଦୁଲାର ଭଲୁଭ ବିଟାୟାପେ । |
| ହେବ | - | ଏ ବର୍ଷ ଭଲ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି । |
| ହୁବାନା | - | ନେଏ ସିର୍ମେ ବୁଗିନଗେ ଗାମାୟାମେନ୍ତେ ଜାଗାରତାଡ଼ାକ । |

ହେବାଭଳି - ଆଜି ବର୍ଷା ହେବାଭଳି ଦିଶୁଛି ।

ହୁବାନ ଲିକା - ଡିସିଙ୍ଗ ଗାମାୟେଲିକା ନେଳଅ ତାନା ।

ହେଟା - ହେଟା ମଲା ଜୀବ ଜନ୍ତୁଙ୍କ ହାଡ଼ ବୋହି ନିଏ ।

ଟେୟଁଅଁ - ଟେୟଁଅଁ ଗୟାକାନ୍ ଜାନଓ୍ୱାର କୁଆ ଜାଙ୍ଗ୍‌କ ଗଅୟା ।

ହୃତପିଣ୍ଡ - ହୃତପିଣ୍ଡ ଶରୀରକୁ ଶୁଦ୍ଧ ରକ୍ତ ବିତରଣ କରେ ।

ହୃତପିଣ୍ଡ - ହୃତପିଣ୍ଡ ହମଅତେ ସାପା ମାୟମ୍ କୁଲିୟା ।

(କ୍ଷ)

କ୍ଷତି - ବେଳେବେଳେ ବର୍ଷା ଅଭାବରୁ ଫସଲ କ୍ଷତିହୁଏ ।

ନୁସ୍କାନ / ରିଙ୍ଗେ - ମିସେ ମିସେ ଗାମା କା ହବାନରେ ବାବା ବିଗି .କ ନସ୍କାନ / ରିଙ୍ଗେ ହବାନା ।

କ୍ଷୀର - ମାଆ କ୍ଷୀର ଶିଶୁ ପାଇଁ ଅମୃତ ଅଟେ ।

ଡୁଆ - ମାଆ ଡୁଆ ହନଲାଗିଡ଼ ଅମରୁତ ଲିକା ।

କ୍ଷୁଦ୍ରତମ - ଏକ ସବୁଠାରୁ କ୍ଷୁଦ୍ରତମ ସଂଖ୍ୟା ଅଟେ ।

ସାବିକୁଆୟେତେ ହୁଲିଂ - ଏକ ସାବିନ କୁଆ ୟେତେ ହୁଲିଂ ସଂଖ୍ୟା ତାନା ।

କ୍ଷେତ୍ର - କନ୍ଧମାଳ କୃଷି ନିମନ୍ତେ ଉତ୍ତମ କ୍ଷେତ୍ର ନୁହେଁ ।

ଚାସ / ଅତେ - କନ୍ଧମାଳା ଚାଆ ସନାତିଙ୍ଗ ବୁଗିନ ହାସାଦ କା’ ତାନା ।

କ୍ଷେତ - କ୍ଷେତରେ ଗୋବର ଖତ ଦେଲେ ଭଲ ଫସଲ ହେବ ।

ଅତେ - ଅତେରେ ଗୁରିଇ ଏମେରେ ବୁଗିନ ଚାଆସ ହବାନା ।

## କଥୋପ କଥନ

## କାପାଗାର

## ଓଡ଼ିଆ- 'ମୁଣ୍ଡା'

## ୧ମ, ୨ୟ, ଓ ୩ୟ ଶ୍ରେଣୀ

| | | |
|---|---|---|
| ଓ | - | ତୁମର ନାମ କଣ ? |
| ମୁଣ୍ଡା | - | ଆମାଆ ନୁତୁମ ଚିନାଆ ? |
| ଓ | - | ତୁମ ବାପାଙ୍କ ନାମ କଣ ? |
| ମୁଣ୍ଡା | - | ଆମାଆ ବାବା/ଆପୁଙ୍ଗ ନୁତୁମ ଚିନାଆ ? |
| ଓ | - | ତୁମ ମାଆଙ୍କ ନାମ କଣ ? |
| ମୁଣ୍ଡା | - | ଆମାଆ ମାଆ/ଇୟାଙ୍ଗ ନୁତୁମ ଚିନାଆ ? |
| ଓ | - | ଆଜି କଣ ଖାଇଛ ? |
| ମୁଣ୍ଡା | - | ତିସିଙ୍ଗ ଚିନାଆ ଜମ୍‌ତାଡ଼ାମ ? |
| ଓ | - | (ନାମ) ଏଠିକି ଆସ । |
| ମୁଣ୍ଡା | - | (ନୁତୁମ) ନେନ୍ତାତେ ହୁଜୁଇମେ । |
| ଓ | - | ତାକୁ ଟିକିଏ କୁହ । |
| ମୁଣ୍ଡା | - | ଆୟେ ଜକା ଜାଗାରାଇମ ହୁଜୁଓ୍ୱେ । |
| ଓ | - | କାଲି ଆଗରେ ଆସିବ । |
| ମୁଣ୍ଡା | - | ଗାପା ଆୟାରତେ ହୁଜୁଉମେ । |
| ଓ | - | ତୁମେ ସ୍କୁଲକୁ କେତେବେଳେ ଆସ । |
| ମୁଣ୍ଡା | - | ଆମ ଚିମିତେଙ୍ଗ ଇସ୍କୁଲତେମ୍ ହୁଜା |
| ଓ | - | ସ୍କୁଲ କେତେବେଳେ ଛୁଟି ହୁଏ । |
| ମୁଣ୍ଡା | - | ଇସ୍କୁଲ ଚିମିତେଙ୍ଗ ଛୁଟିନେ । |
| ଓ | - | ସ୍କୁଲରେ ପ୍ରାର୍ଥନା କର କି ? |
| ମୁଣ୍ଡା | - | ଇସ୍କୁଲରେ ବଙ୍ଗାଦୂରେଙ୍ଗୟାଚି ପେ ? |
| ଓ | - | ପିଲାମାନେ ବୁଝିଲ କି ? |
| ମୁଣ୍ଡା | - | ହୋନକ ସମଝାଅଜାନାଚି ପେ ? |
| ଓ | - | ଜାଣିଥିବା ପିଲା ହାତ ଟେକ । |
| ମୁଣ୍ଡା | - | ଆଦାନା/ଏତଆନ ହୋନକ ତିଇ ଦନ୍ଦୟେପେ । |
| ଓ | - | ଡ଼ର ନାହିଁ । |
| ମୁଣ୍ଡା | - | ଆଲପେ ବରୟା । |

| | | |
|---|---|---|
| ଓ | - | ନ ବୁଝିଲେ ପଚାର । |
| ମୁଣ୍ଡା | - | କାପେ ସମଝଅକାନରେ କୁଲିପୋ/କାଜିପେ । |
| ଓ | - | ପିଲାମାନେ ପାଟି କର ନାହିଁ । |
| ମୁଣ୍ଡା | - | ହୋନକ ଆଲପେ କାକାଲାୟା । |
| ଓ | - | ଦଳ ଗଠନ କର । |
| ମୁଣ୍ଡା | - | ଗଅଟ ବାୟିପେ । |
| ଓ | - | ସମସ୍ତେ ଅଂଶ ଗ୍ରହଣ କର । |
| ମୁଣ୍ଡା | - | ସାବିନକ ଭାଗା ଇଟିପେ । |
| ଓ | - | ଡ୍ରିଲ କର । |
| ମୁଣ୍ଡା | - | ଡ୍ରିଲଲେ ମେଂ । |
| ଓ | - | ଖେଳ ପଡିଆକୁ ଯିବି । |
| ମୁଣ୍ଡା | - | ଇନୁଙ୍ଗ ପାଲିୟେତେଞ୍ଜ ସେନୁଆ । |
| ଓ | - | ପୁରସ୍କାର ପାଇବା । |
| ମୁଣ୍ଡା | - | ପୁରସ୍କାର ନାମେୟାବୁ । |
| ଓ | - | (ନାମ) ଉଠ । |
| ମୁଣ୍ଡା | - | (ନୁତୁମ) ଉଟେନେମେ । |
| ଓ | - | ସମସ୍ତେ ଧାଡ଼ିରେ ଠିଆ ହୁଅ । |
| ମୁଣ୍ଡା | - | ସାବିନେକ ଦା-ଆଲି ରେ ତିଙ୍ଗୁନପେ । |
| ଓ | - | ଆଖି ବନ୍ଦ କର । |
| ମୁଣ୍ଡା | - | ମେଡ଼ ଢାପିଡ଼େପେ । |
| ଓ | - | (ନାମ) ଘଣ୍ଟା ବଜାଅ । |
| ମୁଣ୍ଡା | - | (ନୁତୁମ) ଘାଣ୍ଟି ସାଲିପେ । |
| ଓ | - | ନଖ କାଟିଛ । |
| ମୁଣ୍ଡା | - | ସାର ସାର ହାଡ଼ାକାପେ । |
| ଓ | - | ମୁଣ୍ଡରେ ତେଲ ଲଗାଇଛ । |
| ମୁଣ୍ଡା | - | ବ-ଅରେ ସୁନୁମେକେନେପେ । |
| ଓ | - | ଖବର କାଗଜ ପଢ଼ । |
| ମୁଣ୍ଡା | - | ଖବର କାଗଜ ପାଳାଅୟେପେ । |
| ଓ | - | ତୁ ତାକୁ କଣ କଲୁ ? |
| ମୁଣ୍ଡା | - | ଆମ୍ ଆୟେମ୍ ଟିକେକିଏ ? |

ଓ - ନ ଜାଣିଲେ ମୋତେ ପଚାର ।
ମୁଣ୍ଡା - କାପେ ଏତୟେରେ ଆଇଙ୍ଗ୍ କେ କୁଲିପେ ।
ଓ - ବର୍ତ୍ତମାନ ବହି ବାହାର କର ।
ମୁଣ୍ଡା - ନାଁଆ କିତେବ ଅଣ୍ଡଙ୍ଗପେ ।
ଓ - ଫୁଲ ଗଛରେ ପାଣି ପକାଅ ।
ମୁଣ୍ଡା - ବାଆ ଦାରୁରେ ଦା-ଆ ଏମେପେ/ଦୁଲେପେ ।
ଓ - ତୁମ ବାରିରେ କି କି ଗଛ ଅଛି ।
ମୁଣ୍ଡା - ଆପେ ବାକାୟିରେ ଚିକାନ ଚିକାନ ଦାରୁ ମିନାଆ ।
ଓ - ନମସ୍କାର କର ।
ମୁଣ୍ଡା - ଜୁହାରରେପେ ।
ଓ - ଅଳିଆ ଗାତରେ ପକାଅ ।
ମୁଣ୍ଡା - ଜବରାକ ଡାକୁଡରେ ଏଣ୍ଡାୟେପେ ।
ଓ - ଜ୍ୱର ହେଲେ କେଉଁ ଔଷଧ ଖାଇବ ।
ମୁଣ୍ଡା - ହାସୁଜେନରେ ଅକମ/ଚିକାନ ରେଡରାନୁ ଜମେୟାପେ ।
ଓ - ଅଳସୁଆ ଦୁଃଖ ପାଏ ।
ମୁଣ୍ଡା - ଲାଣ୍ଡିଏ ହୋ ଦୁକୁ ନାମେୟା ।
ଓ - ତୁମ ପଡିଶା ଘରେ କିଏ ରହନ୍ତି ?
ମୁଣ୍ଡା - ଆପେ ଅଓ୍ୱା ଜାପାରେ ଅକୟେ ତାଇନତେନେ ?
ଓ - ନଖ ଛାଡିଲେ କଣ ହେବ ?
ମୁଣ୍ଡା - ସାରସାର ଅଚଅଜାନରେ ଚିନାଆ ହବାନା ?
ଓ - ସମସ୍ତେ ମିଳିମିଶି ଖେଳିବା ।
ମୁଣ୍ଡା - ସାବିନେକ ମିଶେକାନ୍ତେ ଇନୁଂପେ ।
ଓ - କଳି କର ନାହିଁ ।
ମୁଣ୍ଡା - ଆଲପେ ଏପେରାଙ୍ଗା ।
ଓ - ଆହା
ମୁଣ୍ଡା - ଓ ହୋ
ଓ - ମୁଁ କହୁଛି ତୁମେ ଶୁଣ ।
ମୁଣ୍ଡା - ଆଞ୍ଜ୍ ଜାଗାରତାନା ଆମ ଆୟୁମେ ।
ଓ - ଖାତା ଅଦଳ ବଦଳ କରିବ ।
ମୁଣ୍ଡା - ଖାତା ବପଦଲପେ ।

ଓ - ଗୋଳେଇ କରି ବସ ।
ମୁଣ୍ଡା - ଗେଲକେଏତେ ଦୁବପେ ।
ଓ - କେଉଁ ପଶୁମାନେ ଲୋକଙ୍କ ସହିତ ରହନ୍ତି ।
ମୁଣ୍ଡା - ଅକନ ଉରିଇମେରମକ ହୋ କଲଅକ ତାୟିନେ ।
ଓ - ତୁମେ ଘରେ କି କି ପକ୍ଷୀ ପାଳୁଛ ?
ମୁଣ୍ଡା - ଆପେ ଓ୍ୱାଆରେ ଚିକାନ ଅୟୋ/ଚେଣକ ଆସୁଲଢେଡକୁଆପେ ।
ଓ - କ'ଣ କରୁଥିଲ ?
ମୁଣ୍ଡା - ଚିନାଆମ ଚିକେ ତାୟିନେ ?
ଓ - ପାଣି ପିଇଲକି ?
ମୁଣ୍ଡା - ଦା ଆବେନ ନୁଉକିଡାଚି ?
ଓ - ପିଲାଟି ପଡିଗଲା ତାକୁ ଉଠାଅ ।
ମୁଣ୍ଡା - ହନ୍ ନୁରେୟାନ(ବାଡକେନୋ/ଇୟୁକେନେ) ଆୟେ ସାବିପେ (ହାଲାଂ ରାକାବିପେ)
ଓ - ତୁମ ଘରେ କିଏ ରୋଷେଇ କରନ୍ତି ?
ମୁଣ୍ଡା - ଆପେ ଓ୍ୱାଆରେ ଅକୟେ ଇସିନେ ?
ଓ - ତୁମ ଘରେ କିଏ କିଏ ରହନ୍ତି ?
ମୁଣ୍ଡା - ଆପେ ଓ୍ୱାଆରେ ଅକୟ ଅକୟ ମିନାଆକୁଆ ?
ଓ - ତୁମ ମାମୁଁ ଘର କେଉଁଠି ?
ମୁଣ୍ଡା - ଆମାଆ କୁମେ (ମାମୁଁ ) ଓ୍ୱାଆ ଅକରେ ?
ଓ - ତୁମ ପାଖ ପିଲାକୁ ପଚାର ।
ମୁଣ୍ଡା - ଆମାଆ ଢାପାଆ ହନ କୁଲିମେ ।
ଓ - ଛାଡ଼ି ଛାଡ଼ି ବସ ।
ମୁଣ୍ଡା - ବାଗେ ବାଗେ ଦୁବପେ ।
ଓ - ନିଜ ନିଜ ବହି ଖୋଲ ।
ମୁଣ୍ଡା - ଆପାନ୍ ଆପାନ୍ କିତେବ ଉଟାୟେ ପେ ।
ଓ - ତୁମେ ବଡ଼ ହେଲେ କଣ କରିବ ?
ମୁଣ୍ଡା - ମାରାଂଢାନରେମ୍ ଆମ ଚିନାଆମ୍ ଚିକେ ?
ଓ - ତାଳି ମାର ।
ମୁଣ୍ଡା - ତିଇ ତାପିଙ୍ଗପେ ।

ଓ - ତୁମ ଶ୍ରେଣୀ ରେ ମନିଟର କିଏ ?

ମୁଣ୍ଡା - ଆପେ ଶ୍ରେଣୀରେନ ମନିଟର ଅକୟେ ?

ଓ - ତୁମକୁ କିଏ ମାରିଲା ?

ମୁଣ୍ଡା - ଅକୟେ ତାମକେଡ଼ମିୟା / ଆମକେ ଅକୟେ ତାମକେଡ଼ମିଆ ?

ଓ - କାହିଁକି କାନ୍ଦୁଛ ?

ମୁଣ୍ଡା - ଚିନାଆରିଆମ ରାଆତାନା ?

ଓ - ମନଦେଇ ଶୁଣ ।

ମୁଣ୍ଡା - ଦେୟାନତେ ଆୟୁମେପେ ।

ଓ - ଗପ ଶୁଣ ।

ମୁଣ୍ଡା - କାହାନି ଆୟୁମେପେ ।

ଓ - ତୁମ ପ୍ରଧାନ ଶିକ୍ଷକଙ୍କ ନାମ କଣ ?

ମୁଣ୍ଡା - ଆପେୟା ମାରାଂଗୁରୁଏ ନୁତୁମ ଚିନାଆ ?

ଓ - ପିଲାମାନେ ହାଜେରା ପକାଅ ।

ମୁଣ୍ଡା - ହୋନକ ହାଜିରିନ୍‌ପେ ।

ଓ - ତୁମେ ଏଠିକି ଆସ ।

ମୁଣ୍ଡା - ଆମ ନେନ୍ତାତେ ହୁଜୁଉମେ ।

ଓ - ତୁମ ଗ୍ରାମର ନାମ କଣ ?

ମୁଣ୍ଡା - ଆପେ ହାତୁ ନୁତୁମ ଚିନାଆ ?

ଓ - ତୁମେ ସକାଳେ କଣ କର ?

ମୁଣ୍ଡା - ଆମ ସିତାଆପାଙ୍ଗ ଚିନାଆମ ଟିକେ ?

ଓ - ସକାଳୁ ଉଠି ମୁହଁ ଧୋଇବା ।

ମୁଣ୍ଡା - ସିତାଆ ଉଠେଙ୍ଗେନତେ ମେଡ଼ମୁଟେ ଆବେନାବୁ ।

ଓ - ସକାଳୁ ଉଠି ଦାନ୍ତ ଘଷିବା ।

ମୁଣ୍ଡା - ସିତାଆ ଉଟେଙ୍ଗେନତେ କାରକାଡ଼େନାବୁ ।

ଓ - ଉଷୁମ ଖାଦ୍ୟ ଖାଅ ।

ମୁଣ୍ଡା - ଉରଗୁମ୍ ଜମାଆ ଜମେୟାବୁ ।

ଓ - ବାସି ଖାଦ୍ୟ ଖାଇଲେ ରୋଗ ହୁଏ ।

ମୁଣ୍ଡା - ବାସି ଜମାଆ ଜମେରେ ହାସୁ (ରୁଗା ) ନାମାଆ ।

ଓ - ମାଛି ବସା ଖାଦ୍ୟ ଖାଇବ ନାହିଁ ।

ମୁଣ୍ଡା - ରକକ ଦୁବୁଲେନ ଜମାଆ ବାବୁ ଜମେୟା ।

ଓ - ଟକା ପକେଇ ବସ ।

ମୁଣ୍ଡା - ପାଟଗାଣ୍ଟୁକେଏତେ ଦୁବପେ ।

ଓ - ସାନ ପିଲାଙ୍କୁ ସ୍ନେହ କର ।

ମୁଣ୍ଡା - ହୁଳିଂ ହନକକେ ଦୁଲେଲ କପେ ।

ଓ - ଆସନ୍ତା କାଲି ( ବିଷୟ ) ଲେଖି ଆଣିବ ।

ମୁଣ୍ଡା - ଗାପା ଅଲକେଏତେ ( ବିଷୟ ) ଆଗୁୟିପେ ।

ଓ - ଦୁଷ୍ଟ କଥା ହୁଅ ନାହିଁ ।

ମୁଣ୍ଡା - କାରାବ୍ ଜାଗାରକ ଆଲପେ ଜାଗାରିୟା ।

ଓ - ଏଇଟା ତାକୁ ଦେ ।

ମୁଣ୍ଡା - ନେୟା ଆୟେ ଇମାୟିମେ ।

ଓ - ତୁମେ ଦୁହେଁ ବାଣ୍ଟିଦିଅ ।

ମୁଣ୍ଡା - ଆବେନ ବାରଅ ହାଟିଙ୍ଗେବେନ ।

ଓ - କାନ୍ଦୁବାଡ଼ ମଇଳା କର ନାହିଁ ।

ମୁଣ୍ଡା - କାଅାଁତ ବାକାୟିକ ଆଲପେ ମାୟେଲାୟା ।

ଓ - କଣ ହେଲା ପିଲେ ?

ମୁଣ୍ଡା - ଚିନାଆ ହବାଜାନା ହନକ ?

ଓ - ତାର ସିଙ୍ଗାଣି ପୋଛି ଦିଅ ।

ମୁଣ୍ଡା - ଆୟା ସୁଲୁଇ ଜଡ଼ତାୟିପେ ।

ଓ - ସାର୍ଟର ବୋତାମ ଲଗାଅ ।

ମୁଣ୍ଡା - ସୁତୁଇରିୟା ବଟମ ଲଗାୟମେ ।

ଓ - ଭଲରେ ପଢ଼ିଲେ ପାସ ହେବ ।

ମୁଣ୍ଡା - ବୁଗିଲିକା ( ବୁଗିନତେ ) ପାଳାଅରେପେ ପାଆସୟାପେ ।

***